# UTKALAYANA



## ALUMNI ASSOCIATION
## UTKAL UNIVERSITY

www.utkalalumni.in

January 2022



**The new Administrative Building of Utkal University**

**ALUMNI ASSOCIATION - UTKAL UNIVERSITY**

Regn. No:216/18202000024 of 2020-2021
Office : ALUMNI OFFICE, Utkal University, Vani Vihar, Bhubaneswar - 751004, Odisha.
Email : alumniassociation.utkal@gmail.com



# Message

The years 2020 and 2021 have been traumatic for all of us. Some of us have lost our near and dear ones. Some have lost their jobs. We have all been banished to our homes. The little pleasures of life such as meeting friends over a cup of tea have become such an adventure. We have been groping in the twilight of hope and despair, not knowing when we can once again see the blue sky.

But mankind has survived for more than 200,000 years notwithstanding disasters of colossal proportions, natural as well as man-made. So let me start by wishing all of you a bright New Year, 2022 – a year of health, happiness, creativity and success. Through the gloom and uncertainty of today, we should chart our course of action for tomorrow as the Alumni Association of Utkal University.

We are particularly fortunate to have amongst us two of our star members adorning the two most important positions in the field of higher education, namely, Shri Dharmendra Pradhan, Hon'ble Minister for Education and for Skill Development and Entrepreneurship, Government of India, and Shri Arun Kumar Sahoo, Hon'ble Minister for Higher Education, Agriculture & Farmer Empowerment, Fisheries and Animal Resources Development, Government of Odisha. They have contributed immensely to the growth of the Association at its birth and during in its infancy by their active support and encouragement.

Thanks to the effort of some members, we have been able to enrol more than 130 members in the Association. For the mother of all Universities which has celebrated its platinum jubilee, this number is a drop in the ocean. I would appeal to all the members and the alumni who are all over the globe to come together and assist our alma mater and the students to achieve global standards of education. Here are some of our activities over the last two years and our plans for the New Year.

We are very thankful to the Madam Vice Chancellor for setting up a core group of Professors to connect with the alumni. We place on record our deep sense of appreciation for the enthusiastic support we have been receiving from the Honourable Vice Chancellor and from the members of the Alumni connect in all our activities.

Our distinguished alumni have been delivering talks every month under the programme, “Meet the Alumni”, on various topics such as nano sciences, meteorological studies, advanced physics, literature, art and culture,and so on. They have promised help in setting up collaboration with foreign Universities, formulation of new courses, summer placements for students etc.

The Association has taken a number of steps to keep the campus free of single use plastic. Eco clubs have been formed in different Departments to enlist the support and participation of students in keeping the campus clean and green. Mega camps have been held from time to time in which all the residents of the campus have participated in a mission mode.

Plantation of fruit bearing and shade giving trees has been taken up in the hostels and other public places within the campus. It is heartening to note that the survival rate of the plants has been appreciable which proves that there is a sense of ownership of the plants among the inmates.

Career counselling sessions have been taken by our distinguished alumni. Steps have been taken for sensitizing the alumni and faculty for mentoring the students. Spoken English sessions have been held.

We would like to expand our activities in the New year too. While our efforts for improving the physical environment of the campus will continue, we will reach out to the alumni and utilize the unique position that they hold in their respective institutions to enrich the intellectual capital of the University.Specific programmes will be conducted for career opportunities in various sectors such as Banking, Financial Services, Insurance, Hospitality, Retail etc. We would also like to assist the students in their preparation for the various competitive examinations.

The Alumni Association will lend its support to the University in making the campus life more vibrant. Be it sports or cultural activities or matters relating to current affairs, the experienced members would like to contribute towards a continuous stream of activities round the year. This is, however, subject to the guidelines issued by the Government and the University authorities relating to physical gatherings in the wake of the pandemic.

We will soon be engaging with the University authorities to create a shelf of projects for improving the physical infrastructure of the campus based on which we intend organizing a CSR conclave with the help of the distinguished alumni in the corporate world for fulfilment of the objectives.

We also plan to hold a mega placement camp for the students by enlisting the support of our alumni. This is, however, subject again to the vagaries of the pandemic and the travel restrictions which it entails.

We are happy to note that the University has set up a Centre for Innovation and Incubation in order to foster a spirit of enterprise among the students. The Association would be eager to connect its vast network of alumni to the budding entrepreneurs for various types of assistance.

The lofty objectives set before ourselves cannot be achieved unless the Association builds up a sizeable corpus fund for the purpose. We are grateful to Shri Dharmendra Pradhan, Hon'ble Minister for Education and Skill Development, for being an early contributor to the corpus. Similar gesture by the other members of the alumni will greatly enhance the capability of the Association to fulfil its tasks for the betterment of the University.

The Alumni of Universities in the advanced countries have played very significant role in shaping the future of the institution. The IITs have also set up a similar tradition in our country. But the other Universities have by and large not been able to take advantage of their alumni. It is high time we came forward to extend our support and cover our University with glory. This would be our humble tribute to the alma mater for making us what we are.

**B. K. Patnaik**
**President**
**Alumni Association**

## EDITORIAL BOARD

* Debasish Dasgupta
* Radhakanta Pani
* Amiya Kumar Mahanty
* Satrujit   and
* Mrutyunjay Sarangi (Chief Editor)

# EDITORIAL

Dear Friends,

A Very Happy New Year to all of you.

We have great pleasure in presenting to you the second edition of Utkalayana, the eMagazine of The Aumni Association of Utkal University. We do hope that you have enjoyed the inaugural edition published in August, 2021.

New Year is the time to look forward to good times with hope in heart and smile on the lips. With the joy of Christmas still keeping the spirits aglow, the soul yearns for bliss and fulfilment. Hopefully the horrors of the past year will recede to the pages of history and the coming year will bring joyful tidings to every home. The worst of Corona should soon be over and the human race is probably witnessing the dying embers of a dreadful curse.

New Year is also the time to renew our pledge to give, share and rejoice in the spirit of humanity. What better way to do it than recollecting a masterpiece of a story? We take the liberty of reproducing it, with the hope that you will enjoy it as much as we did,

**The Inverted Cross**

**Sreekumar K**

All her children, three boys and two girls, her annual productions, had gone to bed. No, not to bed since there was no bed, but torn wall posters spread around where the foot path was the widest. The wall posters showed the famous movies stars and every night there was a fight on who slept on whom.

On a chilly night like this no one likes to see a leper, more so if he is walking towards you and even more so if the only place you can withdraw into, your own house, happens to be a sheet of plastic stuck on a single pole much shorter than you. That was the predicament she found herself now.

She knew he was a leper, his limbs were all bandaged, a bundle under his arm, a begging bowl in his hand. On the other hand he had a short piece of reed with a few holes burned into it, almost a flute which made his a street entertainer, one of the many who wander around in the city. He came in and beyond him the sky lit up with the fireworks going up near the church. She wanted to wake up her children to see that. It was Christmas eve.

“Jesus! It is so beautiful,” she exclaimed.

The leper also turned back to look at the sky and turned back with an expression of cynical disdain. She stood outside the hut as if it was not hers at all. He may look around and go away. She herself had nothing; a beggar, even on a Christmas night as this was unwelcome and there was nothing unfair about it.

But he rudely went past her and sat down. Now what! Sing a carol song for nothing? Not bad!

He took a few loaves of bread from his cloth bag and the children who were fast asleep jumped up and stood around him. When you are hungry, food has such a strong aroma.

Each of them got a loaf and they sat down munching it. He took out his flute and played a tune.

The children seemed to have heard it before. He asked them whether they would like to hear stories. They said yes. He gave them the choice of a subject. One of them put up his half bitten loaf of bread and said he wanted to hear a story about bread. He told them the story of how Christ fed five thousand people with just five loaves of bread. He added that it is no miracle. Tongue in cheek, he told them, it would have been a miracle, had he made five people eat five thousand loaves of bread, even five hundred would have been impressive. The children were so hungry that one of them said it might be possible for them to finish five thousand loaves. But one of them smelled the bread doubtfully and said, “Not this kind of bread.”

He told them the story had another meaning. The woman was also attentive now.

“See, me, a stranger comes in and gives you a loaf each. When you grow up and be like your mother or me wouldn't you do the same for other children. Now if each of you do it ten times that will be fifty people fed. Now they too may do it and in no time you have fed five thousand people with five loaves of bread since that was how it all started."

The woman was moved. She didn't expect this. Jesus! This man was something.

The children also agreed. He was about to go. He got up. Tuned around and asked the children why don't they have a Christmas tree. He asked for a cross lying in the corner of their hut. The eldest one had made it when he attended a free carpentry workshop. He planted it upside down outside the hut right on the pavement and asked them to decorate it with whatever they could find.

So saying he hugged the woman and walked away to cross the street.

She didn't appreciate him hugging her like that in front of the children, he being a stranger, though older than her dead husband and younger than her father.

He was now crossing the street and she was looking at the children trying to decorate the upside down cross like a Christmas tree. She felt hurt to see the cross planted upside down. It was an unholy act on a Christmas night like this, or any day for that matter.

A car was speeding down the street zigzagging with some people coming back from the Christmas party. It was pretty dark and she couldn't see what was happening.

Had he crossed....? She held her breath............

“Jesus!”

The car had passed by. From the other side, the man asked her something, his hands cupped around his mouth. Still he wasn't loud enough. She shook her head from side to side to say, she didn't need any more bread.

But she was not sure that was what he had asked her. But he had gone. It was only later that she figured out his exact words.

“Did you call me?"

(Excerpted from the 100th edition of the eMagazine LiteraryVibes http://www.positivevibes.today/article/newsview/365)

And we can't resist the temptation of sharing another heart-warming story narrated by Katherine Hepburn, the famous Diva of Hollywood:

“Once when I was a teenager, my father and I were standing in line to buy tickets for the circus.

Finally, there was only one other family between us and the ticket counter. This family made a big impression on me. There were eight children, all probably under the age of 12. The way they were dressed, you could tell they didn't have a lot of money, but their clothes were neat and clean. The children were well-behaved, all of them standing in line, two-by-two behind their parents, holding hands. They were excitedly jabbering about the clowns, animals, and all the acts they would be seeing that night. By their excitement you could sense they had never been to the circus before. It would be a highlight of their lives.

The father and mother were at the head of the pack standing proud as could be. The mother was holding her husband's hand, looking up at him as if to say, "You're my knight in shining armor." He was smiling and enjoying seeing his family happy.

The ticket lady asked the man how many tickets he wanted? He proudly responded, "I'd like to buy eight children's tickets and two adult tickets, so I can take my family to the circus." The ticket lady stated the price. The man's wife let go of his hand, her head dropped, the man's lip began to quiver. Then he leaned a little closer and asked, "How much did you say?" The ticket lady again stated the price.

The man didn't have enough money. How was he supposed to turn and tell his eight kids that he didn't have enough money to take them to the circus? Seeing what was going on, my dad reached into his pocket, pulled out a $20 bill, and then dropped it on the ground. (We were not wealthy in any sense of the word!) My father bent down, picked up the $20 bill, tapped the man on the shoulder and said, "Excuse me, sir, this fell out of your pocket."

The man understood what was going on. He wasn't begging for a handout but certainly appreciated the help in a desperate, heartbreaking and embarrassing situation. He looked straight into my dad's eyes, took my dad's hand in both of his, squeezed tightly onto the $20 bill, and with his lip quivering and a tear streaming down his cheek, he replied; "Thank you, thank you, sir. This really means a lot to me and my family."

My father and I went back to our car and drove home. The $20 that my dad gave away is what we were going to buy our own tickets with. Although we didn't get to see the circus that night, we both felt a joy inside us that was far greater than seeing the circus could ever provide.

That day I learnt the value to Give. The Giver is bigger than the Receiver.

If you want to be large, larger than life, learn to Give. Love has nothing to do with what you are expecting to get - only with what you are expecting to give - which is everything.

The importance of giving, blessing others can never be over emphasized because there's always joy in giving.

Learn to make someone happy by acts of giving."

~ Katharine Hepburn

Friends, we are sure you must be having many such inspiring stories to share, including your own pieces of writing. Please send them to us for including in Utkalayana. We hope you will enjoy the articles in the current edition. Please send your feedback and your articles to utkalayana@gmail.com

Looking forward to meeting you all again in April, 2022 with the next edition of Utkalayana.

**With warm regards,**
**Editorial Board**
**Utkalayana**

## GUIDELINES FOR UTKALAYANA

1. Utkalayana will be published as an eMagazine in the first week of each quarter, i.e; in January, April, July and October.

2. It will be bi-lingual - articles in Odia and English will find a place in Utkalayana.

3. It will host articles from the Alumni, the faculty, current students of the University and eminent writers.

4. While promoting and propagating talent in literary writings such as Poems and Short stories, Utkalayana will also encourage articles on contemporary socio-economic issues and on policy initiatives particularly in the field of education. Reminiscences and anecdotal articles on Utkal University will be welcome. Utkalayana will not publish any article directly or indirectly promoting political agenda, or conflicts on caste, community or regligious lines.

5. Since it is an eMagazine which will be mostly read in hand held electronic instruments, articles should be ideally of small size, preferably around 1000 words.

6. All efforts should be made by the contributors to ensure that the language of the articles should not be offensive, or indecent in any manner.

7. The deadline for submission of the articles will be the 10th of the previous month in which the magazine is going to be published. For example, for the edition to be published in the 1st week of January, the deadline will be the 10th of December.

8. All submissions should be accompanied by a passport size photograph and a short biodata of the writer. The biodata should be limited to fifty words and should clearly mention the years and the Department in which the contributor studied in the university.

9. All the articles should be sent to utkalayana@gmail.com Only articles sent in MS Word documents will be accepted.

10. All feedback and suggestions should be sent to the Editorial Board at utkalayana@gmail.com

11. Decision of the Editorial Board in selection and editing of the articles will be final.

12. The views and opinions expressed in the articles will be entirely and unequivocally of the writer. Neither the Editorial Board of Utkalayana nor the office bearers of the UU Alumni Association will be responsible for them in any manner.

# CONTENTS

## ଓଡ଼ିଆ ବିଭାଗ

### କ୍ଷୁଦ୍ରଗଳ୍ପ


| | | |
|---|---|---|
| ଅନ୍ଧକାରରେ ଆଖି | ପାରମିତା ଶତପଥୀ | ୧୩ |
| ନିଦ ଔଷଧ | କୃପାସାଗର ସାହୁ | ୨୬ |
| ଧର୍ମପତ୍ନୀଙ୍କ ଧର୍ମଘଟ | ପୀତବାସ ରାଉତରାୟ | ୨୯ |
| କନ୍ୟାଦାନ | ବିଜୟିନୀ ତ୍ରିପାଠୀ | ୩୫ |
| ଆହତ କୃଷ୍ଣଚୂଡ଼ା | ଶୈଳେନ୍ଦ୍ର କୁମାର ଜେନା | ୪୦ |


### କବିତା


| | | |
|---|---|---|
| ଅପେରା ସରିଲା ପରେ | ଡକ୍ଟର ପ୍ରସନ୍ନ କୁମାର ମହାନ୍ତି | ୪୬ |
| ଯଉଁ ନୟନରେ | ହୃଦାନଂଦ ପାଣିଗ୍ରାହୀ | ୪୭ |
| ରାତିରେ ବାଣୀବିହାର | ପ୍ରବୀର କୁମାର ଦାସ | ୪୮ |
| ନିରୁଦ୍ଦିଷ୍ଟ ଚିଠି | ନାରାୟଣ ଚନ୍ଦ୍ର ଧଳ | ୪୯ |
| ଟିକି ଚିଠିଟି ମୋ କୁନିପୁଅକୁ | ନୀଳାମ୍ବର ବିଶ୍ୱାଳ | ୫୦ |


### ପ୍ରବନ୍ଧ


| | | |
|---|---|---|
| ଇତିହାସ ପୁନର୍ଲିଖନ | ଡ: ଅମିୟ କୁମାର ମହାନ୍ତି | ୫୧ |
| ଆମ ଯୁବ ସମାଜର ଗତି କେଉଁଆଡ଼େ | ଅନସୂୟା ପଣ୍ଡା | ୫୪ |
| ପଥର ଦେହରେ ଫୁଟେ କବିତାର ଫୁଲ | ଦେବାଶିଷ ପାତ୍ର | ୫୭ |


## ENGLISH SECTION

### SHORT STORIES


| | | |
|---|---|---|
| Unseasonal Pineapple | Bijay Prasad Mahapatra | 62 |
| Milestone | Anjali Mohapatra | 66 |


### POEMS


| | | |
|---|---|---|
| A Road to Hathras | Pradeep Biswal | 69 |
| The Mermaid Story | Snehaprava Das | 70 |
| A Message For Bittu | Abanindra Udgata | 73 |


### ARTICLE


| | | |
|---|---|---|
| The Birth of Modern - Education in India | Debasish Dasgupta<br>Prateek Dasgupta | 74 |

# ଅନ୍ଧକାରରେ ଆଖି

ପାରମିତା ଶତପଥୀ



କିଏ ସେ କବାଟ ଖଡ଼ଖଡ଼ କରୁଛି ? ପୁଣି ଏତେ ରାତିରେ ? କାନ୍ଥରେ ଟଙ୍ଗା ହେଇଥିବା ଘ□ାକୁ ନିରେଖିବାକୁ ଚେଷ୍ଟାକଲା ନିଶା । ଅନ୍ଧାର କିଟିକିଟି । ହେଲେ ଅନ୍ଧାରରେ ଏଇ ଘ□ାଟା ସେ ଦେଖିପାରେ । ଘ□ା ଦେଖିବା ଅଭ୍ୟାସ ସେ କରିଛି, କାରଣ ତା'କୁ ପ୍ରତିଥର ଘ□ା ଦେଖିବାକୁ ହୁଏ । ଘ□ାଟେ ମାନେ ଘ□ାଟେ.....

ଠକ୍ ଠକ୍ ଠକ୍ ...

ପୁଣି ଶବ୍ଦ ! ରାତି ଚାରିଟା ବାଜିବାକୁ ପା□ମିନିଟ୍ ଅଛି । ଏମିତି କବାଟ ବାଡ଼େଉଛି କିଏ ? ପୁଣି ଏତେ ଥର ? ଲକ୍‌ଡାଉନ୍ ପରଠାରୁ ଆଉ କରୋନା ଭୟରୁ ରାତିରେ ତ ଆଉ କିଏ ଆସିବାର ନାହିଁ । ସେ ଆଜିକାଲି ନିଶ୍ଚିନ୍ତରେ ଶୋଉଛି । ଅଭ୍ୟାସ ଯୋଗୁ ପ୍ରଥମେ ପ୍ରଥମେ ରାତିରେ ନିଦ ହେଉ ନଥିଲା । ସେ ବରାବର ନିଦ ବଟିକା ଖାଇ, ନାଲିପାଣିରୁ ମୁନ୍ଦେ ମୁନ୍ଦେ ପିଇ ଶୋଇବାକୁ ଆରମ୍ଭ କଲା । ଆଉ ଧୀରେ ଧୀରେ ଆରାମରେ ଶୋଇଲା ।

ଠକ୍ ଠକ୍ ଠକ୍ ...

ରାତିରେ ତା' ନିଦ ପତଳା । ଟିକିଏ ଖୁଡ୍‌ଖାଡ୍ ହେଲେ କି ବାହାରେ କୁକୁର ଭୁକିଲେ ନିଦ ଏବେ ବି ଭାଙ୍ଗିଯାଏ । ପୁଣି ମୁହଁରେ ତକିଆ ମାଡ଼ିଦେଇ ଶୋଇବାକୁ ଚେଷ୍ଟାକଲେ ସେ । ହେଲେ ଏଇ କବାଟ ବାଡ଼େଇବାଟା ଚାରିଥର ହେଲା । ରହି ରହି – ପ୍ରାୟ ଦି' ତିନି ମିନିଟ୍‌ରେ ଥରେ । ଯିଏ ବାଡ଼େଉଛି ସେ ଚାହୁଁଛି ଯେ ସେ ନିଦରୁ ଉଠୁ ଓ କବାଟ ଖୋଲୁ ।

କିଏ ହେଇପାରେ ? ଗରାଖଟେ କି ଆଉ ?

ଧନ୍ଦା ତ ବନ୍ଦ ଲକ୍‌ଡାଉନ୍ ପରଠାରୁ । ଲାଗୁଆ ଗରାଖମାନେ ବି ଆସିବା ବନ୍ଦ କରିଦେଲେ । ମାସଟାଏ ଯାହା ଟଙ୍କା ରଖିଥିଲା ସେଥିରେ ଚଳିଗଲା । ଏଇ ଦ୍ୱିତୀୟ ମାସରେ ବଡ଼ କଷ୍ଟ ହେଉଛି । ପା□ ଛଅ ହଜାର ଟଙ୍କା ଜମା ପଡ଼ିଛି ଟ୍ରଙ୍କ୍‌ରେ । ତା'କୁ ବାହାର କରିବାକୁ ହାତ ଯାଉନାହିଁ । ଶୁଣିବା କଥା ଯେ ଏଇ କରୋନା କୁଆଡ଼େ ବର୍ଷେ ଦି' ବର୍ଷ ଚାଲିବ । ଯଦି କରୋନା ଛାଡ଼ି ନ ଯାଏ ଆଉ ଲକ୍‌ଡାଉନ୍ ନ ଖୋଲେ ତ ଏଇ ପଇସାରୁ ଚଳିବାକୁ ପଡ଼ିବ । ଗହଣା ଖଣ୍ଡିଏ ଦି'ଖଣ୍ଡ ଯାହା ତା'ର ଅଛି ହୁଏତ ବିକିବାକୁ ପଡ଼ିବ । ହେଲେ ବିକିବ ବି କୋଉଠି ? ଛୋଟମୋଟ ସୁନା ଗହଣା ଦୋକାନ ବି ବନ୍ଦ । ଖାଲି ଯାହା ଡାଲି, ଚାଉଳ, ପରିବା ଦୋକାନ ଖୋଲୁଚି କେତେ ଘଡ଼ି, ପୁଣି ଦିନେ ଛାଡ଼ି ଦିନେ ।

ଛଗନ ଭୈୟା ପଇସାଟିଏ ଦେବାକୁ ନାରାଜ । କେତେ କମିସନ୍ ଖାଇଛି ତା'ଠାରୁ । ହେଲେ ଏବେ କହୁଛି ତୁ ତ ଏକ୍ଲା ନୁହେଁ, ତୋ'ରି ପରି ମୋର କୋଡ଼ିଏ ଜଣ । ଏତେଗୁଡ଼ା ମାଇକିନିଆଙ୍କୁ ବସେଇ କରି ଖାଇବାକୁ ଦେବି କୋଉଠୁ ? ଆଣିବି କୁଆଡୁ ? ମୋତେ ଆଉ ଫୋନ୍ କରିବୁ ନାହିଁ । ତଥାପି ଦୁଇ ତିନିଥର ତା'କୁ ଫୋନ୍ ଲଗେଇଥିଲା ନିଶା । ଭାବିଥିଲା ନେହୁରା ହେଇ, କାକୁତିମିନତି କରି କହିବ । ଧନ୍ଦା ଆରମ୍ଭ ହେଲେ ପୁଣି ଶୁଝିଦେବ ।

'ଧନ୍ଦାଫନ୍ଦା ଏବେ ବନ୍ଦ ବର୍ଷେ ଦି'ବର୍ଷ, ବୁଝିଲୁ । କରୋନା ଡରରେ କେହି ତୁମ ପାଖକୁ ଆସିବେ ନାହିଁ । ତେଣୁ ଧାରଉଧାର କଥା ଭୁଲିଯା'- ଶେଷଥର ମୋବାଇଲ୍‌ରେ ଏତକ କହିଥିଲା ଛଗନ ଭୈୟା । ତା' ପରଠାରୁ ତା' ମୋବାଇଲ୍ ବନ୍ଦ ।

ଠକ୍ ଠକ୍ ଠକ୍ ...

ଖଟ ଉପରୁ ଏଥର ଉଠିଲା ନିଶା । ଲୋକଟା ଦୁଆର ବାହାରେ ଠିଆ ହେଇଛି । ଯାଇନାହିଁ ।

ଚୋର ନୁହେଁ ତ ?

ଚୋର କ'ଣ ଏତେ ସମୟ ଧରି କବାଟ ବାଡ଼େଇବ ? ଆଉ ଏମିତି ଠିଆହେଇ ରହିବ କବାଟ ଖୋଲିବାକୁ ଅପେକ୍ଷା କରି ? ନିଶା ଘର ଗଳି ଛାଡ଼ି ଆର ଗଳିରେ ପୁଲିସ ଡେରା ପକେଇଛି । ରାତିରେ ବେଶି ପୁଲିସ ନଥିବେ । ଯିଏ ଥିବେ ହୁଏତ ଢୁଳେଇଥିବେ ବା ଶୋଇଥିବେ । ଟଳି ଟଳି ଉଠିଲା ନିଶା । ଏପର୍ଯ୍ୟନ୍ତ ନାଲିପାଣି ଗିଲାସକର ପ୍ରଭାବ ଯାଇନାହିଁ । କିଏ ଜାଣେ ମାଗେଣା ବାଲା ପୁଲିସ କନେଷ୍ଟବଳ ବି ହେଇପାରେ, ବି ନିଦ ହେଉ ନ ଥିବା କୋଉ ପୁରୁଣା ଗରାଖ !

ଏକଦମ୍ ଅଜଣା ଲୋକଟେ ଦୁଆର ସେପାଖେ । କିଛି କହୁନାହିଁ ବି ।

'କିଏ ? କ'ଣ ଦରକାର ? କାହିଁକି କବାଟ ବାଡ଼ୋଉଛ ଅଧ ରାତିରେ ?' ନିଶା ବିରକ୍ତିରେ ପଚାରିଲା । ଉ□ର ନାହିଁ! ଲୋକଟା ସେଇମିତି ଠିଆ ହୋଇଛି । କବାଟ ବନ୍ଦ କରିଦେବାକୁ ଚେଷ୍ଟା କଲା ନିଶା । ତତକ୍ଷଣାତ୍ ଗୋଡ଼ଟେ ଘର ଭିତରକୁ ଦେଇ ଅଧାଦେହ ଭ□ି କରିଦେଲା ଲୋକଟା । ଆରେ ! ବଡ଼ ଅଜବ କଥା ତ ! କଥା ନାହିଁ ବା□ା ନାହିଁ, ଏକଦମ୍ ଆସି ଘର ଭିତରେ ! ସେଇ ଅନ୍ଧାରରେ ବି ନିଶା ଜାଣିପାରିଲା ଯେ ଲୋକଟା ତା'ଘର ଭିତରେ ଆଖି ବୁଲାଉଛି । ଆରେ ଉଦ୍ଦେଶ୍ୟ ତା' ହେଲେ ଭଲ ନୁହେଁ ଏଇ ଲୋକଟାର ! ଚାହୁଁଛି କ'ଣ ଇଏ ? ଗୁଡ଼ାଏ ପିଇଛି ନା କ'ଣ ?

ଘର ବୋଲି ଖଣ୍ଡିଏ ଛଅ ଫୁଟ୍‌ରେ ଆଠ ଫୁଟ୍ ନୁଆଁଣିଆ ବଖରା ଛାତ ଆଜବେଷ୍ଟସ୍ । ଗଳିରେ ଏମିତି ଧାଉଡ଼ି ହେଇ ଘର । ପିଣ୍ଡାକୁ ପିଣ୍ଡା ଲାଗିଛି । ସେଇ ଘର ଭିତରେ କଣକୁ କରି ରୋଷେଇ ପାଇଁ ଗ୍ୟାସ୍ ଚୁଲା, ସିଲିଣ୍ଡର ରଖିଛି ସେ । ବାହାର ପଟେ ପା□ଟା ଘର ପାଇଁ ଗୋଟିଏ ପାଇଖାନା । ସେଇ ପାଇଖାନାରେ ଠିଆହୋଇ ବାଲ୍‌ଟିରୁ ପାଣି ନେଇ ଗାଧୋଇବା କଥା । ତା' ଘରକୁ ଲାଗି ବାଁ ପଟରେ ସ୍ୱାମୀ, ସ୍ତ୍ରୀ, ପୁଅ, ଝିଅ ଚାରିଜଣ ଗୋଟିଏ ବଖରାରେ ରୁହନ୍ତି । ପୁରୁଷ ଲୋକଟି ପାଣି ପାଇପ୍ ମିସ୍ତ୍ରି । ସେମାନେ ମାସେ ତଳୁ କେମିତି କ'ଣ କରି ନିଜ ଗାଁକୁ ଚାଲିଗଲେଣି । ଡାହାଣ ପଟ ବଖରାରେ ଡ୍ରାଇଭରଟେ ରହେ, ତା' ସ୍ତ୍ରୀ ଆଉ ବୁଢ଼ୀମାଆକୁ ଧରି । ଲାଇନ୍ ଟ୍ରକ୍ ଚଳାଏ ସେ । ଲକ୍‌ଡାଉନ୍ ଆରମ୍ଭରୁ ସେମାନେ ଅମ୍ବାଲା ଚାଲିଯାଇଥିଲେ । ସେମାନଙ୍କ ଭାଇ ଘରକୁ । ଦି'ପଟ ଘରେ କେହି ନାହାନ୍ତି । ଟିକିଏ ଡର ମାଡ଼ିଲା ନିଶାକୁ । ଆଖପାଖରେ ଆବାଜ ଶୁଣିଲେ ବି କେହି ଉଠିବେ ନାହିଁ । ତା' ଘରେ ରାତିରେ ଦୁଆର ଖଟଖଟ ହୁଏ, ସମସ୍ତେ ଜାଣନ୍ତି ତା' ।

ଲୋକଟା ଏଥର ଦୁଇଗୋଡ଼ ଘର ଭିତରେ ରଖିସାରିଥିଲା ଓ ଜାଣ ପୂରା ଘର ଭିତରକୁ ପଶି ସାରିଥିଲା । ବୋଧହୁଏ ଜାଣିବି ସାରିଥିଲା ଯେ ଘରେ ଆଉ କେହି ନାହାନ୍ତି । ସେତେବେଳେ ନିଶାର ମନେପଡ଼ିଲା ଯେ ସେ ଲାଇଟ୍ ଲଗେଇ ନାହିଁ । ଲାଇଟ୍ ମାନେ ଛୋଟିଆ ଚାଳିଶ ପାୱାର ବଲ୍‌ବଟେ ଗୋଟିଏ କାନ୍ଥରେ । ସୁଇଚ୍ ପାଖକୁ ହାତ ନେଇଛି କି ନାହିଁ, ତା' ହାତକୁ ଜାବୁଡ଼ି ଧରିଲା ଲୋକଟା । ତା' ମୁହଁକୁ ଚାହିଁବାକୁ ଚେଷ୍ଟାକଲା ନିଶା । ଅନ୍ଧାରରେ ତା' ଆଖି ଦି' ଟା ଜଳୁଥିଲା ଯେମିତି ।

ମାଆ ଲୋ ! ପାଟିରୁ ବାହାରି ଆସିଲା ନିଶାର । ପାପୁଲିରେ ଲୋକଟାର ବଳିଷ୍ଠ ଜାବ ବି କାଟୁଥିଲା ଟିକିଏ ।

ଲୋକଟା ଗରାଖ ତ ନୁହେଁ । ଚୋର କି ଭୂତ କି ବୁଲିବୁଲି ସ୍ତ୍ରୀ ଲୋକଙ୍କୁ ମାରୁଥିବା ମଣିଷ- ଯାହା ଟିଭିରେ ଦେଖିଚି ସିଏ ।

ଲୋକଟା ଘର ଭିତରେ ପଶି କବାଟ ଭିତରୁ ବନ୍ଦ କରିଦେଲା । ଏମିତି କଲା ଯେମିତି ଭଲ ଭାବରେ ଜାଣିଥିଲା ସେ କୋଉଠି ଛିଟିକିଣି ଅଛି । ଆହୁରି ଅନ୍ଧାର ହେଇଗଲା ଘର ଭିତରେ । ଖାଲି ଯାହା କାନ୍ଥ ଘ□ାଟା ଜଳୁଥିଲା - ଚାରିଟା ପନ୍ଦର । ଆଖି ଚାଲିଗଲା ନିଶାର ସିଆଡ଼କୁ । ଲୋକଟାର ମତଲବ କ'ଣ ? ନିଶା ଭାବୁଥିଲା ଯେ ସେ ପାଟି କରିବ ।

'ପାଟି କଲେ ମାରି ଦେବି । ମୋ ପାଖରେ ଛୁରି ଅଛି ।' ହିସ୍ ହିସ୍ କରି କହିଲା ଲୋକଟା । ନିଶାର ତ□ ଆଫା ଆଫା ହେବାକୁ ଆରମ୍ଭ କଲାଣି ସେତେବେଳକୁ ।

'ଝରକା ଖୋଲାଅଛି ?' ଲୋକଟା ପ୍ରଶ୍ନ କଲା ।

ବହୁତ କଷ୍ଟରେ ମୁଣ୍ଡ ହଲାଇଲା ନିଶା ।

'ଆଁ, ଖୋଲାଅଛି ନା ବନ୍ଦ ?' ଲୋକଟା ତା' ମୁଣ୍ଡ ହଲେଇବା ଦେଖିପାରିଲା ନାହିଁ ଅନ୍ଧାରରେ ।

'ନାଇଁ' ନିଶା ମୁହଁରୁ କଷ୍ଟରେ ବାହାରିଲା ।

'ମାନେ ?'

'ଝରକା ନାଇଁ ।' ନିଶା ଟିକିଏ ଜୋର୍ ଦେଇ କହିଲା ।

'ଆଚ୍ଛା । ଲାଇଟ୍ ଜଳା ।'

ନିଶା ଦୋଡ଼ିଗଲା ଲାଇଟ୍ ଜଳାଇବାକୁ । ଆଲୁଅ ଜଳିଲେ ଯେମିତି ସେ ରକ୍ଷା ପାଇଯିବ ।

'ଓଃ !' ଲୋକଟା ବସି ପଡ଼ିଲା ଘର ଭିତରେ ଥିବା ଗୋଟିଏ ମାତ୍ର ହାତ ନ ଥିବା ପ୍ଲାଷ୍ଟିକ୍ ଚେଆର୍‌ରେ । ଏଥର ଜାଣିପାରିଲା ନିଶା ଯେ କୋଉଠି ଚୋଟ ଲାଗିଛି ଲୋକଟା ।

'ପାଣି' ।

ଦୌଡ଼ିଗଲା ସେଇ ଛୋଟିଆ ଘରଟାରେ ନିଶା ଆଉ ପ୍ଲାଷ୍ଟିକ୍ ବୋତଲରୁ କାଢ଼ି କାଚ ଗ୍ଲାସ୍‌ରେ ପାଣି ବଢ଼ାଇଦେଲା ଲୋକଟା ଆଡ଼କୁ ।

'ଓଃ ! ଜୋର୍ କାମୁଡ଼ି ଦେଇଛି ।' ଏଥର ନିଶା ଆଡ଼କୁ ଚାହିଁଲା ଲୋକଟା ।

'କୁକୁର ।' କହିଲା ଆସ୍ତେ କରି ।

ସ୍ୱସ୍ତିର ନିଃଶ୍ୱାସଟେ ବାହାରିଗଲା ନିଶା ମୁହଁରୁ । ଓଃ ! ତା' ହେଲେ ଏଇ କଥା ! ହେଲେ ଏତେ ରାତିରେ ଲୋକଟା ବାହାରେ କରୁଥିଲା କ'ଣ ? ପୁଣି ଲକ୍‌ଡାଉନ୍‌ରେ । ତାକୁ କୁକୁର କାମୁଡ଼ିଲା ! ବିଜୁଳି ପରି କିଛି ଚାଲିଗଲା ମୁଣ୍ଡ ଭିତରେ ତା'ର । ଲୋକଟା ତା' ହେଲେ ଚୋରି କରିବାକୁ ବାହାରିଥିଲା ! ମୁହଁ ସହଜ ହେଇପାରିଲା ନିଶାର । ହେଲେ ପୁଣି ଦବିଗଲା ସେ । ତା' ଘରୁ ଆଉ ଚୋରି କରିବନି ତ !

'ଡେଟଲ୍ ଅଛି ?' ଲୋକଟି ଏଥର ସିଧା ଚାହିଁଲା ତା'କୁ । ନିଶା ମଧ୍ୟ ତା' ମୁହଁକୁ ଚାହିଁଲା । ହଃ ! ମରଦ ମୁହଁକୁ ଚାହିଁବାକୁ ସେ କେବେ ଡରିଛି ଯେ !

ଉ□ର ନ ଦେଇ ଡେଟଲ୍ ଆଉ ତୁଳା ଟିକିଏ ଆଣି ଲୋକଟାକୁ ଦେଲା ନିଶା । ତା' ଧନ୍ଦାରେ ଏସବୁ ରଖିବାକୁ ହୁଏ । ଲୋକଟା ନିଜ ବାଁ ପଟକୁ ନଇଁ ପଡ଼ିଲା ଓ ତୁଳାରେ ଡେଟଲ୍ ଢାଳି ବାଁ ଗୋଇଠିର ଏଡ଼ିରେ ଲଗାଇବାକୁ ଲାଗିଲା ।

'ଓଃ !' ପାଟିରୁ ବାହାରିଗଲା ଲୋକଟାର । ନିଶା ଉହୁଁକି ଦେଖିଲା ବାଁ ଗୋଇଠି ଉପରକୁ ଖଣ୍ଡିଆ ହେଇଛି ଲୋକଟାର, ବୋଧହୁଏ କୁକୁର ଦାନ୍ତ ଦାଗ । ରକ୍ତ ବାହାରୁଛି । ନିଶା ଦେଖିପାରିଲା ଯେ ଦୁଆର ପାଖରୁ ଲୋକଟା ବସିଥିବା ଚଉକିଯାଏ ଖଇରିଆ ଟୋପା ଟୋପା ରକ୍ତ ପଡ଼ିଛି । ଲୋକଟା ଏଥର ସେଇ ଚେୟାର୍‌ରେ ଆଉଜି ପଡ଼ିଲା ?

'ରାତିଟା ରହିବି ଏଇଠି ।' ନିଶା ଆଡ଼କୁ ଚାହିଁ କହିଲା ଲୋକଟା । ନିଶା ମଧ୍ୟ ତା'କୁ ନିରେଖି ଦେଖିଲା । ପତଳା ଗଢ଼ଣର ଯୁବକଟେ, ବେଶି ବୟସ ପରି ଲାଗୁନାହିଁ । ହେଇ ହେଇ ତେଇଶ ଚବିଶ ହେବ । ନିଶା ତା'କୁ ଚାହିଁ ତା'ର ଚିରାଚରିତ ମୁହଁ ଦେହଭଙ୍ଗୀ କଲା ଟିକିଏ । ମିନିଟିଏ ଚାହିଁ ରହିଲା ଯୁବକଟି ତାକୁ ।

'ଏଇ ରଖ ।' ପକେଟ୍‌ରୁ କାଢ଼ି ଦି'ଶ ଟଙ୍କା ପାଖ ଖଟ ଉପରେ ରଖିଲା ଯୁବକଟି । ନିଶାର ଆଖି ଜଳି ଉଠିଲା ଓ ମୁହଁ ପ୍ରସନ୍ନ ଦିଶିଲା । ସେ ଅଳସ ଭଙ୍ଗୀରେ ଆସି ଦି'ଟା ନୋଟ୍ ଉଠେଇନେଲା ଓ ବ୍ଲାଉଜ୍ ଭିତରେ ଆସ୍ତେ କରି ଗୁଞ୍ଜି ଦେଲା । ଏଥର ଖଟ ଉପରକୁ ଉଠିଗଲା ନିଶା । ଖାଲି ବ୍ଲାଉଜ୍ ଓ ପେଟିକୋଟ୍ ପିନ୍ଧିଥିଲା ସେ । ପେଟିକୋଟ୍‌କୁ ଆଣ୍ଠୁ ଉପରକୁ ଉଠେଇ ନେଲା ଓ ଯୁବକଟିକୁ ଚାହିଁ ଚାହିଁ ପେଟ ପାଖକୁ ବ୍ଲାଉଜ୍‌ର ବୋତାମ ଖୋଲିବାର ଉପକ୍ରମ କଲା ।

'ନା, ନା, ମୁଁ ଶୋଇବି ଖାଲି ଟିକେ ।' ତରତର ହେଇ, କହିପକାଇଲା ଯୁବକଟି । 'ସତରଞ୍ଜିଟେ ଅଛି କି ?'

ନିଶା ଖଟ ଉପରୁ ଉଠି ତଳେ ପୁଚି କଲା କରି ବସିପଡ଼ିଲା ଆଉ ଖଟ ତଳୁ ସତରଞ୍ଜିଟେ କାଢ଼ିଆଣିଲା । ଖଟକୁ ଲାଗି ତଳେ ସତରଞ୍ଜି ବିଛେଇ ଦେଲା, ନିଜ ତକିଆ ଖଟ ଉପରୁ ଆଣି ତା' ଉପରେ ପକାଇଦେଲା 'ମୋର ଦରକାର ନାହିଁ' କହି ।

ଗୋଟାଏ ମିନିଟ୍‌ରେ ଯୁବକଟି ସତରଞ୍ଜି ଉପରକୁ ଉଠିଗଲା ଓ ଲମ୍ବହେଇ ଶୋଇଗଲା । ନିଶା ଦୀର୍ଘଶ୍ୱାସ ଛାଡ଼ି ଖଟ ଉପରକୁ ଗଲା । ପ୍ରାୟ ଅଧଘ□ାଏ ପରେ ନିଶା ପାଦ ଚିପି ଚିପି ଉଠିଲା, ଭିତରପଟୁ କିଳିଣିରେ ତାଲା ପକାଇଲା ଓ ପାଦ ଚିପି ଚିପି ଖଟ ଉପରକୁ ଉଠିଗଲା । ନିଦ ଆଉ ତା'କୁ ହବାର ନ ଥିଲା । ଏମିତିରେ ରାତି ନିଦର ଅଭ୍ୟାସ ତା'ର ଭଲ ନୁହେଁ । ପୁଣି ଘରେ ମରଦଟେ ଶୋଇଛି । ନିଘୋଡ଼ ନିଦରେ ଶୋଇବା ଯାହା ସେ ଦିନରେ କରେ ତା'ର ଏକାନ୍ତ, ନିରୋଳାରେ ଏକୁଟିଆ । ଏମିତି ଘରେ ମରଦଟେ

କେବେ ଶୋଇ ନାହିଁ ତା'ର । ନିଶା ଖଟରେ ଗଡ଼ିପଡ଼ି କବାଟ ଫାଙ୍କରୁ ପଶି ଆସୁଥିବା ଫଟୋକୁ ଚାହିଁଲା ଓ କାନ୍ଥ ଘ□ାକୁ – ଛଅଟା ବାଜିଲାଣି ।

'ହେଇ, ହେଇ, ଉଠ' ଯୁବକଟି ଡାକୁଛି ତା'କୁ । ଆରେ ନିଦ ହେଇଯାଇଛି ନିଶାକୁ ।

'ବାଥ୍ରୁମ୍ କୋଉଠି ?'

ନିଶା ଉଠି, କବାଟ ତାଲା ଖୋଲି ଆଗେ ଆଗେ ବାହାରକୁ ଗଲା ଓ ପଛରେ ଯୁବକଟି । ଦିନ ହେଇଯାଇଥିଲା । ଯୁବକଟିକୁ ଛାଡ଼ି ଘରେ ପଶି ଭିତରୁ କବାଟ ଲଗେଇ ଦେଇ ପାରିଥାନ୍ତା ନିଶା । ପାଟିକରି ଆଗ ପଛ କାହାକୁ ଡାକି ବି ପାରନ୍ତା । ଆଗ ଗଳିରେ ପୁଲିସ ଡେରା କରିଛି । ହେଲେ କାହିଁକି କେଜାଣି ସେମିତି କିଛି କଲା ନାହିଁ । ହଉ, ଦି'ଶ ଟଙ୍କା ତ ଦେଇଛି ଟୋକାଟା । ଦେଖାଯାଉ– ଭାବିଲା ସେ ।

ଯୁବକଟି ଫେରିଲା ବେଳକୁ ନିଶା ଦି' କପ୍ ଚା' ଆଉ ଚାରିଟା ବିସ୍କୁଟ୍ ଗୋଟାଏ ଥାଳିଆରେ ରଖିଥିଲା ।

'କବାଟ ବନ୍ଦ କରିଦିଅ ।'

ନିଶା ବାଧ୍ୟହେଲା ପରି କବାଟ ଭିତରୁ ବନ୍ଦ କରିଦେଲା ।

'ମୋ ନାଁ ଜିତେନ୍' ଜିତେନ୍ ନିଶା ଆଡ଼କୁ ଚାହିଁଲା ପ୍ରଶ୍ନବାଚୀ ଦୃଷ୍ଟିରେ । ବୋଧହୁଏ ତା' ନାଁ ଜାଣିବାକୁ ଚାହୁଁଥିଲା । ନିଶା ଜାଣିଜାଣି କିଛି କହିଲା ନାହିଁ ।

'କିଛି ଖାଇବାକୁ ଅଛି ?'

'ସେମିତି କିଛି ନାହିଁ । ପୋହା ଅଛି ଟିକିଏ । ବନାଉଛି ।' ନିଶା ପିଆଜ, ଲଙ୍କା କାଟିବାକୁ ବସିଗଲା ।

'ଟିକିଏ ବାହାରକୁ ଯାଇପାରିବ ? ମେଡିସିନ୍ କିଛି ଦରକାର । ଏଇ କୁକୁର କାମୁଡ଼ା ପାଇଁ.....' ଜଳଖିଆ ଖାଇ ଆଉ ଥରେ ଚା' ପିଇ କହିଲା ଜିତେନ୍ । 'ମୋତେ ପୁଲିସ ଧରିପାରେ ବାହାରକୁ ଗଲେ' – ପୁଣି ଧୀରେ ଧୀରେ କହିଲା ସେ ।

'ହଉ ।' ଟିକିଏ ଚୁପ୍‌କରି ଉ□ର ଦେଲା ନିଶା । କ'ଣ ଆଣିବି ? 'ମୁଁ ଜାଣିନାହିଁ । କୁକୁର କାମୁଡ଼ା ବିଷ ଚରିପାରେ । ତା'ରି ପାଇଁ କିଛି ଔଷଧ । ଇଞ୍ଜେକ୍ସନ୍ ବି ହେଇପାରେ ।' ଜିତେନ୍ ତା' ପକେଟ୍‌ରୁ ପା□ଶ ଟଙ୍କିଆ ନୋଟ୍‌ଟେ ବାହାର କଲା । 'ହବ, ଯଦି କିଛି ଖାଇବାକୁ ନେଇଆସିବ– ମାନେ ଚାଉଳ, ଡାଲି' କୁଣ୍ଠାର ସହ କହିଲା ଜିତେନ୍ ।

ନିଶା ତା' ହାତରୁ ନୋଟ୍‌ଟା ନେଲା । ସାଲୱାର୍ କମିଜ୍ ବଦଳାଇଲା । ସେଇ ମୁଖାଟା ପିନ୍ଧିଲା ଯାହାକୁ ସେ ବାହାରକୁ ଗଲାବେଳେ ପିନ୍ଧେ ଓ ପୁଣି ଆଣି ଘରେ ଓହ୍ଲେଇ ରଖିଦିଏ । ସେ ଜାଣିପାରିଲା ଯେ ଜିତେନ୍‌କୁ ତା'ଘରେ ଛାଡ଼ି ତାକୁ ବାହାରକୁ ଯିବାକୁ ହେବ । ଦୁଆରବନ୍ଧରୁ ବାହାରେ ଗୋଡ଼ ରଖିଲା ପରେ ଟିକିଏ ଅଟକିଗଲା ନିଶା ଓ ନିଜ ଘର ଭିତରକୁ ଚାହିଁଲା । ତା' ନଜର ଛାଏଁ ଛାଏଁ ଖଟ କଡ଼ରେ ପ୍ଲାଷ୍ଟିକ୍ ଚଉକି ପଛକୁ ଥିବା ଦସ୍ତା ଟ୍ରଙ୍କ୍ ଆଡ଼କୁ ଚାଲିଗଲା । ଟ୍ରଙ୍କ୍‌ରେ ତାଲା ପଡ଼ିଛି । ହଁ କାନ୍ଥରେ ଛୋଟିଆ ଟିଭି ଲାଗିଛି, ଗ୍ୟାସ୍ ଚୁଲା, ସିଲିଣ୍ଡର ଆଉ ଛୋଟିଆ ଫ୍ରିଜ୍ । କିନ୍ତୁ ଏଇ ଲୋକଟା ତ ଛୋଟୋଉଛି– ତା'ର କଳା ଭ୍ୟାନିଟି ପର୍ସକୁ ତ ନିଶା ହାତରେ ଧରିଛି । ପିନ୍ଧିଛି ଯାହା ଗହଣା– ଚେନ୍ ଲକେଟ୍, ଛୋଟ ହଲେ ସୁନା କାନଫୁଲ ଓ ଡାହାଣ ହାତ ଆଙ୍ଗୁଠିରେ ସୁନା ମୁଦି ।

'ଗୋଟିଏ କାମ କର । ଦୁଆର ବାହାରୁ ବନ୍ଦ କରିଦିଅ ।' ଜିତେନ୍ ଯେମିତି ତା' ମନ କଥା ବୁଝିପାରିଲା । 'ପୁଲିସ ବୁଲୁଛନ୍ତି ଚାରିଆଡ଼େ ।'

ନିଶା ଉ□ର ନ ଦେଇ ତରତର ହେଇ ଘର ଭିତରକୁ ପଶିଗଲା ଓ ଫ୍ରିଜ୍ ଉପରେ ଥିବା ତା'ର ଚାବି ଉଠେଇ ଆଣିଲା । ସେମିତି ତରତର ହେଇ ଜିତେନ୍‌କୁ ନ ଚାହିଁ ଦୁଆର ବନ୍ଦ କରି ବାହାରୁ ତାଲା ଲଗାଇଲା ଓ ଔଷଧ ଦୋକାନ ଆଡ଼କୁ ଚାଲିଲା । କେବଳ ଔଷଧ ଦୋକାନ, ତେଜରାତି ଦୋକାନ ଆଉ ପରିବା ଦୋକାନ ଖୋଲା, ମଦର୍ ଡାଏରି ବି ।

"ମେଡିସିନ୍ ଦୋକାନରେ କହିଲେ ଯେ ପା□ଥର ଇଞ୍ଜେକ୍ସନ୍ ନେବାକୁ ହେବ । ଆଜି ଗୋଟାଏ, ତିନି ଦିନ ପରେ ଗୋଟାଏ, ତା' ପରେ ସାତ ଦିନରେ, ଚଉଦ ଦିନରେ ଆଉ ଅଠାଇଶ ଦିନରେ । ହସ୍ପିଟାଲ୍‌ରେ ମାଗଣା ଇଞ୍ଜେକ୍ସନ୍ ଦିଆ ହଉଛି । ମୁଁ ଆଜି ପାଇଁ ଗୋଟାଏ ନେଇ ଆସିଛି, ଆଉ ଟିଟି କହିକି ଆଉ ଗୋଟାଏ ଇଞ୍ଜେକ୍ସନ୍ ଦେଲା । କିଛି ବଟିକା ବି ଦେଇଛି । ହେଇଟି' କହି ମେଡିସିନ୍ ଓ ପଲିଥିନ୍ ପ୍ୟାକେଟ୍ ସହ ଜିତେନ୍ ଆଡ଼କୁ ବଢ଼ାଇଦେଲା ନିଶା । ଆଉ ଗୋଟାଏ ପଲିଥିନ୍ ତା' ରୋଷେଇ ଜାଗାରେ ରଖିଛି । କିଛି ଆଳୁ, ପିଆଜ, ଛଅଟା ଅଣ୍ଡା, କିଲେ ଅଟା ଓ ବିସ୍କୁଟ୍ ପ୍ୟାକେଟ୍ ଦି'ଟା ।

"ଓଃ ! ଏତକ ତ ନଅଶହ ଟଙ୍କା ପଡ଼ିଲା ! ମୁଁ କମ୍ ଦେଇଥିଲି । ଆଉ ଆଣିକରି ଦେଇଦେବି । ପଇସା ତ ଅ□ ନ ଥିବ ।" ଜିତେନ୍ ପଲିଥିନ୍‌ରୁ ବାହାର କରି ମେଡିସିନ୍ ଓ ବିଲ୍ ଦେଖିଲା । ନିଶା ଆଣିଥିବା ଅନ୍ୟ ଜିନିଷଗୁଡ଼ାକ ଆଡ଼କୁ ନଜର ଚାଲିଗଲା ତା'ର ।

'ହସପିଟାଲ୍ ଯାଇ ବା କୋଉ କ୍ଲିନିକ୍‌କୁ ଯାଇ ଇଞ୍ଜେକ୍‌ସନ୍ ନେଇଯାଅ । ଯେତେ ଚ□ଳ ସେତେ ଭଲ ।' ନିଶା ଉପଦେଶ ଦେଲା ପରି କହିଲା । 'ମୁଁ ଟିଟିଟା ଦେଇଦେଉଛି ।' ନିଜ କାମ ଯୋଗୁ ଏଇ ସାଧାରଣ ଇଞ୍ଜେକ୍‌ସନ୍ ଦେବା ଜାଣିଥିଲା ନିଶା । ବେଳେବେଳେ ଇନଫେକ୍‌ସନ୍ ପାଇଁ ବା ଗରାଖ କିଏ କାମୁଡ଼ି ଖଣ୍ଡିଆ କରିଦେଲେ ଇଞ୍ଜେକ୍‌ସନ୍ ନିଜେ ନିଜେ ନିଏ ସିଏ ।

ଜିତେନ୍‌କୁ ବାହୁ ଦେଖାଇବାକୁ କହିଲା ନିଶା । ଜିତେନ୍ ଟି ସାର୍ଟଟାକୁ ଖୋଲି ପକାଇଲା । ଟିଟାନସ୍ ପ୍ରତିରୋଧକ ଇଞ୍ଜେକ୍‌ସନ୍ ଜିତେନ୍‌ର ବାଁ ବାହୁରେ ଦେଇଦେଲା ନିଶା ।

'ହାଁ ହାଁ ଫୋପାଡ଼ନି । କୁକୁର କାମୁଡ଼ାଟା ବି ଦେଇଦିଅ ।' ନିଶା ସିରିଞ୍ଜ୍ ଓ ଛୁ□ିକୁ ଫୋପାଡ଼ିବାକୁ ଯାଉଥିଲା । ଜିତେନ୍‌ର ବାରଣରେ ରହିଗଲା ।

'ଏଇଟା ଅଲଗା ପ୍ରକାର ଇଞ୍ଜେକ୍‌ସନ୍ ହେଇଥିବ । କ'ଣ ଅସୁବିଧା ହେବ । ଏଇଟା ମୁଁ ଦେଇ ପାରିବିନି । ତୁମେ କୋଉ କ୍ଲିନିକ୍‌କୁ ଚାଲିଯାଅ । ସେଇଠି ଫୋଡ଼େଇ ଦେବ ।'

'ନାଇଁ ନାଇଁ, ଏଇଟା ତ ଆରାମରେ ଦେଇଦେଲ । ଖାଲି ଛୁ□ି ଫୋଡ଼ିବା କଥା ତ । ଏଇଠି ଏଇ ଡାହାଣ ବାହୁରେ ଦେଇଦିଅ ସେଇଟା । ମୁଁ ଏମିତି ଏଇଲେ ଛୋଟେଇ ଛୋଟେଇ କୁଆଡ଼େ ଯିବି ? ଚାରିଆଡ଼େ କରୋନା ଡର । ପୁଲିସ୍ ଜଗିଛନ୍ତି । ଶହେ କଥା କହିବାକୁ ହବ । ତୁମେ ହିଁ ଫୋଡ଼ି ଦିଅ । କିଛି ହବନି । ଯାହା ହବ ମୋର । ଡର ନାଇଁ...'

ନିଶା ବେଶ୍ ବ୍ୟସ୍ତବିବ୍ରତ ହେଇ କୁକୁର କାମୁଡ଼ା ଇଞ୍ଜେକ୍‌ସନ୍ ଫୋଡ଼ିଲା ଜିତେନ୍‌ର ଡାହାଣ ବାହୁରେ ।

'ଏଇ ବଟିକା ଦିନକୁ ତିନି ଥର ପା□ଦିନ । ଖାଇଲା ପରେ ଖାଇବ ।' ଆ□ିବାୟୋଟିକ୍ ବଟିକା ଦେଖେଇଦେଲା ନିଶା । ସେ ଭାବୁଥିଲା ସେଇ ଓଳି ବୋଧହୁଏ ଜିତେନ୍ ଚାଲିଯିବ । ଯେହେତୁ ସେ ଇଞ୍ଜେକ୍‌ସନ୍ ନେବା ପାଇଁ ବାହାରକୁ ଗଲା ନାହିଁ ନିଶା ଜାଣିଲା ଯେ ସେ ହୁଏତ ସନ୍ଧ୍ୟାବେଳେ ଯିବ ବା ଅନ୍ଧାର ହେଲେ । ଅଣ୍ଡା ତରକାରି, ଭାତ ରାନ୍ଧିଦେଲା ନିଶା । ଜିତେନ୍ ଓ ସେ ଖାଇଲେ । ଜିତେନ୍ ନିଜେ ନିଜେ ହିଁ ତଳେ ସତରଞ୍ଜି ବିଛାଇ ଗଡ଼ିପଡ଼ିଲା । ନିଶା ଖଟ ଉପରକୁ ଚଢ଼ିଗଲା ଯଦିଓ ତା'କୁ ନିଦ ଆସିଲା ନାହିଁ ।

'ଆଜି ରାତିଟା ରହିଯାଆନ୍ତି । ଗୋଡ଼ଟା ଭାରି କାଟୁଛି । ଏମିତିରେ ଲୁଚି ଲୁଚି ତ ଯିବାକୁ ପଡ଼ିବ । ସାଇକେଲ୍‌ଟା ଛାଡ଼ିଦେଇ ଆସିଲି । କୁକୁର କାମୁଡ଼ି ଦେଲା ବୋଲି ଦଉଡ଼ି ଚାଲିଆସିଲି ।' ଜିତେନ୍ ଅନୁନୟ କଲା ।

ଟିକିଏ ଚୁପ୍ ରହିଲା ନିଶା ।

'ସାଇକେଲ୍ କୋଉଠି ଛାଡ଼ି ଆସିଲ ?' ପଚାରିଲା ସେ ।

'ଠିକ୍ କହିପାରିବି ନାହିଁ । ଏଇ ଇଲାକାକୁ ଆଗରୁ ଆସିନାହିଁ ।' ଜିତେନ୍ ଉ□ର ଦେଲା ।

ଏଇ ଇଲାକାକୁ ଆଗରୁ ଚୋରି କରିବାକୁ ଆସିନାହିଁ ଜିତେନ୍ । ତା'କୁ ଲାଜମାଡୁଛି ବୋଲି ଏମିତି କହିଲା । ନିଶା ଠିକ୍ ଜାଣିପାରିଲା ଯେ ଇଏ କାହା ଘରେ ଚୋରି କରିବାକୁ ପଶିଥିଲା । କୁକୁର କାମୁଡ଼ିବାରୁ ସାଇକେଲ୍ ଫୋପାଡ଼ି ଦଉଡ଼ି ଦଉଡ଼ି ଚାଲିଆସିଛି ।

'ଘର କୁକୁର ନା ବାହାରର ?' ନିଶା ପୁଣି ପଚାରିଲା ।

'ବୋଧହୁଏ ବାହାର ।' ଅନୁଚ୍ଚ ସ୍ୱରରେ ଉ□ର ଦେଲା ଜିତେନ୍ ।

'ହୁଁ, ମୁଁ ଯାଇ ଦେଖିଆସନ୍ତି ଯେ ସାଇକେଲ୍ ପଡ଼ିଛି କି ନାହିଁ । ଲକ୍‌ଡାଉନ୍ ତ ହୁଏତ ଚୋରି ହେଇ ନଥିବ । ହେଲେ ଜାଗାଟା ଜାଣିଲେ ତ ହେବ ।' ନିଶା ମନକୁ ମନ କହିଲା ପରି କହିଲା ।

'ଘରଟା ବଡ଼ ଥିଲା । ପାଚେରି ଉଚ୍ଚ । ଠିକ୍ ମନେ ନାଇଁ– ଏଇ ତୁମ ବସ୍ତି ସରିଲା ପରେ ବାଁ କଡ଼କୁ ବୋଧହୁଏ ଦି'ଟା ଗଳି ଛାଡ଼ି ।' ଜିତେନ୍‌ର ସ୍ୱର ଲଜ୍ଜାରେ ଭାରି ଶୁଭୁଥିଲା ।

'ଆମ ବସ୍ତି ପରେ ତ ସବୁ ବଡ଼ ବଡ଼ ଘର ଆରମ୍ଭ । ସବୁ ଘର ବଡ଼ ଆଉ ଏକାପରି । ସବୁ ଗଳି ବି ଗୋଟିଏ ପରିକା । ନ ଜାଣିଲେ ମୁସ୍କିଲ୍ ।' ନିଶା ଟିକିଏ ଚୁପ୍ ରହିଲା । 'ହଉ ରହିବ ତ ରହିଯାଅ । ଗରମ ପାଣି ଦେବିକି ? ଇଞ୍ଜେକ୍‌ସନ୍ ସେକିବାକୁ ? ନିଶା ବ୍ୟାଣ୍ଡେଜ୍ ତୁଳା ବି ଦେଇଥିଲା ଜିତେନ୍‌କୁ ଆଉ ସାହାଯ୍ୟ ମଧ୍ୟ କରିଥିଲା ବ୍ୟାଣ୍ଡେଜ୍ ବାନ୍ଧିବାରେ । ରାତିରେ ଆଳୁପରଟା ଚାରିଟା ତିଆରି କଲା ଦି' ଜଣଙ୍କ ପାଇଁ । ଘର ଭିତରୁ ତାଲା ପକେଇ ବ୍ଲାଉଜ୍ ଭିତରେ ଚାବି ରଖିଲା । ରାତିରେ ବ୍ଲାଉଜ୍ ପେଟିକୋଟ୍ ପିନ୍ଧିବା ତା' ଅଭ୍ୟାସ । ସେ ସାଲୱାର୍ କାମିଜ୍‌କୁ ବଦଳାଇ ବ୍ଲାଉଜ୍ ପେଟିକୋଟ୍ ସିଧା ସିଧା ପିନ୍ଧି ପକାଇଲା, ଠିଆହେଇ ଘର ମଝିରେ । ଜିତେନ୍ ଚଟ୍ କରି ମୁହଁ ବୁଲେଇ ଦେଲା । ମଜାଳିଆ ହସ ଖେଳିଗଲା ନିଶାର ମୁହଁରେ । ଏ ଟୋକା କେମିତି ଜାଣିବ ଯେ ନିଜ ଦେହକୁ କିଳି ଦେଇଛି ସେ ? ଦେହ ନେଇ କୌଣସି ବିକାର ନାହିଁ ତା'ର ।

ସକାଳେ ପରଟା ଆଳୁଭଜା କରି ଜିତେନ୍‌କୁ ଦେଲା ପରେ ନିଶା ଭାବୁଥିଲା ଟୋକାଟା ଏଥର ଯିବ । ଚା' ପିଇ ସାରିଲା ପରେ ସତକୁ ସତ ଜିତେନ୍ ବାହାରିଲା ।

'କେତେବେଳେ ପଇସା ଫେରେଇଦେବି ଆସି ।' ନିଶା ମୁହଁକୁ ଚାହିଁ କହିଲା ସେ ।

'କିଛି ନାଇଁ । ବେଶି ଖର୍ଚ୍ଚ ତ ହେଇନାହିଁ ।' ନିଶାର ମନେପଡ଼ିଗଲା ଯେ ଜିତେନ୍ ତା'କୁ ଦି'ଥର କରି ସାତଶ ଟଙ୍କା ଦେଇଥିଲା ଓ ନଅଶ ତ ଜମାରୁ ଖର୍ଚ୍ଚ ହେଇଛି । କିନ୍ତୁ ଏଇ ସମୟରେ ଦି'ଶ ଟଙ୍କା ବି ବଡ଼କଥା ।

ଜିତେନ୍ ଚାଲିଗଲା ପରେ କବାଟ ଭିତରୁ ବନ୍ଦ କରି ଖଟରେ ଗଡ଼ିପଡ଼ିଲା ନିଶା । ଇଏ ଗୋଟାଏ ଅଦ୍ଭୁତ ଅଭିଜ୍ଞତା ତା' ପାଇଁ । ପୁରୁଷ ଲୋକଟେ, ଏକଦମ୍ ଅଜଣା ଆସି ତା' ଘରେ ଦି' ରାତି ରହିକି ଗଲା । ଏମିତି ତ ଅଜଣା ପୁରୁଷ ଲୋକ କେତେ ନା କେତେ ଆସନ୍ତି– ଘ□ାଏ ଦି' ଘ□ା ପାଇଁ । ହେଲେ ଇଏ କେମିତି ଅଲଗା ଲୋକଟା । ସାଙ୍ଗଟେ ପରି କଥାବା□ା କଲା । ପଇସା ଦେଲା ଅଥଚ କିଛି କଲା ନାଇଁ । ନିଶାକୁ ଭାବିକି ହସ ମାଡ଼ିଲା ଯେ ପ୍ରଥମ ରାତିରେ ସେ ତା'କୁ ଗରାଖ ଭାବି ବ୍ଲାଉଜ୍ ବୋତାମ କେମିତି ଖୋଲୁଥିଲା ।

ଟିଭି ଖୋଲିଲା ନିଶା । ବସି ବସି ବିରକ୍ତି ଲାଗୁଥିଲା । ଖାଲି ଟିଭି ଦେଖ ବା ରାନ୍ଧିବାଢ଼ି ଖାଅ । କାମଧନ୍ଦା ତ ବନ୍ଦ । ପଇସା ଆସିବା ବି ବନ୍ଦ । କେତେଟା ଗରାଖଙ୍କ ଫୋନ ନମ୍ବର ରଖିଥିଲା । ଲଗାଇଥିଲା ବି । ହେଲେ କେହି ଜଣେ ବି ଉଠେଇଲେ ନାହିଁ । କରୋନା ଡରରେ ସବୁ ବନ୍ଦ । ବସି ବସି ତ ତା'କୁ ଲାଗୁଥିଲା ଯେ ସେ ପାଗଳ ହେଇଯିବ । ଭଲ ହେଲା ଯେ ଟୋକାଟା ଦି' ଦିନ ଆସିଲା । କ'ଣ ତା' ନାଁ ତ – ଜିତେନ୍ । ଯଦିଓ କିଛି ପଇସା ଖର୍ଚ୍ଚ ହେଲା ତା'ର, ହେଲେ ରାନ୍ଧିବାଢ଼ି ଏକାଠି ତ ଖାଇଲେ । ଛଗନ ଭୈୟା ବି ଆସୁନି ଆଉ । ପଇସା ତ ଦେବନି, ନିଜ ଦେହ ଗୁଜୁରାଣ ମେ□ାଇବାକୁ ମଧ୍ୟ ନୁହେଁ । ଗଣିଲା ନିଶା– ଆଜି ଏପ୍ରିଲ୍ ଅଠାଇଶ ତାରିଖ । ଲକ୍‌ଡାଉନ୍ ମାସେଠାରୁ ଅଧିକା ହେଲାଣି । ଦେଶ ଦୁନିଆ କଥା ଯାହା ଟିଭିରୁ ଜାଣିବା କଥା । ମାସିକିଆ ଦେୟ ନ ଭରିଲେ ଟିଭି, ମୋବାଇଲ୍ ମଧ୍ୟ ବନ୍ଦ ହେଇଯିବ । ବହୁତ ଲୋକ ଆଗପଛ ହେଇ ନିଜ ଗାଁକୁ ଚାଲିଗଲେ । ହେଲେ ନିଶା ଯିବ କୁଆଡ଼େ ? ଘର ତା' କାହିଁ ? ବୋଧହୁଏ ଦଶ, ଏଗାର ବର୍ଷ ହେବାବେଳୁ ଏପଟ ସେପଟ, ଯା' ହାତ ତା' ହାତ ହେଇ ଚଳୁଛି ସେ । ଏଇଠି ଜାଣ ଛଗନ ଭୈୟା ପାଖରେ ପା□ ବର୍ଷ ହେଇଗଲା । ରୋଜଗାର ମନ୍ଦ ନୁହେଁ । ଦିଲ୍ଲୀର ମଝିଆମଝି ଜାଗା । ବିଭିନ୍ନ ପ୍ରକାର ଗରାଖ । ବେଳେବେଳେ ଗାଡ଼ି ଆସେ, ସେ ବେଶଭୂଷା ହେଇ ଛୋଟମୋଟ ହୋଟେଲ୍‌କୁ ଯାଏ ।

ଘର କ'ଣ କେବେ ଥିଲା ତା'ର ? ମନେ ପକାଇବାକୁ ଚେଷ୍ଟାକଲା ନିଶା । ହଁ, ଜଣକୁ ସେ ମାଆ ବୋଲି ଭାବୁଥିଲା, ଜାଣିଥିଲା ହେତୁ ପାଇବା ଦିନୁ । ଜାଣେ ନାହିଁ, ସେ ତା'ର ସତରେ ମାଆ ଥିଲା ନା ନାହିଁ । ତା'ରି ପରି ଛୋଟ ଛୋଟ ତା' ବୟସର ଆହୁରି ତିନିଜଣ ଝିଅ ଥିଲେ, ଯୋଉମାନେ ମାଆ ବୋଲି ଡାକୁଥିଲେ ସ୍ତ୍ରୀ ଲୋକଟିକୁ । ବାପା ବୋଲି କିଏ ଥିଲା ବୋଲି ମନେପକାଇ ପାରୁ ନଥିଲା ସେ । ଗୁଡ଼ାଏ ଲୋକ ଯାଉଥିଲେ, ଆସୁଥିଲେ । ହୁଏତ ଅନାଥାଶ୍ରମ ହେଇପାରେ ତା' । ତା' ବି ଯାହା ସେ ଟିଭିରେ ଦେଖିଛି ।

ତା' ମାନେ ତା'ର ବାପାମାଆ କିଏ ନ ଥିଲେ । ତା' ହେଲେ ସେ କ'ଣ ଆକାଶରୁ ଗଳି ପଡ଼ିଥିଲା ? ହସ ମାଡ଼ିଲା ନିଶାକୁ । ନିଜକୁ ନିଜେ କହିଲା ପରି କହିଲା ସେ ଓ ହାବୁକା ହାବୁକା ହସରେ ଦେହ ଥରିଗଲା ତା'ର । ସେଇ ମାଆ ପାଖରୁ ସେ ଓ ଆଉ ଜଣେ ମୀନା ବୋଲି ଝିଅ ଆଉ ଗୋଟିଏ ଆମ୍ମା ପାଖକୁ ଆସିଲେ । ପରେ ଜାଣିଲା ସେଇ ଜାଗାଟି ହେଉଛି ପାତିଆଲା । ଟିକିଏ ବଡ଼ ଘର ଥିଲା ସେଇଟା । ତା'ରି ପରି ଆଉ ତିନିଟା ଝିଅ ଓ ସେମାନଙ୍କଠାରୁ ବେଶ୍ ବଡ଼ ଆଉ ଛଅଟା ଦିଦି ଥିଲେ ସେ'ଠି । ସେଇଠି ସେଇ ଆମ୍ମା ଘରେ ସେ ବଡ଼ ହେଲା ଆଉ ତା'ର ଧନ୍ଦା ଆରମ୍ଭ ହେଲା । ଓଃ ! ପ୍ରଥମ ପ୍ରଥମ ଦିନଗୁଡ଼ାକ କି କଷ୍ଟକର ଥିଲା ! ସେ କଥା ମନେପଡ଼ିଲେ ଦେହ ଟାଙ୍କୁରି ଉଠେ ତା'ର । ଛାଡ଼ । ଏବେ ଆଉ ତାକୁ ମନେପକାଇ ଲାଭ କ'ଣ ? ପାତିଆଲାରୁ ଆମ୍ମାଘରୁ ସେ ଚାରିବର୍ଷ ପରେ ବାହାରିଲା ଆଉ ଗୋଟିଏ ଘରକୁ । ସେଇଟା ଦିଲ୍ଲୀ ସୀମାରେ ଗୁରୁଗାଁଓ ପାଖରେ । ବୋଧହୁଏ ଆମ୍ମା ବିକିଲା ତା'କୁ, ସେଇ ପଡ଼ାର ଭୈୟାକୁ । ତା'ପରେ ଏଇ ପା□ବର୍ଷ ହେଲା ସେ ଛଗନ ଭୈୟା ପାଖକୁ ଆସିଛି । ଛଗନ ଭୈୟା କହେ ସେ ଗୋରୀ ବୋଲି ବହୁତ ଟଙ୍କା ଦେଇ ଆଣିଛି ତାକୁ ସେ ।

ସତରେ କ'ଣ ଗୋରୀ ସିଏ ?

କାନ୍ଥରେ ଟଙ୍ଗା ହେଇଥିବା ଛୋଟିଆ ଦର୍ପଣରେ ମୁହଁ ଦେଖିଲା ନିଶା । ଟିଭିରୁ ଦେଖି ଦେଖି ବିଭିନ୍ନ ବେଶଭୂଷା ହେବାକୁ ଚେଷ୍ଟାକରେ ସେ । ମାସରେ ଥରେ ଦି'ଥର ବଜାର ଯାଇ କାମିଜ୍, ପାଉଡର, ଲିପ୍‌ଷ୍ଟିକ୍ ବି କିଣେ । ନୂଆ ସାଲ୍‌ୱାର୍ କାମିଜ୍ ମଧ୍ୟ ଆଣେ । ହେଲେ ରାତିରେ ହିଁ ତ ବେଶ ହେବା କଥା । ଅଧିକାଂଶ ଦିନ ବ୍ଲାଉଜ୍ ପେଟିକୋଟ୍ ପିନ୍ଧିବା କଥା, ବିଶେଷକରି ଯେତେବେଳେ ଛଗନ ଭୈୟା ରାଉଣ୍ଡରେ ଆସେ । ଗରାଖଗୁଡ଼ାକ ଅଧିକାଂଶ ମାତାଲ । ଘରେ ପଶୁପଶୁ ଲାଇଟ୍ ଲିଭେଇ ଦିଅନ୍ତି । ପେଟିକୋଟ୍ ଟାଣି ଖୋଲିଦିଅନ୍ତି । ହଁ, ଯେତେବେଳେ ହୋଟେଲ୍‌କୁ ଯାଏ, ସେତେବେଳେ କେବେ କେମିତି ସେ ଲକ୍ଷ୍ୟ କରିଛି, ଲୋକଗୁଡ଼ାକ ବୁଲିବୁଲି ଚାହାନ୍ତି ତାକୁ ।

ଆଉ ଏଇ ଯୋଉ ଟୋକା– ଜିତେନ୍– ତା'ର କ'ଣ ଘର ଥିବ ? ବାପାମାଆ, ପରିବାର ଥିବେ ? ହଃ ! ଚୋରର ଗୋଟାଏ କ'ଣ ଘର ।

କିଏ କିନ୍ତୁ ମନ ଭିତରେ କହିଲା ତା'କୁ– ଜାଣିନୁ ଲୋ, ଚୋରମାନଙ୍କର ବି ଘର ଥାଏ, ବାପାମାଆ ଥାଆନ୍ତି । ଖାଲି ତୋରି ପରି ଝିଅଙ୍କର କେହି ନଥାନ୍ତି ।

ଛାଡ଼, ଏସବୁ ଭାବି ଲାଭ କ'ଣ ? ଅଳସରେ ଦିନଟା କାଟିଲା ନିଶା । ଜାଣିଥିଲା ଗତ ମାସେ ହେବ ସେ କାଟିଥିବା ଦିନ ରାତି ପରି ଇଏ ଆହୁରି ଗୋଟାଏ । ଖାଲି ଗୋଟିଏ ଅଲଗା କଥା ଥିଲା ରାତି ଅଧରେ ଜିତେନ୍ ଆସିବା ।

ଦି' ଦିନ ପରେ ସନ୍ଧ୍ୟା ଛଅଟା ବେଳେ କବାଟ ଖୋଲି ଜିତେନ୍‌କୁ ଦେଖି ଆଶ୍ଚର୍ଯ୍ୟ ହେଇଗଲା ନିଶା । ଇଏ ପୁଣି ଆଜି ! ଗରାଖ ହେଇ ଆସିଛି ନା କ'ଣ ? ହୁଏତ କିଛି ଟଙ୍କା ମିଳିପାରେ । ବେଶି କିଛି ଭାବିବା ଆଗରୁ ଜିତେନ୍‌କୁ ଘର ଭିତରକୁ ଆସିବାର ଇସାରା ଦେଇ ଆଡ଼େଇ ହେଇ ଠିଆ ହେଇଯାଇଥିଲା ନିଶା । କବାଟ ବନ୍ଦ କରିବାକୁ ଯାଇ ଟିକିଏ ବାହାରକୁ ଆସି ଚାହିଁଲା– କେହି କୋଉଠି ନାହିଁ ତ– ମାନେ ପୁଲିସ କି ଛଗନ ଭେିୟା ।

'ସାଇକେଲ୍ ମିଳିଗଲା ।' ଦି' ଭାଡ଼ି ଦାନ୍ତ ଦେଖେଇ ହସିଲା ଜିତେନ୍ । 'ଯୋଉଠି ଫୋପାଡ଼ି ଦେଇଥିଲି, ମାନେ ଲୁଚେଇ ରଖିଦେଇଥିଲି ସେଇଠୁ ମିଳିଲା । ଏଇ କରୋନା ପାଇଁ କେହି ବାହାରକୁ ଯାଉନାହାନ୍ତି କି ତାକୁ ଠାବ କରିପାରିନାହାନ୍ତି ।'

'ଗୋଡ଼ କେମିତି ଅଛି ? ଘା' ଶୁଖିଗଲାଣି କି ? ନିଶା ପଚାରିଲା । 'ଆଉ ଥରେ ଇଞ୍ଜେକ୍‌ସନ୍ ନେଇଛି । କ୍ଲିନିକ୍‌କୁ ଗଲି । ଆମ ଘର ପାଖ ।' ଜିତେନ୍ ଉ□ର ଦେଲା । 'ଏତେ ଶୁଖିନାହିଁ । ଆହୁରି ଦଲଦଲ ଅଛି ।'

'ଚା ବସେଇବାକୁ ଯାଉଥିଲି । ତୁମ ପାଇଁ କରୁଛି ।' ନିଶା ମିଛ କହିଲା । ଟିକିଏ ଆଗରୁ ଚା' ପିଇସାରିଥିଲା ସେ ଓ ସସ୍‌ପ୍ୟାନ୍ ଧୋଇସାରିଥିଲା ।

'ହେଇଟି, ମୋର ଏତକ ଫେରେଇବାକୁ ଥିଲା ।' ପକେଟ୍‌ରୁ କାଢ଼ି ପା□ଶ ଟଙ୍କା ବଢ଼ାଇଦେଲା ନିଶା ଆଡ଼କୁ ଜିତେନ୍ ।

'ଏତେ କାଇଁକି ? ତୁମ ପାଇଁ ତ ଜମା ଦି'ଶ ଟଙ୍କା ଅଧିକ ଖର୍ଚ୍ଚ ହେଇଥିଲା ।' ଜିତେନ୍ ବଢ଼େଇ ଦେଇଥିବା ପା□ଶ ଟଙ୍କିଆ ନୋଟ୍‌କୁ ନ ନେଇ କହିଲା ନିଶା ।

'ନାଇଁ ତୁମର ଅଧିକା ଖର୍ଚ୍ଚ ହେଇଛି । ଯା' ଠାରୁ ବି ଅଧିକା । ମୁଁ ଖାଇଲି, ପିଇଲି, ରହିଲି.....' ଜିତେନ୍ ନିଶାକୁ ନ ଚାହିଁ ଖଟ ଉପରେ ନୋଟ୍‌ଟା ରଖିଲା । ସେ ପ୍ଲାଷ୍ଟିକ୍ ଚେଆର୍‌ରେ ଓ ନିଶା ତା' ଖଟ ଉପରେ ବସିଥିଲେ ।

'ଅଧିକା ପଇସା ଦେବ ତ....' ନିଶା ତା' ବସିବା ଭଙ୍ଗୀରେ ଟିକିଏ ଲେଉଟପାଉଟ ହେଲା ଆମନ୍ତ୍ରଣର ଭଙ୍ଗୀରେ । ଜିତେନ୍ ତା'କୁ ଅଣଦେଖା କଲାପରି ଚା' ପିଇଚାଲିଲା ।

'ଏତେଗୁଡ଼ାଏ ତ ଘର ଥିଲା । ତୁମେ ରାତି ଅଧରେ ମୋ ଘର କବାଟ କାଇଁ ବାଡ଼େଇଲ ?' ଚା' କପ୍ ନେଇ ଚୁଲି ପାଖରେ ରଖିଲାବେଳେ ନିଶା ପଚାରିଲା ।

'କେଜାଣି ?' ମୁଁ ଦଉଡ଼ି ଦଉଡ଼ି ଆସିଲି । ମୋତେ ଲାଗୁଥିଲା ଯେମିତି ସେ କୁକୁର କି ପୁଲିସ ମୋ ପଛରେ ଗୋଡ଼େଇଛନ୍ତି । ଏଇ ଗଳି, ତୁମ ଗଳିରେ ପଶିଗଲି । ତିନି, ଚାରିଟା ଘର ଦେଖିଲି, ସବୁଠି ତାଲା ପଡ଼ିଥିଲା । ଯାଇ ପ□ମ କି ଷଷ୍ଠ ତୁମ ଘର, ଯାହା ଭିତରୁ ବନ୍ଦ ଥିଲା ।

ଜିତେନ୍ ଟିକିଏ ଚୁପ୍ ହେଇଗଲା ।

'ଅନ୍ଧାରରେ ଦେଖିପାରିଲ ?' ନିଶା କଥା ଲମ୍ୱେଇଲା ବା ଲମ୍ୱେଇବାକୁ ଚାହୁଁଥିଲା ।

'ଅନ୍ଧାରରେ ଦେଖିବାର ଅଭ୍ୟାସ ହେଇଗଲାଣି ।' ଗମ୍ଭୀର ହେଇ କହିଲା ଜିତେନ୍ । ଟିକିଏ ଚୁପ୍‌ଚାପ୍ ବସିଲେ ସେମାନେ ।

କ'ଣ କଥା କହିବ, କ'ଣ ପଚାରିବ ଭାବିପାରୁ ନଥିଲା ନିଶା । ହୁଏତ ଜିତେନ୍ ଏବେ ଉଠି ଚାଲିଯିବାକୁ ବସିବ । ସେ ଚାଲିଗଲେ ପୁଣି ଅନ୍ଧାର ଓ ଏକୁଟିଆ ହେଇଯିବ ନିଶା । ଶୂନ୍‌ଶାନ୍ ଗଳି । ଏମିତିରେ ଆଖପାଖର ଘରେ ତାଲା ପକାଇ ଲୋକେ ପିଲା ପରିବାର ଧରି ନିଜ ଗାଁକୁ ଚାଲିଗଲେଣି ପାଖାପାଖି କୋଡ଼ିଏ ବାଇଶ ଦିନ ତଳୁ । ଲକ୍‌ଡାଉନ୍ ପରେ ପରେ କାମ ବନ୍ଦ, ଛଟେଇ ଚାଲିଲା । ସମସ୍ତେ ଡରିଗଲେ ବି ଆମକୁ ବୋଧହୁଏ ଖାଇବାକୁ ମିଳିବ ନାହିଁ । ଆଉ କାମ ମିଳିବ ନାହିଁ । ଆଉ ଏଇଠି ଏଇ ଦିଲ୍ଲୀ ସହରରେ ଯୋଉଠି ଧନୀ ଲୋକଙ୍କ ଭିଡ଼, ସେଇଠି ଏମାନେ ଖାଇବାକୁ ପିଇବାକୁ ନ ପାଇ ଛଟପଟ ହେଇ ମରିବେ । ଆହୁରି ମଧ୍ୟ ଡରିଲେ କରୋନା ରୋଗ ପାଇଁ । ସମସ୍ତେ କୁହାକୁହି ହେଲେ ଯେ କରୋନା ଦିଲ୍ଲୀରେ ସବୁଠାରୁ ବେଶି ହଉଛି । ବଡ଼ ବଡ଼ ଲୋକେ ଭଲ ହେଉଛନ୍ତି । ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା ମିଳୁଛି, ଗରିବଗୁରୁବାଙ୍କୁ ମରିବାକୁ ଛାଡ଼ି ଦେଉଛନ୍ତି, କେହି ପଚାରୁନାହାନ୍ତି । ଏମିତି ହୋ ଉଠିଲା ଯେ

ରାତାରାତି କପଡ଼ାଲତା ବାନ୍ଧି, ଅଳ୍ପ କିଛି ଜିନିଷ, ପଇସାପତ୍ର ଧରି, ପିଲାପିଚିକାଙ୍କ ସହ ବାହାରି ପଡ଼ିଲେ ଲୋକେ । ତା'ରି ଆଖି ଆଗରେ ତ ପାଖପଡ଼ିଶା ଜିନିଷପତ୍ର ବାନ୍ଧାବାନ୍ଧି କଲେ । ତା' ଉପରେ ଚିରା କପଡ଼ା, ବେଡ୍‌ସିଟ୍ ଘୋଡ଼େଇଲେ, ତାଲା ବାହାରୁ କିଳିଲେ ଓ ପଛକୁ ନଚାହିଁ ତରତର ହେଇ ବାହାରିଗଲେ ।

ଜଣେ, ଦି'ଜଣ ସ୍ତ୍ରୀଲୋକ, ଯାହାଙ୍କ ସହ କେବେ କେମିତି କଥାବା□ା ହେଇଥିଲା ତା'ର– ଏମିତିରେ ତ ତା' ସହ ବେଶି କଥାବା□ା କରନ୍ତି ନାହିଁ କେହି । ଛଗନ ଭୈୟା ବି ତାଗିଦ କରିଥାଏ କାହାରି ସାଙ୍ଗେ ନ ମିଶିବାକୁ– ସେଇଥିରୁ ଜଣେ କହୁଥିଲା– ଏଇଠି ରହି କି ଲାଭ ? ଭୋକ ନହେଲେ ଉପାସରେ ମରିବୁ । ଯାଉଛୁ ଗାଁକୁ ସେଇଠି ହେଲେ ଦି'ଗୁଣ୍ଡା ଖାଇ ଚଳିଯିବୁ । ରୋଜଗାର ତ ଗଲା, ବେମାରି ଆସି ପଶିଲା । କାହା ପାଇଁ ରହିବୁ ?

ପରଦିନ ଟିଭିରେ ଦେଖୁଥିଲା ନିଶା । ଆନନ୍ଦ ବିହାର ବୋଲି କୋଉ ଗୋଟାଏ ବସ୍‌ଷ୍ଟାଣ୍ଡ । ସେଠି ପୋକମାଛି ପରି ସାଲୁବାଲୁ ଲୋକ । ଟ୍ରଙ୍କ, ବାକ୍ସ, ବୁଜୁଳା ଧରି ପିଲା କାଖେଇ । ତା'ପରଠାରୁ ଲାଗ ଲାଗ ଟିଭିରେ ଆସିଲା କିଏ ମାଇଲ ମାଇଲ୍ ଚାଲି ଚାଲି ଗଲେଣି, କିଏ ରାସ୍ତାରେ ପଡ଼ି ମଲାଣି, କାହାର ସବୁ କିଛି ଚୋରି ହେଇଗଲା । ଟ୍ରକ୍, ବସ୍‌ରେ ବୋଝେଇ ହେଇ ଝୁଲିଝୁଲି ଯାଉଥିବା ସ୍ତ୍ରୀ, ପୁରୁଷ, ପିଲା ରାସ୍ତାରେ ଯେମିତି ବେଳେ ବେଳେ ଦେଖେ ସିଏ– ଜାଲିବାଲା ମିନିଟ୍ରକ୍ ଡାଲାରେ ଲଦାଲଦି ହେଇ ଝୁଲିଯାଉଥାନ୍ତି ଧଳା କୁକୁଡ଼ା କଟାହେବା ପାଇଁ...

'ସବୁ କଥାର ଗୋଟାଏ ଯୋଗ ଥାଏ । କେତେବେଳେ, କୋଉଠି, କ'ଣ ଘଟିବ ତା' ଆଗରୁ ତିଆରି ହେଇଥାଏ । କାହା ସାଙ୍ଗରେ, କେବେ, କେମିତି ଦେଖାହେବ ତା' ବି'– ଜିତେନ୍ ଧୀରସ୍ଥିର ଭାବରେ ଉଚ୍ଚାରଣ କଲା । କହିଲାବେଳେ ସେ ନିଶାର ଦରଆଉଜା ଦୁଆର ପାଖାପାଖି ଛଅଇ□ ଫାଙ୍କ ଦେଇ ବାହାରକୁ ନିରେଖୁଥିଲା ।

ବୁଝିପାରିଲା ନାହିଁ ନିଶା କ'ଣ କହିବାକୁ ଚାହୁଁଛି ଜିତେନ୍ । ସେ ଜିତେନ୍‌କୁ ଚାହିଁ ରହିଲା ।

'ଈଶ୍ୱର ଆଗରୁ ତିଆରି କରି ସଜେଇ ରଖିଥା'ନ୍ତି । ଏଇ ଯେମିତି ମୁଁ ତୁମ ପାଖକୁ ଆସିବା । ମୋର ରହିବା ଜାଗା ହେଉଛି କରୋଲବାଗ । ଏଇ ରାଜୌରି ଗାର୍ଡନ୍‌ରେ ଦି' ତିନି ଦିନ ବୁଲିବୁଲି, ପୁଲିସଠାରୁ ଲୁଚିଛପି ଏଇ ଘର ଠାବ କରିଥିଲି । ଦୁର୍ଯୋଗ ଦେଖ କୁକୁର କାମୁଡ଼ିଲା । ମୁଁ ବି ଦଉଡ଼ି ଦଉଡ଼ି ଏଇ ଗଳିକୁ ପଶିଲି, ଆଉ ସବୁ ଘର ଛାଡ଼ି ତୁମ ଘର କବାଟ ବାଡ଼େଇଲି । ତୁମେ ପୁଣି କବାଟ ଖୋଲିଲ । ହୁଏତ ଖୋଲି ନ ଥାନ୍ତ. .' ସେମିତି ବାହାରକୁ ଚାହିଁ ଚାହିଁ କହିଲା ଜିତେନ୍, ଯେମିତି ନିଜକୁ ନିଜେ କହୁଛି । ନିଶା ମନ ଭିତରକୁ ଚଟ୍ କରି ଧାଡ଼ିଏ ଆସିଗଲା ଯେ ସେ ଗରାଖ ଭାବି ଅଭ୍ୟାସବଶତଃ ଖୋଲିଦେଲା, ନ ହେଲେ ଏତେ ରାତିରେ....

'ଈଶ୍ୱର ଚାହୁଁଛନ୍ତି ଯେ ତୁମର ମୋର ଦେଖାହେଉ । ସବୁ ଦୁର୍ଯୋଗ ଭିତରେ ଇଏ ଏକ ସଂଯୋଗ ।' ଏଥର ଜିତେନ୍ ନିଶା ମୁହଁକୁ ଚାହିଁଲା । ତା' ମୁହଁ ଅଦ୍ଭୁତ ଦିଶୁଥିଲା ଓ ଆଖି ଚକ୍‌ଚକ୍ କରୁଥିଲା ।

'ତୁମେ କେମିତି ଜାଣିଲ ?' ଏମିତି କିଛି ପଚାରି ପକାଇଲା ନିଶା । ସେ ଜିତେନ୍‌ର କଥା ଭଲ ଭାବରେ ବୁଝିପାରୁ ନଥିଲା ।

'ମୁଁ ସାଧୁ ମହାତ୍ମାମାନଙ୍କର ବହୁତ ପ୍ରବଚନ ଶୁଣିଛି । ରାମଚରିତ ମାନସ ପଢ଼ା, ଗୀତାପାଠ ସବୁଥିରେ ଯୋଗ ଦେଇଛି । ନାଇଁ ମୋତେ କେହି ଡାକିନାହାନ୍ତି ସେଇଠିକୁ । ମୁଁ ଏଥିରେ ପଶିବା ଆଗରୁ ଗୋଟାଏ ଟେ□ କମ୍ପାନିରେ ଲାଉଡ୍ ସ୍ପିକର୍, ଲାଇଟ୍ ଲଗାଇବା କାମ କରୁଥିଲି । ବାଉଁଶ ଶିଡ଼ିରେ ବହୁତ ଉପରକୁ ଚଢ଼ି ବିରାଟ ବିରାଟ ମଣ୍ଡପରେ ଲାଉଡ୍ ସ୍ପିକର୍ ଖଞ୍ଜେ ମୁଁ । ଉପରୁ ମଣ୍ଡପ ଭିତରକୁ ଚାହେଁ ଯାହା ସେତେବେଳେ ଖାଲିଥାଏ । ମୋର ଗର୍ବ ଆସେ ଯେ ଏଇ ମଣ୍ଡପରେ ଯୋଉ ସାଧୁ ସନ୍ଥ ଆସି ଭାଷଣ ଦେବେ, ମୋ ଯୋଗୁଁ ସେମାନଙ୍କ ସ୍ୱର ସମସ୍ତେ ଶୁଣିପାରିବେ । କାମ ସରିଲା ଯାଏଁ ରହିବାକୁ ହୁଏ । ପ୍ରୋଗ୍ରାମ୍ ସରିବା ପରେ ପୁଣି ଖୋଲାହୁଏ ସବୁ ସରଞ୍ଜାମ । ସେଇ ସମୟରେ କିଏ କିଏ ବାହାରକୁ ଯାଇ ବୁଲିଆସନ୍ତି, ମଦ ବି ପିଅନ୍ତି ବା ତାସ୍ ଖେଳନ୍ତି ଅନ୍ଧାରିଆ କୋଣ ଦେଖି । ମୁଁ ବି ସେଇଆ କରୁଥିଲି ସାଙ୍ଗ ମେଳରେ । ହେଲେ ଦୁଇ ତିନି ଥର ଜଣେ ବାବାଙ୍କୁ ଶୁଣିବା ମୋତେ ଏଇ ପ୍ରବଚନ ଶୁଣିବା ଆରେଇଲା । ମୁଁ ସେସବୁରେ ନ ମାତି ଶୁଣିବାକୁ ଲାଗିଲି ।' ଟିକିଏ ଚୁପ୍ ରହିଲା ଜିତେନ୍ ।

'ଆଉ କପେ ଚା' ବସେଇବି କି ? ପଚାରିଲା ନିଶା ।

'ହଁ ଯଦି ତୁମେ ପିଇବ ।' ଉ□ର ଦେଲା ଜିତେନ୍ ।

'ତେବେ ସେଇଠି ଥରେ ଆଉ ଗୋଟିଏ ଆଶ୍ଚର୍ଯ୍ୟ କଥା ଘଟିଲା । ମୁଁ ଲୋକମାନଙ୍କ ଧାଡ଼ିରେ ସବୁଠାରୁ ପଛରେ ବସିଛି । ପ୍ରବଚନ ସରି ସରି ଆସିଲାଣି । ଲୋକ କେତେଜଣ ଉଠି ଚାଲିଯିବାକୁ ବସିଲେଣି । ମୋ ଆଗଧାଡ଼ିରେ ବସିଥିବା ଜଣେ ବଡ଼ କାଳିଆ ଲୋକ ତା' ଧଳା କମିଜ୍ ପକେଟ୍‌ରୁ ମୋବାଇଲ ବାହାର କଲା । ଆଗକୁ ମଣ୍ଡପକୁ ଚାହିଁ ଚାହିଁ ମୋବାଇଲ୍‌ରେ ଧୀରେ ଧୀରେ କଥାବା□ା କଲା । ବୋଧହୁଏ ତା' ଡ୍ରାଇଭରକୁ ଡାକୁଥିଲା । ତା' ତିନି ଆଙ୍ଗୁଠିରେ ମୋଟା ମୋଟା ସୁନାମୁଦି ସବୁଜ, ନାଲି, ଧଳା ବଡ଼ ବଡ଼ ଗାରବସା

ଚକ୍ ଚକ୍ କରୁଥାଏ । ସେ ତରବର ହେଇ ଉଠିପଡ଼ିଲା । ଡାହାଣ ହାତରେ କାମିଜ୍ ପକେଟ୍‌ରୁ ରୁମାଲ କାଢ଼ିଲା, ମୁହଁ ପୋଛିଲା ଓ ରୁମାଲକୁ ପକେଟ୍‌ରେ ପୂରାଇଲା । ବାଁ ହାତରେ ମୋବାଇଲ୍ ମୁହଁ ପାଖରେ ରଖିଥାଏ ଓ କ'ଣ ଦେଖୁଥାଏ । ବାସ୍ ସେ ଉଠିକରି ଚାଲିବାକୁ ଆରମ୍ଭ କଲା । ସେ ଚାରି ପା□ ପାହୁଣ୍ଡ ଯାଇଛି କି ନାହିଁ, ମୁଁ ଦେଖିଲି ସେ ବସିଥିବା ଚେଆର୍ ତଳେ ମାଟିଆ ୱାଲେଟ୍‌ଟେ ପଡ଼ିଛି । ସାଙ୍ଗେ ସାଙ୍ଗେ ମୁଁ ଉଠିପଡ଼ିବାକୁ ଯାଉଥିଲି, ସେ ୱାଲେଟ୍‌ଟା ଉଠେଇ ନେବାକୁ ହାତ ବଢ଼େଇ ଆସିଥିଲି ଓ ପାଟିକରି ସେ ଲୋକ ଜଣକୁ ଡାକିବାକୁ ଯାଉଥିଲି ତାଙ୍କ ଜିନିଷ ନେବା ପାଇଁ । କିନ୍ତୁ କାହିଁକି କେଜାଣି ଅଟକିଗଲି । ଉଠିପାରିଲି ନାହିଁ, ହାତ ବଢ଼େଇ ସେଇଟାକୁ ଉଠେଇ ନେଇପାରିଲି ନାହିଁ କି ପାଟିକରି ଲୋକଟାକୁ ଡାକିପାରିଲି ନାହିଁ । ସେମିତି ସେଇଠି ବସିରହିଲି ଯେମିତି ଅଠା ଲାଗିଛି ମୋ ଦେହରେ– ଲୋକଟାକୁ ନଜର କଲି । ସେ ସଭା ଛାଡ଼ି ଫେରିବା ଭିଡ଼ ଭିତରେ ପଶିବାମାତ୍ରେ, ମୁଁ ୱାଲେଟ୍‌ଟା ଉଠେଇନେଲି ଓ ବିପରୀତ ଦିଗରେ ଚ□ଳ ଯାଇ ଆରପଟେ ଭିଡ଼ରେ ମିଶିଗଲି । ଦେହ ଥରୁଥାଏ ଓ ଝାଳ ବହିଯାଉଥାଏ । କୌଣସିମତେ ସାଇକେଲ୍ ଚଢ଼ି ଘର ଆଡ଼େ ମୁହାଁଇଲି । ମୋ ସହ ସେତେବେଳେ ଗୋଟିଏ ରୁମ୍‌ରେ ଆଉ ତିନିଜଣ ରହୁଥାନ୍ତି । ତୁମର ଏଇ ଘରଠାରୁ ଆଉ ଟିକିଏ ବଡ଼ ହେବ । କମ୍ପାନି ଦେଇଥାଏ । ଘର ଭିତରକୁ ନ ଯାଇ ମୁଁ ଗଳିରେ ଟିକିଏ ମୋଡ଼ିଗଲି ଓ ରାସ୍ତାଧାରରେ ପଛକରି ସେଇଟାକୁ ଖୋଲିଲି । ସେଥିରେ ପା□ଟା ଦୁଇହଜାର ଟଙ୍କିଆ ନୋଟ୍, ଗୋଟାଏ ପା□ଶ ଟଙ୍କିଆ ଆଉ କିଛି ଖୁଚୁରା ଟଙ୍କା ଥିଲା । ତା'ର ଚୋରା ପକେଟ୍‌ରେ ଗୋଲ୍ ଟଙ୍କା ଭଳିଆ କିଛି ଥିଲା । କାଢ଼ିକି ଦେଖିଲି ଆଉ ଜାଣିପାରିଲି ଯେ ସୁନା ମୋହରଟାଏ । ତିନି ଚାରିଟା ବ୍ୟାଙ୍କ୍ କାର୍ଡ ଥିଲା । ଗୋଟାଏ ଫଟୋ ଥିଲା ହନୁମାନଜୀଉଙ୍କର । ଟଙ୍କା ଆଉ ମୋହର ପକେଟ୍‌ରେ ରଖି ବାକିସବୁ ସହ ୱାଲେଟ୍‌ଟାକୁ ନର୍ଦ୍ଦମାରେ ପକେଇଦେଲି–' ଜିତେନ୍ ଦମ୍ ନେଲା ଟିକିଏ । ପାଖରେ ଥିବା ପାଣିବୋତଲରୁ ଟେକିକରି କେଇ ଢୋକ ପାଣି ପିଇଲା । ଏ ଭିତରେ ନିଶା ଆଉ କପେ ଚା' ଦେଇସାରିଥିଲା ।

'ତା' ପରଠାରୁ ମୋତେ ଏଇଟା ସହଜ ହେଲା । ବଡ଼ ମାର୍କେଟ୍‌କୁ ଗଲି– ସରୋଜିନୀ ନଗର, କମଳା ନଗର, ଲଜପତ ନଗର, କରୋଲବାଗ । ବାସ୍, କାହା ପକେଟ୍‌ରୁ ୱାଲେଟ୍‌ଟେ, କାହାର ମୋବାଇଲ୍ କି କେତେବେଳେ କେମିତି ଲେଡିଜ୍‌ଙ୍କ ମନିପର୍ସ ବା ବେକରୁ ସୁନାହାର । ଠିକ୍ ଚାଲୁଥିଲା । ଏଇ କରୋନା ପାଇଁ ସବୁ ମାର୍କେଟ୍ ବନ୍ଦ । ଏଇ ମାସେ ହେଲା ଏଥିରେ ହାତ ଦେଇଛି ।' କଥା ବନ୍ଦ କରି ଚା' ପିଇଲା ଜିତେନ୍ ।

ଏଥିରେ ମାନେ ନିଶା ବୁଝିପାରିଲା ଯେ ଘରୁ ଚୋରି । 'ହେଲେ ତାଲା ଖୋଲାଖୋଲି, କବାଟ ତଡ଼ା ଏସବୁ ମୋତେ ଆସେ ନାହିଁ । ଖାଲି ହାତପାଆନ୍ତାରେ ଯଦି କିଛି ଥାଏ । କେବେ କେମିତି ଝରକା ଖୋଲା ଥାଏ, ମୋବାଇଲ୍‌ଟାଏ ରଖାହେଇଥାଏ, ଘ□ାଟେ କି ଲେଡିଜ୍ ପର୍ସଟେ । ଲକ୍‌ଡାଉନ୍‌ର ପ୍ରଥମେ ପ୍ରଥମେ କିଛି ମିଳୁଥିଲା । କିନ୍ତୁ ଧୀରେଧୀରେ ଲୋକେ ଝିଡ଼ିକିସବୁ ଜୋର୍‌କରି କିଳିବା ଆରମ୍ଭ କରିଦେଲେଣି । ସତେ ଯେମିତି କରୋନା ଝରକା ବାଟେ ପଶିଆସିବ । ଆଉ ଗୋଟାଏ ଗୋଟାଏ ରୁମ୍‌ରେ ଚାରି, ପା□ ଶୋଉଛନ୍ତି । ଯିଏ ଯୁଆଡ଼େ ଥିଲେ ପୁଅଝିଅ, ବାପାମାଆ ସବୁ ଗୋଟାଏ ଜାଗାରେ ଏକାଠି ହେଇ ଯାଉଛନ୍ତି । ଆଉ ଏଥର ତ ଏମିତି କୁକୁର କାମୁଡ଼ିଲା । ଲାଗୁଛି ଯା' କୁ ବି ଛାଡ଼ିବାକୁ ହବ ।' ଦୀର୍ଘଶ୍ୱାସ ଛାଡ଼ିଲା ଜିତେନ୍ ।

ନିଶା କିଛି ଉ□ର ଦେଲା ନାହିଁ । ଖଟ ଉପରେ ଗୋଡ଼କୁ ଜାକି ବସି ଦି' ହାତରେ ଚା' କପ୍ ଧରି ପିଇବାରେ ଲାଗିଲା ।

'ହଉ, ମୁଁ ଉଠିଲି । ଇଏ ମୋର ମୋବାଇଲ୍ ନମ୍ବର । କିଛି ଦରକାର ଯଦି କହିବ, ଆଣିଦେବି ।' ଜିତେନ୍ ଉଠି ଠିଆହେଲା ଓ କାଗଜଟେ ପକେଟ୍‌ରୁ ବାହାର କଲା ଯୋଉଥିରେ ବୋଧେ ତା' ନମ୍ବର ଲେଖାଥିଲା । କାଗଜ ସହ ଫଟୋଟେ ପରି କିଛି ତା' ପକେଟ୍‌ରୁ ବାହାରି ଆସିଲା ।

'ହଁ, କହିଥିଲି ନା ସେଇ ପ୍ରଥମ ଲୋକର ୱାଲେଟ୍‌ରୁ ଟଙ୍କା ଓ ମୋହର କାଢ଼ିରଖି ଆଉ ସବୁ ଫୋପାଡ଼ି ଦେଲି । ଏଇ ହନୁମାନଜୀଉଙ୍କ ଫଟୋ ବି ରଖିଦେଇଥିଲି । ସେଇଦିନୁ ସେ ମୋ ପକେଟ୍‌ରେ । ମୋର ଲକି ଠାକୁର । ଏଇ ଦେଖ ।' ଫଟୋଟିକୁ ହାତରେ ଧରି ନିଶାର ପାଖକୁ ଚାଲିଆସିଲା ଜିତେନ୍ ଓ ତା'କୁ ଦେଖେଇଲା । ନିଶା ମଧ୍ୟ ତା'କୁ ଆଗ୍ରହରେ ମୁହଁ ଲମ୍ବେଇ ଦେଖିଲା ।

'ଯା'ଙ୍କୁ ତୁମେ ରଖ । ଏକୁଟିଆ ରହୁଛ ।' ହନୁମାନଙ୍କ ଫଟୋ ନିଶା ଆଡ଼କୁ ବଢ଼ାଇଦେଲା ଫୋନ୍ ନମ୍ବର ଲେଖା କାଗଜ ସହ ଜିତେନ୍ । ନିଶା ଯନ୍ତ୍ରଚାଳିତ ପରି ହାତ ବଢ଼େଇ ଦୁଇଟାଯାକ ନେଇଆସିଲା ।

ଜିତେନ୍ ଚାଲିଗଲା ପରେ ଗୁଡ଼ାଏ ସମୟ ଖଟ ଉପରେ ବସିଲା ନିଶା । କେତେବେଳେକେ ଖଟ ଉପରେ ରଖିଥିବା ହନୁମାନଙ୍କ ଫଟୋ ଆଉ ଜିତେନ୍‌ର ଫୋନ୍ ନମ୍ବର କାଗଜ ଉଠେଇ ଏପଟ ସେପଟ କରି ଦେଖିଲା ସେ । ହନୁମାନଙ୍କ ଫଟୋ ଯୋଉ ଲକି ବୋଲି କହିଲା ଜିତେନ୍, କ'ଣ ସତ ? ଭାବୁଥିଲା ସେ । ଜିତେନ୍ ତା'କୁ ଟଙ୍କା ଦେଲା ଅଧିକ କରି, ତା'ର ଲକି ହନୁମାନ ଫଟୋ ବି ଦେଲା, ଫୋନ୍ ନମ୍ବର ଦେଲା ଅଥଚ... । ହିଞ୍ଜଡ଼ାଟା କି ଆଉ ? ଏଇ ଭାବନା ଚଟ୍ କରି ମନ ଭିତରକୁ ଆସିଗଲା ନିଶାର ।

ନା, ତା' ନୁହେଁ । ସେ ଜାଣିଛି ଯେ ବସିଥିବା ସମୟତକ କେମିତି ଗୋଟାଏ ତା'ରି ଆଡ଼କୁ ମଝିରେ ମଝିରେ ଚାହେଁ ଜିତେନ୍ । ଯେତେବେଳେ ସେ ଚା' କି ଜଳଖିଆ ତିଆରି କରୁଥାଏ, ସେତେବେଳେ ମଧ୍ୟ ବୁଲି ବୁଲି ଦେଖେ ତା'କୁ । କେତେବେଳେ କେମିତି ତା' ଛାତି, ବେକ ଆଡ଼କୁ ନଜର ଯାଏ ତା'ର । ଏମିତିକି ପେଟିକୋଟ୍ ଉଠିଯାଇଥିବା ତା' ଗୋଡ଼ ପେଣ୍ଡା ବା ଆଣ୍ଠୁ ଆଡ଼କୁ ବି । ନିଶାର ଆଖି ସହ ଆଖି ମିଶିଗଲେ ଚଟ୍ କରି ଆଉ ଜାଗାକୁ ଚାହେଁ ସିଏ । କ'ଣ ମତଲବ ଏଇ ଟୋକାର ? ହଁ, ଗରାଖ କେହି କେହି ତା'କୁ କେବେ କେମିତି ଫୋନ୍ ନମ୍ବର ଦିଅନ୍ତି । ତାଗିଦା କରନ୍ତି ଅମୁକ ସମୟରେ ଫୋନ୍ କରିବୁ । ଆଉ ଫୋନ୍ କଲେ କୁହନ୍ତି ଏଇଆ ସବୁ କହ- ମାନେ କହ ଯାହା ଯାହା ତୁ କଲୁ...ଅଲଗା ସମୟରେ ଜମାରୁ ଫୋନ୍ କରିବୁ ନାହିଁ, ଜାଣିଥା- ତା' ବି କୁହନ୍ତି । ଏଇ ଫୋନ୍ କଥାବା[illegible] ପାଇଁ କେତେବେଳେ କେମିତି ଶହେ ପଚାଶ ଅଧିକା ଗୁଞ୍ଜି ଦିଅନ୍ତି ତା' ହାତରେ ସେ ଜିଦ୍‌କରି ମାଗିଲେ ।

କୌଣସି ମତେ ଦି'ଟା ରୁଟି ତିଆରି କରି ପିଆଜ ଓ ଆଚାର ସାଙ୍ଗେ ଖାଇଦେଲା ନିଶା, ନିଦ ବଟିକାଟେ ଗିଳିଲା ଓ ଶୋଇବାକୁ ଚେଷ୍ଟା କଲା ।

ପରଦିନ ସେମିତି ଗତାନୁଗତିକ ଓ ବିରକ୍ତିକର ଥିଲା ତା' ପାଇଁ । ଗରମ ବହୁତ ବଢ଼ିଯାଇଥିଲା । ବାହାର ପୂରା ଶୂନ୍‌ଶାନ୍ ଥିଲା । ଦିନସାରା ପାଣି ଛାଟିହେଲା ଦେହରେ ମୁହଁରେ ନିଶା । ଗୁଡ଼ାଏଥର ଲାଇନ୍ ବି ଚାଲିଗଲା । ସନ୍ଧ୍ୟାବେଳକୁ ଛଗନ ଭୈୟାକୁ ଫୋନ୍ ଲଗାଇଲା ସେ । ଏଥର ଯୋଗକୁ କେମିତି ଫୋନ୍ ଉଠାଇଲା ଛଗନ ଭୈୟା ।

'କ'ଣ ?' ବିରକ୍ତିଭରା ସ୍ୱର ଶୁଭିଲା ସେପଟୁ ।

'ଭୈୟା, ପଇସା କିଛି ଦରକାର । କେମିତି ଚଳିବି ? କିଛି ତ ଦିଅ ।' ମିନତି କଲା ନିଶା ।

'ପଇସା କ'ଣ ଗଛରେ ଫଳୁଛି ? ଦେଖୁଛୁ ତ ଧନ୍ଦା ବନ୍ଦ । ଲକ୍‌ଡାଉନ୍ ଚାରିଆଡ଼େ । ଏମିତିରେ ବି ସମସ୍ତଙ୍କୁ କରୋନା ଭୟ । କୋଉଠୁ ଆଣିବି ମୁଁ ? ଯେତେ ହଇରାଣ ମୁଁ ହଉଛି' - ସେଇମିତି ସ୍ୱରରେ କହିଚାଲିଲା ଛଗନ ଭୈୟା ।

'ମୋର ଟଙ୍କା ତ ତୁମ ପାଖରେ ଅଛି । ବ୍ୟାଙ୍କ୍‌ରେ ବି ରଖିଛ । ସେଥିରୁ କିଛି କାଢ଼ି ହେଲେ ଦିଅ । ପୁଣି କାମ ଆରମ୍ଭ ହେଲେ ତୁମେ ପାଇଯିବ ନାଇଁ କି ?' ନିଶା ମଧ୍ୟ ସେମିତି ମିନତି କରିଚାଲିଲା ।

'କି ଟଙ୍କା ତୋର ? ଖର୍ଚ୍ଚ କେତେ ତୋ'ର ଜାଣିଛୁ ? ଘରଭଡ଼ା, ପାଣି, ବିଜୁଳି କେତେ ଦିଏ ମୁଁ ? ଘରଭଡ଼ା ଦି' ମାସର ଦେଇପାରିନି । ଘରବାଲା ମାଗି ହେଉଛି । ଆଉ ଯୋଉ ଟିଭି, ଫ୍ରିଜ୍, ଗ୍ୟାସ୍ ଚୁଲା, ପଲଙ୍କ କିଣା ହେଇଛି ? ପ୍ରତି ମାସରେ କିସ୍ତି ଯାଉଛି ତା'ର । ବ୍ୟାଙ୍କ୍‌ରୁ ପଇସା ସେଇଥିରେ ଦେଉଛି । ମାସେ ନ ଦେଲେ ସେମାନେ ଆସି ଏସବୁ ଉଠେଇ ନେବେ । ଆଉ ଏଇଲେ ପଇସା କଥା ମୁହଁରେ ଧରନା । ତମମାନଙ୍କୁ ମୁଁ ଚଳେଇବି କେମିତି ଜାଣିପାରୁନାହିଁ'...

ନିଶା ଆଉ ଶୁଣିପାରିଲା ନାହିଁ । ପ୍ରତି ମାସରେ ବ୍ୟାଙ୍କ୍‌ରୁ ପଇସା କାଢ଼ିବ ବୋଲି ଛଗନ ଭୈୟା ଚେକ୍ ବୋଲି କାଗଜରେ ତା' ଠାରୁ ଦସ୍ତଖତ କରିନିଏ । ଏଇ ଜିନିଷ ସବୁର କିସ୍ତି ଆଉ ଘରଭଡ଼ା ଇତ୍ୟାଦି ତା' ବି ଆଗରୁ କେତେଥର କହିଛି ନିଶାକୁ ସେ । ଟିଭିର କିଣା କିସ୍ତି ଆଉ କେବୁଲ୍ କିସ୍ତି । ଜଣାପଡୁଛି ଯାହା କେବୁଲ୍ କିସ୍ତି ସେ ଏଇ ମାସରେ ଦେଇନାଇଁ । କେବୁଲ୍ ବନ୍ଦ ମାନେ ଟିଭି ବନ୍ଦ ।

ଆଉ ଧନ୍ଦା !

ସିଏ ତ କେବେ ଆରମ୍ଭ ହେବ କେଜାଣି ? ଟିଭିରେ ଦଉଥିଲା ଯେ କରୋନା ହୁଏତ ବର୍ଷେ କି ଦି' ବର୍ଷ ରହିପାରେ । ଗରାଖସବୁ ଘରେ ଲୁଚିଛନ୍ତି, ଆସିବେ ନାଇଁ । ସତରେ କ'ଣ କରିବ ସେ ? ଏକଥା ଭାବି ଭାବି ଆଉ ରାତି ପାଇଁ କିଛି ରାନ୍ଧିଲା ନାହିଁ ନିଶା । ଦି'ଟା ବିସ୍କୁଟ୍ ଓ ନିଦବଟିକା ଖାଇ ଶୋଇପଡ଼ିଲା ।

ଅନ୍ୟମନସ୍କ ଭାବରେ ନିଜ ପର୍ସ ଅଣ୍ଡାଳୁଥିଲା ନିଶା । ଦି'ଟା ଯାକ କାଗଜ ବାହାର କରି ଆଣିଲା । ହନୁମାନଜୀଙ୍କ ଫଟୋ ଆଉ ଆର କାଗଜଟା ଯୋଉଥିରେ ଜିତେନ୍ ତା' ଫୋନ୍ ନମ୍ବର ଲେଖିଥିଲା । ହିନ୍ଦୀରେ ଜିତେନ୍ ଓ ଇଂରାଜୀରେ ନମ୍ବର । ପାଠ ନ ପଢ଼ିଥିଲେ ମଧ୍ୟ ହିନ୍ଦୀ ଅକ୍ଷର ବାରିପାରେ ସିଏ ଓ ଇଂରାଜୀରେ ନମ୍ବର ବି ଶିଖିଯାଇଛି, ଯେମିତି ଦସ୍ତଖତ ଶିଖିଛି । ହନୁମାନଜୀଙ୍କ ଫଟୋ ମୁଣ୍ଡରେ ଲଗାଇ ପର୍ସରେ ରଖିଦେଲା ସେ । ଫୋନ୍ ନମ୍ବର ଥିବା କାଗଜକୁ ଏପଟ ସେପଟ ଲେଉଟାଇଲା ଦି' ତିନିଥର ଓ ଜିତେନ୍‌କୁ ଫୋନ୍ ଲଗାଇଲା ।

'କେମିତି ଅଛ ? ଭାବୁଥିଲି ତୁମକୁ ଫୋନ୍ କରିବି । କିଛି ଦରକାର କି ? ହବ ଯଦି ତୁମଆଡ଼େ ବୁଲି ଆସିବି ।' ଜିତେନ୍‌ର ସ୍ୱର ଶୁଭିଲା ।

'ପାରିବ ଯଦି ଚାଓମିନ୍ ଗୋଟାଏ ପ୍ଲେଟ୍ ଆଣିବ । ଦି' ଜଣ ଯାକ ଖାଇବା ।' ନିଶା ପାଟିରୁ ବାହାରିଗଲା । ଏଇଆ ମାଗିବ ବୋଲି ଯଦିଓ ସେ ଆଗରୁ ଭାବିଥିଲା ।

'ମୋର ବି ବହୁତ ଦିନରୁ ଇଚ୍ଛା ହେଉଛି ଚାଓମିନ୍ ଖାଇବାକୁ । ଭଲ ହେଲା ଦେଇଆସିବି । ହେଲେ ଆଜିକାଲି ଖାଲି ସନ୍ଧ୍ୟାବେଳେ ମିଳୁଛି । ତୁମ ଘର ଗଳିରେ ପଶିବା ଆଗରୁ ବାଁ ପଟକୁ ଯୋଉ ମାର୍କେଟ୍ ଅଛି ସେଇଠି ଦି' ତିନିଟା ଠେଲା ଦେଖିଥିଲି । ସନ୍ଧ୍ୟା ସାତଟା ବେଳେ ଆରମ୍ଭ କରୁଛନ୍ତି । ଖାଲି ପାର୍ସଲ୍ ଦେଉଛନ୍ତି । ମୁଁ ପ୍ରଥମରୁ ଲାଇନ୍ ଲଗେଇଦେବି ।' ଉତ୍ସାହଭରା ଶୁଭୁଥିଲା ଜିତେନ୍‌ର ସ୍ୱର ।

ବେଶ୍ ଚଳଚ□ଳ ଖୁସିଖୁସି ଲାଗିଲା ଦିନସାରା ନିଶାକୁ । ଗୋଟିଏ ନୁହେଁ, ଦି'ଟା ପୁଡ଼ିଆ ଚାଓମିନ୍ ନେଇ ଆସିଥିଲା ଜିତେନ୍ । ଦି'ଟା ଥାଳିରେ ବାଢ଼ିଦେଲା ତା'କୁ ନିଶା । ଏଇ ଜିତେନ୍ ଆସିବାଠାରୁ ହିଁ ତା'ର ଦ୍ୱିତୀୟ ଥାଳିର ବ୍ୟବହାର ହେଉଛି । ନ ହେଲେ ଦି'ଟାରୁ ଗୋଟାଏ ସବୁବେଳେ ଡେରା ହେଇଥାଏ ।

'ଆଉ ଏଇଠି ରହିହେବ ନାହିଁ । ସମସ୍ତେ କହୁଛନ୍ତି ଯେ ସବୁଆଡ଼େ କରୋନା ମାଡ଼ିଯିବ । କେହି ବ□ିବେ ନାହିଁ । କିଏ ବ□ିବ, କିଏ ମରିବ ଠିକଣା ନାହିଁ । ବଡ଼ ବଡ଼ ଲୋକଙ୍କୁ ମେଡିକାଲ୍‌ରେ ଖଟିଆ ମିଳୁନି ଯାହା ଟିଭିରେ ଦେଖେଉଛି । ଗରିବଗୁରୁବାଙ୍କୁ ପଚାରେ କିଏ ? ଭାବୁଛି ଗାଁକୁ ଚାଲିଯିବି । ଏଇଠି ଏକୁଟିଆ ମରିବା ଅପେକ୍ଷା ଯଦି ମରିବାର ଅଛି ନିଜ ପରିବାର ଲୋକଙ୍କ ସାଙ୍ଗରେ ମରିବା । ନା, କ'ଣ କହୁଛ ?' ଖାଇସାରି ନିଶାକୁ ପଚାରିଲା ଜିତେନ୍ ।

କୌଣସି ଉ□ର ଦେଲା ନାହିଁ ନିଶା ।

'ତୋ ଘର କୋଉଠି ? ଆମର ମିଦିନାପୁର । ଏମିତିରେ ଆମେ ଓଡ଼ିଶା, ଓଡ଼ିଶାରୁ ବହୁ ପୁରୁଷ ତଳେ ପରିବାର ମିଦିନାପୁର ଉଠି ଆସିଥିଲେ । ଜାଣିଛ କି ଓଡ଼ିଶା କୋଉଠି, ମିଦିନାପୁର ?' ଜିତେନ୍ ପୁଣି ପଚାରିଲା । ମୁଣ୍ଡ ହଲାଇ ମନା କଲା ନିଶା ।

'ତୁମ ଘର ?'

'ନାଇଁ ।' ପୁଣି ମୁଣ୍ଡ ହଲାଇ ମନାକଲା ନିଶା ।

'ନାଇଁ ମାନେ ?' ଆଶ୍ଚର୍ଯ୍ୟ ହେଇ ପଚାରିଲା ଜିତେନ୍ । 'ବାପାମାଆ, ଭାଇଭଉଣୀ ?'

'କେହି ନାହାନ୍ତି । ଭାବିନିଅ ଏଇଠି ହିଁ ମୋର ଘର ।' ନିଶା ଧୀରେ ଧୀରେ କହିଲା ।

'ଓଃ ! ଇଏ ତ ଭଡ଼ାଘର ।'

'ହଁ ।' ନିଜ ବିଷୟରେ ବିଶେଷକରି ନିଜ ରହଣି ଓ ଛଗନ ଭୈୟା ବିଷୟରେ ଅଳ୍ପକିଛି କହିଥିଲା ଜିତେନ୍‌କୁ ନିଶା ।

ଟିକିଏ ସମୟ ଚୁପ୍ ରହିଲା ଜିତେନ୍ । 'ଏଇଠି ରହିବ କ'ଣ ଏକା ଏକା ? କରିବ ବି କ'ଣ ?' ଜିତେନ୍ ପୁଣି ପଚାରିଲା ନିଶାକୁ । ତା' ଧନ୍ଦା ଯେ ଆଉ ଚାଲିବ ନାହିଁ, ସେକଥା ଜାଣିଶୁଣି କହିଲା ନାହିଁ । ନିଶା ଚୁପ୍ ରହିଲା ।

'ମୁଁ ଭାବୁଛି ପଅରଦିନ ବାହାରିଯିବି । ମୋର ଓ ଜିନିଷ ବୋଲି କିଛି ନାହିଁ । ଗୋଟିଏ ପରିବାରର ଛୋଟିଆ ଗୋଟିକିଆ ରୁମ୍‌ରେ ମୁଁ ରହେ । ତାଙ୍କର ଟିଭି ଦେଖେ । ଖାଇବାକୁ ଦିଅନ୍ତି ପଇସା ଦିଏ । ତାଙ୍କରି ଗାଧୁଆଘର ବ୍ୟବହାର କରେ । ଗୋଟାଏ ସୁଟ୍‌କେସ୍ ହେଲେ ମୋର ବହୁତ ।' ନିଜକୁ ନିଜେ କହିଲା ଭଳି କହିଲା ଜିତେନ୍ ।

'ମୋର ବି ସେଇ ଗୋଟାଏ ସୁଟ୍‌କେସ୍ ହେବ ।' ହଠାତ୍ କହିଲା ନିଶା । 'ଏଗୁଡ଼ାସବୁ ଛଗନ ଭୈୟାର । ମାନେ ମୋର ପଇସାରେ କିଣା ହେଇଛି । ହେଲେ ତା'ର କିସ୍ତି ବାନ୍ଧୁଛି ସେ । ପଇସା ନ ଦେଲେ ଇଏ ବି ଚାଲିଯିବ । ଘର ବି ଛାଡ଼ିବାକୁ ପଡ଼ିବ ।' ନିଶା ଧୀରେ ଧୀରେ କହିଲା ।

'ତା'ହେଲେ ଗୋଟାଏ କାମ କର । ମୋ ସାଙ୍ଗରେ ଆମ ଗାଁକୁ ଚାଲ ।' ନିଷ୍ପ□ି ନେଲା ପରି ନିଶାକୁ କହିଲା ଜିତେନ୍ । ସେଇଠି କିଛି କାମ ଖୋଜିନେବା । ଏଇଠି ତହଳ ବିକଳ ହେଇ କି ରୋଗରେ ପଡ଼ି କାହିଁକି ମରିବା ?' ନିଶା କିଛି କହିଲା ନାହିଁ ।

'ହଉ ମୁଁ ଚାଲିଲି । କ'ଣ ଠିକଣା କଲ ମୋତେ କହିବ ।' ଜିତେନ୍ ଉଠିପଡ଼ି ଠିଆହେଲା ।

'ଏତେ ରାତି ହେଇଗଲାଣି । ଯିବ କେମିତି ? କାଲି ସକାଳେ ଯାଅ ।' ନିଶା କହିଲା ।

'ନାଇଁ ଚାଲିଯିବି ଗଳିଛପି । ପଅରଦିନ ଯିବାକୁ ହେଲେ ଗୁଡ଼ାଏ ଛୋଟମୋଟ କାମ ସାରିବାକୁ ହେବ । କାଲି ବ୍ୟାଙ୍କ୍‌କୁ ଯିବି । ବ୍ୟାଙ୍କ୍‌ରେ ମୋର କିଛି ଫିକ୍ସ ମାରିଛି । ଆକାଉ□ଟା ଗାଁରୁ ତ ଚଲେଇ ହବ । ସେତକ ବୁଝିବି । କାଲି ଓପରବେଳା ତୁମକୁ ଫୋନ୍ କରିବି ।' ଜିତେନ୍ ବାହାରିଗଲା ।

ସେଦିନ ରାତିରେ ଚ□ଳ ଶୋଇପଡ଼ିଲା ନିଶା, ଆଉ ନିଦ ବଟିକା ଦରକାର ପଡ଼ିଲା ନାହିଁ ତା'କୁ । ପରଦିନ ଜଳଖିଆ ଖାଇସାରି ନିଜ ଜିନିଷପତ୍ର ଘା□ିବାକୁ ଲାଗିଲା ସେ । କେତେ କ'ଣ ନେଇକି ଯିବ, କ'ଣ ଛାଡ଼ିକି ଯିବ ଅଲଗା କରିବାକୁ ଲାଗିଲା । ଥକିଗଲା

ପରେ ଟିକିଏ ବସିପଡ଼ିଲା ଖଟ ଉପରେ । ସେ ତା'ହେଲେ ଜିତେନ୍ ସହ ତା' ଗାଁକୁ ଯିବାକୁ ତିଆର ହୋଇଗଲାଣି । କିନ୍ତୁ ଜିତେନ୍‌ର ଗାଁରେ କ'ଣ ହେବ ସିଏ ? ଛୋଟିଆ ଜାଗାରେ ତା' ଧନ୍ଦା ଚଳିବ ତ ? ହେଲେ ଏଇଠି ଦିଲ୍ଲୀରେ ବି ସେ କ'ଣ କରିବ ? ଛଗନ ଭୈୟା ତ ଆଉ ଧରାଛୁଆଁ ଦେବ ନାହିଁ ଯାହା ଜଣାପଡୁଛି । ଦିଲ୍ଲୀ ବି ଏମିତିରେ କୋଉ ତା'ର ଘର ଥିଲା ?

ଯଦି ଜିତେନ୍ ନେଇ ତା'କୁ ଆଉ କାହାକୁ ବିକିଦିଏ ?

ହଃ, ଦେଲେ ଦେବ । ତିନିଥର ତ ସେ ବିକାକିଣା ହେଇସାରିଲାଣି । ଦେଖାଯାଉ ।

'କ'ଣ ଠିକଣା କଲ ?'– ଜିତେନ୍‌ର ଫୋନ୍ ଉପରବେଳା ଚାରିଟା ବେଳକୁ ଆସିଲା ।

'ମୋର ବି ଗୋଟାଏ ସୁଟ୍‌କେସ୍ ।' ନିଶା ଉ□ର ଦେଲା ।

'ବାଃ । ବେଶ୍ ଭଲ । ତେବେ ଆଧାର କାର୍ଡ, ପ୍ୟାନ୍ କାର୍ଡ ସବୁ ଭୁଲିବନି । ବ୍ୟାଙ୍କ୍ ଖାତା ତ ନାହିଁ । ନମ୍ବର ଯଦି ଥାଏ ନେଇ ଆସିବ । ମୁଁ କାଲି, ସକାଳେ ଦଶଟାବେଳେ ଅଟୋ ନେଇ ପହ□ିବି ।' ଜିତେନ୍‌ର ସ୍ୱର ଖୁସି ଖୁସି ଶୁଭୁଥିଲା ।

'ଆମେ ଟିଭିଟା ଆଉ ଗ୍ୟାସ୍ ଚୁଲା ସିଲିଣ୍ଡର ନେଇଯିବା । ମୋ'ଠାରୁ ଯିଏ ଜିନିଷ କିଣେ, ତା' ସାଙ୍ଗେ କଥାବା□ା ହେଇଛି । ଦେଖିଲା ପରେ ସେ ସାଙ୍ଗେ ସାଙ୍ଗେ ପଇସା ଦେଇଦେବ । ଚ□ଳ ବାହାର । ଅଟୋଟେ ଆଣିବା ବଡ଼ କଷ୍ଟ ଆଜିକାଲି । ଆଉ ଯଦି ତୁମର ଭୈୟା ଜାଣିଲା ତ ହଇରାଣ କରିବ ।' ଜିତେନ୍ ନିଶା ଘରୁ ଟିଭି କାଢ଼ିବାକୁ ଲାଗିଲା ।

କୌଣସିମତେ ଜିନିଷତକ ଲଦିଦେଲେ ଅଟୋରେ ସେମାନେ । ନିଶା ଏପଟ ସେପଟ ନଜର ପକାଇ ତରତରରେ ଘରେ ତାଲା ପକାଇଲା ଓ ଅଟୋରେ ବସି ପଡ଼ିଲା ।

'ଏଇଥର ଲକ୍‌ଡାଉନ୍ ଖୋଲାରେ ଅଟୋ, ସ୍କୁଟର ଚାଲୁଛି । ଅଟୋ ପଛରେ ଦି'ଜଣ । ଗତ ମାସସାରା ତ ତା' ବି ବନ୍ଦ ଥିଲା । ସେତେବେଳେ ଯୋଉମାନେ ଘରକୁ ଗଲେ, ବହୁତ କଷ୍ଟ ପାଇଲେ ।' ଜିତେନ୍ କହୁଥିଲା ।

ଜଣେ ଲୋକର ଘରେ ଅଟକି ଟିଭି, ଗ୍ୟାସ୍ ଚୁଲା ଓ ସିଲିଣ୍ଡର ନେଇ ଦେଇଆସିଲା ଜିତେନ୍ । ଫେରିଆସି ଅଟୋରେ ବସିଲା ବେଳକୁ ପା□ଶ ଟଙ୍କିଆ ନୋଟ୍ କେତେଟା ବଢ଼ାଇଦେଲା ନିଶା ହାତରେ । 'ପା□ ହଜାର ଜମାରୁ ଦେଲା । କହିଲା ପୁରୁଣା ଜିନିଷ । ଏଗୁଡ଼ାକ ଏଇଲେ କିଏ ନେବ ? କ'ଣ କରିବା ? ସମୟ ଖରାପ ଏବେ । ଯାହା ମିଳିଲା–' କହୁଥିଲା ସେ ।

ନିଶା ହାତମୁଠାରେ ଜାବୁଡ଼ି ଧରିଲା ଟଙ୍କାକୁ । ଏତେଗୁଡ଼ାଏ ନୋଟ୍ ଏକାସାଙ୍ଗରେ ତା'କୁ କେହି ଦେଇ ନଥିଲେ । ତା' ପାଖରେ ଥିବା ଅଢ଼େଇ ହଜାର ଟଙ୍କା ସେ ପର୍ସରେ ନେଇ ଆସିଥିଲା ।

'ଏଇଟା ନୂଆଦିଲ୍ଲୀ ରେଳ ଷ୍ଟେସନ୍ । ଆସିଛ କେବେ ? ଏଇଠି ଏଇଠି ରଖ ।' ନିଶା ଓ ଅଟୋବାଲାକୁ ଏକାଠି କହିଲା ଜିତେନ୍ । 'ଆଗରୁ ଟ୍ରେନ୍ ବି ଚାଲୁ ନଥିଲା । ଯିଏ ଆଗରୁ ଗଲେ ବହୁତ ହଇରାଣ ହେଇ ବସ୍‌ରେ, ଟ୍ରକ୍‌ରେ, ଚାଲି ଚାଲି ।' ଜିତେନ୍ ଖୁସି ହେଇ କହୁଥିଲା ।

ନିଶା ରେଳ ଷ୍ଟେସନ୍ ଦେଖି ନ ଥିଲା । ଯୋଉ ତିନିଥର ସେ ଯାତ୍ରା କରିଥିଲା ଲୋକେ ତା'କୁ ବସ୍ ବା ଟ୍ରକ୍‌ରେ ଆଣିଥିଲେ । ଷ୍ଟେସନ୍‌ରେ ଲୋକ ଭ□ି ହେଇଥିଲେ । ଜଣାପଡୁ ନ ଥିଲା ଯେ ଲକ୍‌ଡାଉନ୍ ଅଛି ବୋଲି । ସମସ୍ତେ ମୁହଁରେ ତୁଣ୍ଡି ବାନ୍ଧିଥିଲେ ।

'ହଁ ମୁଣ୍ଡଟା ବି ଘୋଡ଼ାଇ ଦିଅ । ମାସ୍କଟାକୁ ଭଲ କରି ନାକ ଓ ପାଟି ଉପରେ । ଏଇଠି, ଏଇ ହେଉଛି ଆମ ଟ୍ରେନ୍ । ଏଇଥିରେ ଚଢ଼ିବା । ମୋ ପଛେ ପଛେ ଆସ ।' ଜିତେନ୍ ଓ ନିଶା ସୁଟ୍‌କେସ୍ ଗୋଟିଏ ଗୋଟିଏ ଧରି ଟ୍ରେନ୍‌ରେ ଚଢ଼ିଲେ । 'ଟିକେଟ୍ ତ କାଲି କାଟିଲି ତୁମେ କହିବା ପରେ । ରିଜର୍ଭେସନ୍ ନାହିଁ । ଦେଖାଯାଉ କ'ଣ ହେଉଛି–' ଜିତେନ୍ ନିଶାକୁ ଚାହିଁ କହିଲା । ହଠାତ୍ ଓହ୍ଲାଇଯାଇ ଦି'ଟା ବିସ୍କୁଟ୍ ପ୍ୟାକେଟ୍ ଓ ଦି'ବୋତଲ ପାଣି ନେଇଆସିଲା ।

'ମୁଁ ଭାବୁଛି ଗାଁରେ ବା ଗାଁ ପାଖରେ ଗୋଟାଏ ତେଜରାତି ଦୋକାନ ବସେଇବି । ଆଉ ଏସବୁ କରିବି ନାହିଁ ।' ଜିତେନ୍ ଟ୍ରେନ୍ ଗଡ଼ିଲା ପରେ କହୁଥିଲା ।

ନିଶା ଜାଣି ନଥିଲା ସେ କ'ଣ କରିବ । ପ୍ରଥମେ ଜିତେନ୍‌ର ମତିଗତି ଦେଖିବ ସେ । ନହେଲେ ଷ୍ଟେସନ୍‌ରୁ ଓହ୍ଲେଇ ଚୁପ୍‌କିନା ନିଜ ବାଟ କାଟିବ ସେ । ଯୋଉଠିକି ବି ଯିବ ତା'କୁ ଧନ୍ଦା ଅଭାବ ହେବନାହିଁ, ନିଶା ଭାବୁଥିଲା । ଗୋଟାଏ ଅଜଣା ଅଶୁଣା ଜାଗା ପାଇଁ ଯାତ୍ରା କରିବାକୁ ତା'କୁ ଯେ ଡର ଲାଗୁ ନଥିଲା ତା' ନୁହେଁ ।

ଖଡ଼ଗପୁର ଷ୍ଟେସନ୍‌ରେ ଓହ୍ଲେଇ ସେମାନେ ପଞ୍ଜୀକରଣ ପାଇଁ ଧାଡ଼ିରେ ଠିଆହେଲେ । ଆଗରେ ଜିତେନ୍ ଓ ପଛରେ ନିଶା, ମୁହଁରେ ମାସ୍କ ବାନ୍ଧିଥା'ନ୍ତି ସମସ୍ତେ । ଜିତେନ୍ ଶିଖେଇ ଦେଇଥିଲା ନିଶାକୁ ଯେ ଯେତେବେଳେ ଗାଁ ଓ ପରିବାର ନାଁ ପଚାରିବେ, ତା'

ଗାଁ ନାଁ କହିବ । ନିଶା ସେଇଆ କଲା ମଧ୍ୟ ।

'ଆଉ ବାପାଙ୍କ ନାଁ ? ବିବାହିତା ?' ନିଶାକୁ ପଚାରିଲେ ସ୍ୱାସ୍ଥ୍ୟକର୍ମୀ ହାତରେ ଷ୍ଟାମ୍ପ୍ ମାରିବା ପୂର୍ବରୁ ।

'ମୋ ସ୍ତ୍ରୀ ଆଜ୍ଞା, ୱାଇଫ୍ । ଲେଖନ୍ତୁ ମୋ ବାପାଙ୍କ ନାଁ ଶ୍ରୀଧର- ତା' ଶ୍ୱଶୁରଙ୍କ ନାଁ ।' ଜିତେନ୍ ପାଖ ସ୍ୱାସ୍ଥ୍ୟକର୍ମୀଙ୍କ ପାଖରୁ କହିଲା । ନିଶା ଟିକିଏ ହଡ଼ବଡ଼ ହେଇ ତା'କୁ ଚାହିଁଲା ଓ ସେମାନେ ଧାଡ଼ିରେ ଆଗେଇଗଲେ । ସେମାନଙ୍କର ଉ□ାପ ଇତ୍ୟାଦି ମପାଯାଇ ସାରିଥିଲା ।

'ଏଥର ଆମକୁ ବସ୍ ପାଇଁ ଧାଡ଼ିରେ ଠିଆ ହବାକୁ ପଡ଼ିବ । ବସ୍‌ରେ ନେଇ ଆମ ଗାଁ ପାଖକୁ ଯିବେ । ଗାଁକୁ ତ ଏଇଲେ ଯାଇପାରିବା ନାଇଁ । ଅଲଗା ରଖିବେ ଚଉଦ ଦିନ- ଖାଇବାକୁ ପିଇବାକୁ ଦେବେ । ପୁରୁଷ ଆଉ ସ୍ତ୍ରୀ ଅଲଗା ଅଲଗା । ଡରିବନି ଜମା । ଫୋନ୍ ତ ରହିବ । ମୁଁ ଚେଷ୍ଟା କରିବି ଦେଖା କରିବାକୁ ।

କ୍ୱାରା□ାଇନ୍ ଜାଗାକୁ ଗଲେ ସେମାନେ ଅଲଗା ଅଲଗା । ଦୁଇ ଧାଉଡ଼ି ସ୍କୁଲଘର ଥିଲା ସାମ୍ନାସାମ୍ନି । ପୁରୁଷ ଗୋଟାଏ ଲମ୍ୱା ହଲ୍‌ରେ ଆଉ ସ୍ତ୍ରୀଲୋକମାନେ ସାମ୍ନାରେ । କେମିତି ଗୋଟାଏ ଅକଳିଆ ତ ଲାଗୁଥାଏ ନିଶାକୁ । ଜିତେନ୍ କିନ୍ତୁ ବୋଧ ଦେଉଥାଏ ସବୁଦିନେ । ଦୂରରୁ ଦେଖା ମଧ୍ୟ କରୁଥାଏ । ତା'ର ଏଇ ହାବଭାବ ଭଲ ଲାଗୁଥାଏ ନିଶାକୁ । ସେ ଭାବୁଥାଏ ଚାଲୁ ଯାହା ଯେମିତି ଚାଲୁଛି, ଦେଖାଯିବ ।

ଚଉଦ ଦିନ ପରେ ଉ□ାପ ଇତ୍ୟାଦି ମପାଯାଇ ମୁକ୍ତି ଦିଆଗଲା ସେମାନଙ୍କୁ । ନିଜ ନିଜ ସୁଟ୍‌କେସ୍ ଧରି ଜିତେନ୍ ଓ ନିଶା ସ୍କୁଲ୍ ହତା ବାହାରକୁ ଆସିଲେ ।

'ଏଇଠୁ ଆମ ଗାଁ ଜାଣ ଗୋଟିଏ କିଲୋମିଟର ହେବ । ଦେଖିବା ରିକ୍ସା କି ଅଟୋ କ'ଣ ମିଳୁଛି ।' ନିଶାକୁ ଚାହିଁ କହିଲା ଜିତେନ୍ ।

'ଆରେ, ଏଇଟା ତ ଶିବେନ୍- ମୋ ସାନଭାଇ ।' ଜିତେନ୍ ଆଗରେ ଠିଆ ହେଇଥିବା ଗୋଟିଏ ଷୋହଳ ସତର ବର୍ଷର ପିଲାକୁ ଠାରିଲା । ପିଲାଟି ପାଖକୁ ଆସିଲା ଓ ଜିତେନ୍‌କୁ କୁଣ୍ଢେଇ ଧରିଲା । ଜିତେନ୍‌କୁ ଛାଡ଼ି ନିଶାକୁ ଚାହିଁଲା ।

'ବାଃ ! ଭାଉଜ ତ ବଡ଼ ଗୋରୀ ଚିକ୍କଣୀ ।' ତା' ସ୍ୱରରେ ପ୍ରଶଂସା ଥିଲା ।

'ଖାଲି ଗୋରୀ ! ତା' ମୁହଁକୁ ଦେଖ, ଏମିତି ସୁନ୍ଦର ଆଖି ତୁ କୋଉଠି ଦେଖି ନ ଥିବୁ ।' ଜିତେନ୍ ନିଶା ମୁହଁକୁ ଚାହିଁଥିଲା । ମୃଦୁ ହସର ଝଲକ ତା' ମୁହଁରେ ଖେଳୁଥିଲା । ଅବାକ୍ ହେଇ ଜିତେନ୍‌କୁ ଚାହିଁଲା ନିଶା । ତା'କୁ ଲାଗିଲା ଯେମିତି ପ୍ରଥମ କରି ଜୀବନରେ ନିଜ ଆଖିର ପ୍ରତିବିମ୍ୱ ସେ ଆଉଜଣକ ଆଖିରେ ଦେଖୁଛି ।

**ଜି-୫୧, ନିବେଦିତା କୁଞ୍ଜ, ଆର୍. କେ. ପୁରମ୍**
**ସେକ୍ଟର-୧୦, ନୂଆଦିଲ୍ଲୀ-୧୧୦୦୨୨**
**ମୋ- ୯୪୩୭୦୧୨୬୧୭**
**paramita_345@yahoo.co.in**

❑❑❑

**ଉତ୍କଳ ବିଶ୍ୱବିଦ୍ୟାଳୟର କୃତି ଛାତ୍ରୀ ତଥା ଭାରତୀୟ ରାଜସ୍ୱ ସେବା (୧୯୮୯ ବ୍ୟାଚ୍)ର ବରିଷ୍ଠ ଅଧିକାରୀ ଶ୍ରୀମତୀ ପାରମିତା ଶତପଥୀ ରାଜ୍ୟର ଜଣେ ପ୍ରତିଷ୍ଠିତ ସାହିତ୍ୟିକା ଭାବେ ସୁପରିଚିତ । କବିତା, ଗଳ୍ପ ଓ ଉପନ୍ୟାସ ଲେଖୁଥିବା ଶ୍ରମତୀ ଶତପଥୀଙ୍କର ୨୦ଟି ପୁସ୍ତକ ପ୍ରକାଶିତ ହୋଇଛି । ବିଭିନ୍ନ ଭାରତୀୟ ପ୍ରାଦେଶିକ ଭାଷାରେ ତାଙ୍କର ବହୁ ଲେଖା ଅନୁଦିତ ହୋଇଥିବା ବେଳେ ଇଂରାଜୀ, ହିନ୍ଦୀ, ବଙ୍ଗାଳୀ ଏବଂ ମରାଠୀ ଭାଷାରେ ପୁସ୍ତକ ପ୍ରକାଶିତ ହୋଇଛି । କେତେକ ୟୁରୋପୀୟ ଭାଷାରେ ମଧ୍ୟ ତାଙ୍କର ଲେଖା ଅନୁଦିତ ହେବା ସହିତ ବିଭିନ୍ନ ସଂକଳନରେ ପ୍ରକାଶିତ ହୋଇଛି । କିଛିମାସ ତଳେ ନିଜ ଉପନ୍ୟାସ 'ଅଭିପ୍ରେତ କାଳ' ନିମନ୍ତେ ଶ୍ରୀମତୀ ଶତପଥୀଙ୍କୁ ସମ୍ମାନଜନକ 'ସାରଳା ପୁରସ୍କାର' ପ୍ରାପ୍ତ ହୋଇଛି । ଏହାବ୍ୟତୀତ ୨୦୧୬ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୦୬ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ଭାରତୀୟ ଭାଷା ପରିଷଦ ଯୁବ ପୁରସ୍କାର, ଆସାମ ସାହିତ୍ୟ ସଭା ସମ୍ମାନ, ସୁବ୍ରତ ସ୍ମାରକୀ ପୁରସ୍କାର, ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର ଇତ୍ୟାଦି ବହୁ ପୁରସ୍କାରରେ ସେ ସମ୍ମାନିତା ।**

# ନିଦ ଔଷଧ

**କୃପାସାଗର ସାହୁ**



ତିନିଜଣ ବିଦେଶୀ ଏବଂ ଜଣେ ଭାରତୀୟ ସେଦିନ ରାଜଧାନୀ ଏକ୍ସପ୍ରେସ୍‌ର ଗୋଟିଏ ଏ. ସି. ଫାଷ୍ଟକ୍ଲାସ କମ୍ପାର୍ଟମେ□ରେ ଏକତ୍ର ଯାତ୍ରା କରୁଥିଲେ ।

ପ୍ରଥମେ କମ୍ପାର୍ଟମେ□କୁ ଆସିଥିଲେ ଭାରତୀୟ ଯାତ୍ରୀ ଜଣକ । ଶ୍ୟାମଳ, ଶ୍ମଶ୍ରୁଳ, ମଧ୍ୟବୟସ୍କ ଏବଂ ମଧ୍ୟମ ସ୍ୱାସ୍ଥ୍ୟର ଅବୟବଧାରୀ ଏହି ଯାତ୍ରୀଜଣକ ନିଜ ବର୍ଥ ଉପରେ ମାଲିକାନା ସାବ୍ୟସ୍ତ କରିବା ପାଇଁ ଏକରକମ ଗଳଦ୍‌ଘର୍ମ ହୋଇ ଆସିଥିଲେ । ସୁଟ୍‌କେସ୍, ବ୍ୟାଗ, ଝୁଲାମୁଣି ପ୍ରଭୃତି ମିଶାଇ ପା□ୋଟି ଲଗେଜ୍ ଧରି ତାଙ୍କର କୁଲୀ ପହ□ିଲା ଏବଂ ବର୍ଥ ତଳେ ସବୁ ଜିନିଷ ସାନ୍ଧିଦେଲା । କୁଲୀ ସହ ମୂଲଚାଲ କରି ତା'ର ପ୍ରାପ୍ୟ ଦେଲାପରେ ସେ ଏକ ସ୍ୱସ୍ତିର ସ୍ମିତହାସ୍ୟ ଛାଡ଼ିଲେ ଏବଂ ପଙ୍ଖାକୁ ଜୋରରେ ଘୂରାଇ ଲୋୟର ବର୍ଥଟିରେ ଗୋଡ଼ ଲମ୍ବାଇ ଶୋଇଗଲେ ।

କମ୍ପାର୍ଟମେ□ର ଦ୍ୱିତୀୟ ଯାତ୍ରୀ ହେଲେ ଜଣେ ଚୀନୀୟ ଭଦ୍ରବ୍ୟକ୍ତି । ଶୀର୍ଣ୍ଣକାୟ, ତରୁଣ ଏବଂ ମିଞ୍ଜିମିଞ୍ଜି ଚକ୍ଷୁଧାରୀ ଯାତ୍ରୀଜଣକ ଟୁରିଷ୍ଟ ଭଳି ମନେ ହେଉଥିଲେ । ଲଗେଜ କମ୍ ଥିଲା । ବେଲଟ୍ ଭିତରେ ତାଙ୍କର ମୋବାଇଲ ଫୋନ୍ ସହ କିଛି ଦରକାରୀ ଚିଜ ସେ ବାନ୍ଧି ରଖିଥିଲେ । ଅତି ସଲ୍ଲଜ ଭାବେ କମ୍ପାର୍ଟମେ□ରେ ପ୍ରବେଶ କରି ଭାରତୀୟ ସହଯାତ୍ରୀଙ୍କୁ ମଥା ଝୁଙ୍କାଇ ଅଭିବାଦନ କଲେ ଏବଂ ଆସନ ଗ୍ରହଣ କଲେ ।

ପରବ□ୀ ଯାତ୍ରୀ ଜଣେ ଆଫ୍ରିକୀୟ । କୃଷ୍ଣକାୟ, ଦୀର୍ଘ ଅବୟବ, ମୁଣ୍ଡରେ କୁ□କୁ□ିଆ କେଶ । ବୟସ ପ୍ରାୟ ଚାଳିଶି ବର୍ଷ ହେବ । ହସହସ ଚେହେରା । ସେ ଲଗେଜ ଠେଲିଠେଲି ମୋବାଇଲରେ କଥାବା□ା କରୁଥିଲାବେଳେ ଏଭଳି ହସୁଥିଲେ ଯେ, ମନେ ହେଉଥିଲା ସେ କେବଳ ମୁହଁରେ ହସୁ ନଥିଲେ, ହାଡ଼େ ହାଡ଼େ ହସୁଥିଲେ । ଦିଲ୍ଲୀକୁ କୌଣସି ଆନ୍ତର୍ଜାତିକ ସେମିନାରରେ ଯୋଗଦାନ କରିବା ପାଇଁ ସେ ଆସିଥିଲେ ।

ସବାଶେଷରେ ଯେଉଁ ଯାତ୍ରୀ ପଦାର୍ପଣ କଲେ, ସେ ଜଣେ ଆମେରିକୀୟ । ଗାଡ଼ି ଛାଡ଼ିବାର ମାତ୍ର ପା□ ମିନିଟ୍ ପୂର୍ବରୁ ସେ ପ୍ରବେଶ କଲେ । ହୃଷ୍ଟପୁଷ୍ଟ ହଲଷ୍ଟିନ ବୃଷଭ ପରି ଦିଶୁଥିବା ଏହି ଯାତ୍ରୀଙ୍କ ପିଠିରେ ତାଙ୍କର ପୃଥୁଳକାୟ ଲଗେଜ ବନ୍ଧା ଥିଲା । ମୁଣ୍ଡରେ ପର୍ଯ୍ୟାପ୍ତ କେଶରାଶି ନଥିଲା । ଯତ୍ ସାମାନ୍ୟ ଥିଲା, ଫ୍ୟାନ୍ ପବନରେ ଫୁରୁଫୁରୁ ଉଡୁଥିଲା । ସେ ରିଜର୍ଭେସନ ଚାର୍ଟରେ ଦେଖିଥିଲେ ଯେ

ତାଙ୍କୁ ଏକ ଅପର ବର୍ଥ ଆଲଟ୍ କରାଯାଇଥିଲା । କିନ୍ତୁ ସ୍ୱଭାବ ସୁଲଭ ପ୍ରଗଲ୍‌ଭତାବଶତଃ "ହ୍ୟାଲୋ ଏଭ୍ରିବଡି" ଅଭିବାଦନ କଲାପରେ ସେ ଘୋଷଣା କରି ଦେଲେ- ମୁଁ ଲୋୟର ବର୍ଥ ନେବି ।

ଚୀନୀୟ ଭଦ୍ରବ୍ୟକ୍ତିଙ୍କର ଥିଲା ଲୋୟର ବର୍ଥ । ସେ ଧଡ଼ପଡ଼ ହୋଇ ଉଠି ନିଜ ବ୍ୟାଗ୍‌ଟିକୁ ଉପର ବର୍ଥକୁ ସ୍ଥାନାନ୍ତର କରିଦେଲେ । ସେ ବୋଧେ ଉପର ବର୍ଥକୁ ଯିବାଟା ବୁଦ୍ଧିମାନର କାର୍ଯ୍ୟ ବୋଲି ମଣିଲେ । ଏହି ବିଶାଳ ବପୁଧାରୀ ଯାତ୍ରୀଙ୍କ ବର୍ଥ ତଳେ ଶୋଇଲେ କିଛି ଅଘଟଣ ଘଟିପାରେ ବୋଲି ସେ ବୋଧେ ଆଶଙ୍କା କଲେ । ମିତଭାଷୀ ମିଞ୍ଜିମିଞ୍ଜି ଆଖିର ଏ ଯାତ୍ରୀଙ୍କ ମନ ଭିତରେ କ'ଣ ଥିଲା କହିବା ମୁସ୍କିଲ । ସେ ସୁନାପିଲା ପରି ଉପରକୁ ଚାଲିଗଲେ ।

ଏହା ଭିତରେ ଏ.ସି. ଆଟେଣ୍ଡା□ ଗୋଲାପ ଫୁଲର ସ୍ତବକ କମ୍ପାର୍ଟମେ□ର କାନ୍ଥରେ ଥିବା ଖୋପରେ ସଜାଇ ଦେଇଥାଏ । ତକିଆ ଏବଂ ତଉଲିଆ ଦେଇ ଚାଲି ଯାଇଥାଏ । ପ୍ୟା□ିକାର ବିୟରର ୱେଲକମ୍ ଡ୍ରିଂକ୍ସ ଓ ଚକୋଲେଟ୍ ପ୍ରଭୃତି ପରଷି ଚାଲି ଯାଇଥାଏ ।

ପ୍ରଗଲ୍‌ଭ ଆମେରିକୀୟ ଯାତ୍ରୀଙ୍କ ଆନୁକୂଲ୍ୟରେ ପରିଚୟର ପର୍ବଟା ସରି ଯାଇଥାଏ । ସେ ଆମେରିକାର କୌଣସି ଆଇ. ଟି. କମ୍ପାନୀରେ ଜେନେରାଲ ମ୍ୟାନେଜର ଥିଲେ ଏବଂ ବ୍ୟବସାୟ ଉପଲକ୍ଷେ ଭାରତ ଆସିଥିଲେ । ଚୀନୀୟ ଭଦ୍ରବ୍ୟକ୍ତି ପ୍ରକୃତରେ ଜଣେ ଟୁରିଷ୍ଟ ଥିଲେ । ଭାରତର ବିଭିନ୍ନ ବୌଦ୍ଧ ବିହାର ଉପରେ ସେ ଗବେଷଣା କରୁଥିଲେ । ଆଫ୍ରିକୀୟ ଭଦ୍ରବ୍ୟକ୍ତି ଜଣେ ଡାକ୍ତର । ଏଡ୍‌ସ୍ ଉପରେ ଏକ ଆନ୍ତର୍ଜାତିକ ସେମିନାରରେ ଯୋଗଦେବା ପାଇଁ ଆସିଥିଲେ । ଭାରତୀୟ ଯାତ୍ରୀ ଜଣେ ପ୍ରଫେସର । ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୌଣସି ସଭାରେ ବକ୍ତୃତା ଦେବା ପରେ ସେ ବକ୍ତୃତା ଦେବା ପାଇଁ ବିଶ୍ୱଭାରତୀ ଛୁଟିଥିଲେ ।

ଗାଡ଼ି ଛାଡ଼ି ସାରିଥିଲା । ଅଧଘ□ାଏ ପରେ ବିୟରର ସେ□ର ଟେବୁଲ ସଜାଇ ରଖିଲା ପରେ ଗୋଟିଏ ଗୋଟିଏ ଟ୍ରେରେ ସ୍ନାକ୍ସ ଓ ଚା'ର ସରଞ୍ଜାମ ସଜାଇ ଆଣି ପହ□ିଲା । ସ୍ନାକ୍ସ ଭିତରେ ଗରମ ସିଙ୍ଗଡ଼ାଠାରୁ ଆରମ୍ଭ କରି କାଜୁବାଦାମ, ଚେନାଚୁର ଏବଂ ମିଠା ପ୍ରଭୃତି ସଜଡ଼ା ହୋଇଥିଲା । ଏସବୁ ଦେଖି ଆମେରିକୀୟ ଯାତ୍ରୀ ଭାରତୀୟ ଯାତ୍ରୀଙ୍କୁ ଲକ୍ଷ୍ୟକରି କହିଲେ- ଏଠି ସବୁଆଡ଼େ ବହୁତ ଖାନାପିନା ଦେଇ ଅଭ୍ୟର୍ଥନା କରୁଛନ୍ତି । ଆପଣଙ୍କ ଦେଶର ଲୋକେ ଖୁବ୍ 'ହସ୍‌ପିଟେବଲ' ।

ଭାରତୀୟ ଭଦ୍ରବ୍ୟକ୍ତି ସ୍ମିତ ହସି ତାଙ୍କ କଥାକୁ ସମର୍ଥନ କଲେ ଏବଂ ମନେମନେ ଭାବିଲେ- ଏହା ନିରାଟ ସତ୍ୟକଥା । ସେ ଥରେ ଆମେରିକାକୁ କୌଣସି ସଭାକୁ ଯାଇଥିଲେ । ପୂରାଦିନ ବିତିଗଲେ ବି ଆୟୋଜକମାନେ ଚା' କପେ ବି ଦେଲେ ନାହିଁ, ବରଂ ଘୋଷଣା କଲେ ଯେ ପାଖ ରୁମ୍‌ରେ ଚା' କଫି ମେସିନ୍ ଅଛି, ଯାହାର ଇଚ୍ଛା ହେବ, ପଇସା ଗଳାଇ ଚା' କଫି ପିଇପାରିବେ । ଭାରତ ହୋଇଥିଲେ ସଭାର ମୂଳରୁ ଶେଷଯାଏ ଚା' ଜଳଖିଆ କପ୍ ପ୍ଲେଟରୁ ଠୁନ୍‌ଠାନ୍ ଆୱାଜ ଆସୁଥାନ୍ତା ।

ଚା' ପାନ ପରେପରେ ବିୟରର ରାତିର ଡିନରର ଅର୍ଡର ନେଇଗଲା । ତିନି ବିଦେଶୀ କ□ିନେ□ାଲ ଖାନାର ଅର୍ଡର ଦେଲେ । ଭାରତୀୟ ଭଦ୍ରବ୍ୟକ୍ତି ଅର୍ଡର ଦେଲେ ନିରାମିଷ ଭାରତୀୟ ଖାଦ୍ୟ- ରୁଟି ଓ ତରକାରୀ ।

ରାତି ଆଠଟାରେ ସୁପ୍ ପରିବେଷଣ ହେଲା । ତା'ପରେ ତିନି ବିଦେଶୀଙ୍କର କ□ିନେ□ାଲ ଡିନର ଆସିଲା । ଭାରତୀୟଙ୍କ ପାଇଁ ଆସିଲା ବରାଦ ମୁତାବକ ଦୁଇଖଣ୍ଡ ଶୁଖିଲା ରୁଟି, ଡାଲି ଏବଂ ତରକାରୀ ।

ଖାଦ୍ୟ ପଦାର୍ଥ ପାଟିକୁ ନେବା ପୂର୍ବରୁ ଆମେରିକୀୟ ଭଦ୍ରବ୍ୟକ୍ତି ହୁଇସ୍କି ବୋତଲ ଖୋଲି ଦେଇଥିଲେ । ତାଙ୍କ ନିର୍ଦ୍ଦେଶ ଅନୁସାରେ ଆଟେଣ୍ଡା□ କେତୋଟି ଗ୍ଲାସ ଧରି ପହ□ିଗଲା । ହୁଇସ୍କି ଢାଳି ସେ ସହଯାତ୍ରୀମାନଙ୍କୁ ଯାଚିଲେ । ଲଜ୍ଜାଶୀଳ ଚୀନୀୟ ଦୋଦୋପା□ ହୋଇ ଗ୍ରହଣ କଲେ । ଆଫ୍ରିକୀୟ ଯାତ୍ରୀ ଅତି ଆନନ୍ଦରେ ଗ୍ଲାସ ଧରିଲେ । ଭାରତୀୟ ଭଦ୍ରବ୍ୟକ୍ତି କହିଲେ- ନୋ, ଥାଙ୍କସ୍, ମୁଁ ଟି ଟୋଟାଲର ।

ତାଙ୍କ ଖାଦ୍ୟର ପରିମାଣ ଓ ସାରଲ୍ୟକୁ ଦେଖି ଆମେରିକୀୟ ମନ୍ତବ୍ୟ ଦେଲେ- ଆରେ, ଆପଣ ତ ରିୟଲି ଗ୍ରେଟ । ସିମ୍ପଲ ଲିଭିଂ, ହାଇ ଥିଙ୍କିଙ୍ଗ୍ । ଆପଣ ତ ପ୍ରକୃତରେ ଜଣେ ସାଧୁ, ସନ୍ଥ । ମୁଁ ଆପଣଙ୍କୁ ସ୍ୱାମିଜୀ ଭାବେ ଡାକିଲେ କିଛି ମନେ କରିବେନି ତ ?" ଭାରତୀୟ ଯାତ୍ରୀ ହସିଲେ ।

ଆମେରିକୀୟ ଯାତ୍ରୀଙ୍କ ଖାଦ୍ୟପଦାର୍ଥ ଜଲଦି ଜଲଦି ସରିଗଲା । ତେଣୁ ସେ ପୁଣି କଲିଂ ବେଲ୍ ଟିପିଲେ । ତାଙ୍କ ପାଇଁ ଚିକେନ୍, ସାଲାଡ୍ ଆସିଲା । ମହିଷାକୃତିର ବିରାଟ ଚେହେରା । ବଡ଼ ବଡ଼ ନିତମ୍ବ ଓ ପୃଥୁଳ ଜଙ୍ଘ । ସେଥିରେ ସେ ବର୍ମୁଡା ହାଫ୍ ପ୍ୟା□ ପିନ୍ଧି କିମ୍ଭୂତ କିମାକାର ଦିଶୁଥିଲେ ।

ଆଫ୍ରିକୀୟ ଯାତ୍ରୀଙ୍କର ଖାଇବା ଜଲଦି ସରିଗଲା । ତା'ପରେ ସେ ତାଙ୍କର ସୁଟକେଶରୁ 'ସିଗାର୍'ଟିଏ ବାହାର କରି ସେଥିରେ ଅଗ୍ନି ସଂଯୋଗ କଲେ । କେହି ନ ପଚାରୁଣୁ ମନ୍ତବ୍ୟ ଦେଲେ- ଶୋଇବା ପୂର୍ବରୁ ଏଥିରୁ ଗୋଟିଏ ନ ଧରାଇଲେ ନିଦ ହେବନି ।

ରେଳବାଇରେ ଧୂମପାନ ମନା । ମଦ୍ୟ ସେବନ ମନା । କିନ୍ତୁ ରେଳ କର୍ମଚାରୀମାନେ କେହି ବାରଣ କରୁନଥାନ୍ତି । ବରଂ ସେମାନଙ୍କୁ ସହଯୋଗ କରୁଥାନ୍ତି । ଅତିଥିବତ୍ସଳ ଦେଶ ତ ! ଭାରତୀୟ ଯାତ୍ରୀ ମନେମନେ ଏହା ହିଁ ଭାବୁଥିଲେ । ତେଣୁ ଏପଟୁ ଧୂଆଁ ଏବଂ ସେପଟୁ ମଦର ଗନ୍ଧ ଆସୁଥିଲେ ବି ଭାରତୀୟ ଜଣକ ସହ୍ୟ କରି ନେଉଥାନ୍ତି ।

ରାତି ଦଶଟା ପାଖାପାଖି ହେଲା । ଆମେରିକୀୟଙ୍କର ଖାଦ୍ୟପାନୀୟ ପର୍ବର ଅନ୍ତ ହେଉନଥାଏ । ଆଫ୍ରିକୀୟ ଯାତ୍ରୀଙ୍କର ସିଗାରଟା ଆଖୁପରି ବଡ଼ ହୋଇଥିବାରୁ ସରିବାର ନାଁ ଧରୁନଥିଲା । ଧୂଆଁ ସହି ନପାରି ବା ଅନ୍ୟ କୌଣସି କାରଣରୁ ଚୀନୀୟ ଯାତ୍ରୀ ତାଙ୍କର ଛୋଟ ବ୍ୟାଗ୍‌ଟିକୁ ଧରି ଖୁଁ ଖୁଁ କାଶି ବାଥରୁମ୍‌କୁ ଗଲେ ।

ଆମେରିକୀୟ ଯାତ୍ରୀଙ୍କ ଖାଇବା ପ୍ଲେଟ୍, କ□ା ଚାମଚ୍ ହଟିଗଲା ପରେ ବି ପିଇବା ସରିନଥିଲା । ସେ ନିଜ ଆଡୁ ସଫେଇ ଦେଉଥିଲେ ନିଦ ଆସିବା ପାଇଁ ଆଉ ଦୁଇ ପେଗ୍ ।

କିଛି ସମୟ ପରେ ଚୀନୀୟ ଯାତ୍ରୀ ଫେରିଆସି ଉପର ବର୍ଥକୁ ଗଲେ । ଏକ ଆସନ୍ନ ମରଣ ଝିଟିପିଟି ପରି ସେ ଗୋଡ଼ ହାତ ଛାଟିଲେ, ପିଟିଲେ । ସେ□ର ଟେବୁଲ ଉଠାଇବାକୁ ଆସିଥିବା ବିୟରର ଭୟପାଇ କହିଲା– ସାର୍, ଟ୍ରେନ ସୁପରି□େ□ଣ୍ଟେ□ଙ୍କୁ ଡାକିବି କି ?

ଆଫ୍ରିକୀୟ ଯାତ୍ରୀ କହିଲେ– ନାଁ, ନାଁ ବ୍ୟସ୍ତ ହୁଅନା । ଏଇଟା ତାଙ୍କର ନିଦ୍ରା ଯିବାର ପ୍ରସ୍ତୁତି ପର୍ବ । ସେ ଡ୍ରଗସ୍ ସେବନ କରି ଆସିଛନ୍ତି । ଭାରତୀୟ ଯାତ୍ରୀ ବିଛଣାରେ ପଡ଼ି ଏକଡ଼ ସେକଡ଼ ହେଉଥିଲେ । ଭାବୁଥିଲେ – ଧନ୍ୟ ଏହି ସର୍ବଂସହା ଟ୍ରେନ । ଗଞ୍ଜୋଡ଼, ନିଶାଖୋର, ଜୁଆଡ଼ି, ଚାଲବାଜ, ଧପାବାଜ, ଦୁଃଖିରଂକି, ରୋଗୀ, ବୈରାଗୀ –ସମସ୍ତଙ୍କୁ ଆବହମାନ କାଳରୁ ସେ ବୋହି ଧରି ଚାଲିଛି । କାହାପ୍ରତି ଅସୂୟା ନାହିଁ । କାହା ପାଇଁ ଭେଦଭାବ ନାହିଁ, ଦ୍ୱେଷ ନାହିଁ, ବିଦ୍ୱେଷ ନାହିଁ । କାହା ପ୍ରତି ଭ୍ରୂକୁ□ନ ଅବା ନାସିକା କୁ□ନ ନାହିଁ ।

ଆମେରିକୀୟ ଯାତ୍ରୀ ଏଥର ଭାରତୀୟଙ୍କୁ ତୋଷାମଦ କରିବାକୁ କହିଲେ– ସ୍ୱାମିଜୀ ! ଆପଣଙ୍କର କ'ଣ କିଛି ନିଦ ଔଷଧ ଦରକାର ହୁଏନି ?

ସ୍ୱାମିଜୀ ହସିଲେ ଏକ ରହସ୍ୟମୟ ହସ । ସେ ଉଠିବସିଲେ । ବର୍ଥ ତଳୁ ତାଙ୍କର ସୁଟ୍‌କେଶ ଖୋଲିଲେ । ସୁଟ୍‌କେଶ ଭିତରୁ ବାହାର କଲେ ଏକ ଛୋଟ ପେଡ଼ି । ପ୍ରଥମେ ପେଡ଼ି ଉପରେ ଗୋଟିଏ ସରୁ ଚାପୁଡ଼ା ଦେଲେ । ପେଡ଼ିରେ ମୁହଁ ଖୋଲି କହିଲେ– ଉଠ ବେଟା, ଆ' ଚୁମାଟେ ଦେ । ନିଦ ଆସୁନି ।

ତାଙ୍କ ପୋଷା ଜୀବଟି ଗହନ ନିଦରେ ଶୋଇ ଯାଇଥିଲା । ସେ ତା'ର ଲାଞ୍ଜରେ ଚାପୁଡ଼ାଟିଏ ଦେଲେ । ସେ ଫଁ କରି ଶବ୍ଦକରି ମୁଣ୍ଡ ହଲାଇଲା । ସ୍ୱାମୀଜୀଙ୍କର ଦୋଳାୟମାନ ପାପୁଲିକୁ ଦୁଇଥର ଦଂଶିଲା । ପୋଷା ଜୀବଟିର ଝାଉଁଳି ଯାଉଥିବା ଫଣାରେ ସ୍ୱାମିଜୀ ଗୋଟିଏ ସରୁ ଚୁମ୍ବନ ଦେଇ ତାକୁ ପେଡ଼ି ଭିତରେ ପୂରାଇ କହିଲେ– ଯା, ବେଟା ଶୋଇଯା ।

ଆମେରିକୀୟ ଯାତ୍ରୀ ମୁହଁରେ ମଦ ଗ୍ଲାସ୍ ସହ ଏକ 'ଷ୍ଟାଚ୍ୟୁ' ବନିଗଲେ । ଆଫ୍ରିକୀୟ ଯାତ୍ରୀଙ୍କ ମୁହଁରୁ ଅର୍ଦ୍ଧଦଗ୍ଧ ସିଗାରଟି ତଳେ ଖସିପଡ଼ିଲା । ଚୀନୀୟ ଯାତ୍ରୀଙ୍କ ଛଟପଟ ହେବା ବନ୍ଦ ହୋଇଗଲା । କହିବା ବାହୁଲ୍ୟ ଯେ, ଏଥୁ ଅନ୍ତେ ଜଣକ ପରେ ଜଣେ ଏମିତି ତିନି ବିଦେଶୀ ବେଙ୍ଗ ପରି ଫକ୍ ଫକ୍ ଡେଇଁ କମ୍ପାର୍ଟମେ□ରୁ ନିଷ୍କ୍ରାନ୍ତ ହୋଇଗଲେ ।

❑❑❑

**କୃପାସାଗର ସାହୁଙ୍କ ଜନ୍ମ ୧୯୫୨ ମସିହା ଜୁଲାଇ ୧୬ ତାରିଖରେ, ଢେଙ୍କାନାଳ ଜିଲ୍ଲାର ମଠକରଗୋଳା ଗ୍ରାମରେ । ଗାଁ ସ୍କୁଲରୁ ମାଟ୍ରିକୁଲେସନ କରି ରେଭେନ୍ସା କଲେଜରୁ ସ୍ନାତକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୭୪ରେ ସ୍ନାତକୋ□ର ଶିକ୍ଷାଲାଭ କରିଛନ୍ତି । ୧୯୭୫ରୁ ୧୯୭୮ ତିନିବର୍ଷ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ଅଧ୍ୟାପନା କଲାପରେ ସେ ଭାରତୀୟ ରେଳବାଇ ପରିଚାଳନା ସେବାରେ ଦୀର୍ଘ ୩୪ ବର୍ଷ କାର୍ଯ୍ୟ କରି ୨୦୧୨ରେ ଅବସର ଗ୍ରହଣ କରିଛନ୍ତି । ପିଲାଦିନରୁ ଲେଖନୀ ଚାଳନା ଆରମ୍ଭ କରିଥିବା ଶ୍ରୀ ସାହୁ ଅଧୁନା ଓଡ଼ିଆ ସାହିତ୍ୟର ଜଣେ ପ୍ରମୁଖ ଲେଖକ । ତାଙ୍କର ଅଦ୍ୟାବଧି ପ୍ରାୟ ୩୦ଟି ପ୍ରକାଶିତ ପୁସ୍ତକ ରହିଛି । ୨୦୦୯ରେ ଉପନ୍ୟାସ 'ଶେଷ ଶରତ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ତାଙ୍କର ପ୍ରାୟ ୧୦ଟି ପୁସ୍ତକ ଇଂରାଜି ତଥା ଅନ୍ୟ ଭାରତୀୟ ଭାଷାରେ ଅନୁଦିତ ହୋଇ ଉଚ୍ଚପ୍ରଶଂସିତ ହୋଇଛି ।**

# ଧର୍ମପତ୍ନୀଙ୍କ ଧର୍ମଘଟ

**ପୀତବାସ ରାଉତରାୟ**



ଶିବରାତ୍ରୀ ପାଳନ ଅବସରରେ ଦିନସାରା ଉପବାସ ରହି ଅଧରାତିରେ ମହାଦୀପ ଦର୍ଶନପୂର୍ବକ ପଣା ଟିକିଏ ପାଇ ଉପବାସିଆ ନିଦର ମଜା ନେଉଥିବାବେଳେ ପରଦିନ ସକାଳୁ ନିଦରୁ ଉଠାଇ ସୁଶାନ୍ତବାବୁଙ୍କ ପତ୍ନୀ ସୁନୀତି ଦେବୀ କହିଉଠିଲେ, "ଏତେବେଳେ ଯାଏଁ ଶୋଇଛ କ'ଣ ? ଆଜି ମୋ ପାଇଁ ଚା' କପ୍‌ଟେ ବନାଇବକି ?" ଲଙ୍କାରେ ହରି ଶବ୍ଦ ଭଳି ସୁଶାନ୍ତ ବାବୁ ବିବାହର ପଚିଶି ବର୍ଷ ପୂରିଗଲା ପରେ ଏଭଳି ଏକ ପ୍ରସ୍ତାବ ଶୁଣି ଆଶ୍ଚର୍ଯ୍ୟ ହୋଇ ଉପବାସିଆ ନିଦରୁ ଧଡ଼ପଡ଼ ହୋଇଉଠି ପତ୍ନୀକୁ ଅନାଇ ପାଲଟା ପ୍ରଶ୍ନ କଲେ, "ତମେ ତ ବିବାହ ପୂର୍ବରୁ ଶିବରାତ୍ରୀ ଆଉ ଜନ୍ମାଷ୍ଟମୀ ଦିନ ଉପାସ ରଖୁଥିଲ, ବିବାହ ପରେ ମଧ୍ୟ କରୁଥିଲ, ଏଥର ଉପବାସ କଲ ନାହିଁ କାହିଁକି ?" ପତ୍ନୀ ସୁନୀତି ସଙ୍ଗେସଙ୍ଗେ ଉ□ର ଦେଲେ "ଯେଉଁ ସୁପୁରୁଷଟିଏ ପାଇବା ପାଇଁ ଉପବାସ କରୁଥିଲି ଏବେ ଦେଖୁଛି ସେ ସଫଳ ହେଲାନାହିଁ । ତେଣୁ ଆଉ କି ଦରକାର ଉପବାସ କରିବାକୁ ?"

ସୁଶାନ୍ତ ଏଭଳି ମନ୍ତବ୍ୟ ଶୁଣି ଅନୁଭବ କଲେ ଆକ୍ଷେପଟା ସିଧାସଳଖ ତାଙ୍କ ଉପରେ ପଡୁଛି । ତାଙ୍କ ନିଦ ସତେ ଯେମିତି ପୂରା ହଜିଗଲା । ସେ ନିଜକୁ ଦୋଷୀ ଭଳି ମନେକରି ପ୍ରଶ୍ନ କଲେ "ଏମିତି ମୋଠାରେ କ'ଣ ଭୁଲ ପାଇଲ ଯେ ସକାଳୁ ସକାଳୁ ଏଭଳି ବାକ୍ୟ ସ୍ଫୁରଣ ହେଉଛି ।" ସୁନୀତି ଦେବୀ ଅତି ଭାବପ୍ରବଣ ହୋଇ ଉ□ର ଦେଲେ "ଜାଣିଛ ତ ସ୍ତ୍ରୀଲୋକଟିଏ ଜନ୍ମନିଏ ଗୋଟିଏ ଘରେ କିନ୍ତୁ ସଂସାର କରେ ଆଉ ଗୋଟିଏ ଘରେ, ନାଆଁ ସହିତ ଯେଉଁ ସଂଜ୍ଞା ଥାଏ ତାକୁ ବଦଳାଏ, ଗର୍ଭବତୀ ହୁଏ, ପିଲାଜନ୍ମ କରେ; ମାତ୍ର ଅମୁକର ପିଲା ବୋଲି ବାପର ନାମ ହୁଏ, ଘରେ ପଡ଼ିରହି ସେ ସବୁ କାମ କରେ । ଘର ସଫା, ବାସନ ମଜା, ଲୁଗା କଚା, ପିଲାର ଯତ୍ନ, ସ୍ୱାମୀର ଯତ୍ନ, ଶାଶୁ ଶଶୁର, ନଣନ୍ଦ, ଦିଅରଙ୍କ ଯତ୍ନ, ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କ ରକ୍ଷା ସବୁ କାମ କରେ । ରୋଷେଇ କରି ସକାଳୁ ରାତି ଯାଏ ଲୋଟଣି ପାରା ଭଳି ଖଟୁଥାଏ । ତା'ର ଅବଦାନକୁ କ'ଣ କେବେ ପୁରୁଷଜାତି ସ୍ୱୀକାର କରିଛନ୍ତି ନା ତମେ କରିଛ ? ବରଂ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିଚାଲିଛି ?"

ସୁଶାନ୍ତ ବାବୁଙ୍କ ଶାନ୍ତ ଚେହେରାରେ ସୁନୀତି ଦେବୀ ଏଭଳି ବାକ୍ୟବାଣ ଛାଡ଼ି ଅଶାନ୍ତ କରିବା ବେଳେ ଖବରକାଗଜବାଲା ଖବରକାଗଜ ଆଣି ବଢ଼ାଇଦେଲା । ସୁଶାନ୍ତ ବାବୁ ଖବରକାଗଜର ପ୍ରଥମ ପୃଷ୍ଠା ଅନାଉ ଅନାଉ ତାଙ୍କର ଦୃଷ୍ଟିଗୋଚର ହେଲା ଖବରଟିଏ – ଆଜି ହେଉଛି ଆଠ ମାର୍ଚ୍ଚ, ଅନ୍ତର୍ଜାତୀୟ ମହିଳା ଦିବସ । ସେଥିପାଇଁ ବହୁ ସଭା ସମିତିର ଆୟୋଜନର ଖବରରେ ଖବର କାଗଜ ପୃଷ୍ଠା

ଶୋଭିତ । ଏତେବେଳକେ ସୁନୀତି ଦେବୀଙ୍କ ଏଭଳି ମାଟ୍ରିକ ପରୀକ୍ଷା ପାଇଁ ପଢୁଥିବା ଘୋଷାବିଦ୍ୟା ଭଳି କଥା କହିବାର ଅର୍ଥ ଜଣାପଡ଼ିଲା । ନିଶ୍ଚୟ କିଛି ନାରୀନେତ୍ରୀ ତାଙ୍କର ଅଫିସ ଯିବା ସମୟରେ ଆସି କାନରେ ଏଭଳି ଉ□ଜକ କଥା କହି ଚାଲିଯାଇଥିବେ ।

ସତକୁ ସତ ସୁନୀତି ଦେବୀ ଖବର କାଗଜକୁ ଦେଖାଇ କହିଉଠିଲେ, "ଆଜି ହେଉଛି ଆନ୍ତର୍ଜାତିକ ମହିଳା ଦିବସ । ମହିଳା ଦିବସରେ ଅତି କମରେ ପୁରୁଷ ହିସାବରେ ତମେ ତମର ଧର୍ମପତ୍ନୀଙ୍କୁ ଚା' କପ୍‌ଟେ ବନାଇ ଦେଇପାରିବନି ?" ସୁଶାନ୍ତ ବାବୁ ଏଥର ବୁଝିପାରିଲେ ଏ ହେଉଛି ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଏକ ବିସ୍ଫୋରଣ । ସେ କଥାକୁ ବୁଲାଇ କହିଲେ, "ଇଏ ଧର୍ମପତ୍ନୀ ଶବ୍ଦଟି କେମିତି ଶବ୍ଦ ଭଣ୍ଡାରରେ ଭୁଲରେ ପ୍ରବେଶ କରିଛ ଜାଣିଛ କି ?" ପତ୍ନୀ କହିଲେ "ଭୁଲରେ କାହିଁକି ? ମୁଁ ତ ତୁମର ଧର୍ମପତ୍ନୀ ।" ସୁଶାନ୍ତ କହି ଉଠିଲେ, "ଅଭିଧାନରେ ଧର୍ମକୁ ନେଇ ଯେତେ ଶବ୍ଦ ଅଛି ସବୁଠାରେ ଅସଲ ଲୋକକୁ ବୁଝାଏ ନାହିଁ । ଯେମିତି ଧର୍ମପିତା, ଧର୍ମମାତା, ଧର୍ମପୁଅ, ଧର୍ମଭାଇ, ଧର୍ମଭଉଣୀ; ଏହିସବୁ ଶବ୍ଦ ଉଚ୍ଚାରଣ କଲେ ସେସବୁ ଅସଲ ଲୋକଙ୍କୁ ବୁଝାଏ ନାହିଁ । ହେଲେ ଏ ଧର୍ମପତ୍ନୀ ଶବ୍ଦଟା ଉଚ୍ଚାରଣ କଲେ ଅସଲ ସ୍ତ୍ରୀକୁ କାହିଁକି ବୁଝାଏ ?"

ସୁନୀତି ଦେବୀ ଏଭଳି ପ୍ରଶ୍ନରେ ଚକିତ ହୋଇ ଉ□ର ଦେଲେ "ବ୍ୟାକରଣ ବା ଅଭିଧାନରେ ଏଭଳି ଶବ୍ଦ ବ୍ୟବହାର ହୋଇ ଚାଲିଛି ତାକୁ ନେଇ କଥାଟା ବଙ୍କାଅ ନାହିଁ । ମୁଁ ତୁମର ଅସଲ ସ୍ତ୍ରୀ ଓ ଆଜି ଅସଲ କଥାଟିଏ ମାଗୁଛି । ପଚିଶି ବର୍ଷ ହେଲା ମୁଁ ତୁମକୁ ଚା ପିଆଇ ଆସୁଛି । ଆଜି ଗୋଟିଏ ଦିନ ତୁମେ କ'ଣ ଚା' ବନାଇ ପାରିବ ନାହିଁ । ଏଇ ଧର୍ମ ଶବ୍ଦରୁ ମୁଁ ଆଜି ଧର୍ମଘଟ ଆରମ୍ଭ କରୁଛି । ତମ ହାତରୁ ଚା' ନ ପିଇବା ପର୍ଯ୍ୟନ୍ତ ମୁଁ ତମକୁ ଚା' ବନାଇ ଦେବି ନାହିଁ ।"

ସୁଶାନ୍ତ ବାବୁଙ୍କ ମନରେ ଛନକା ପଶିଲା । ସତରେ ପତ୍ନୀଙ୍କ ଉପରେ କେତେ ସେ ଏମିତି ନିର୍ଭର କରି ଆସିଛନ୍ତି । ଦିନେ ହେଲେ ତ ଚା' ବନାଇ ନାହାନ୍ତି । ଖାଲି ଦେଖିଛନ୍ତି ଗରମ ପାଣିରେ କ୍ଷୀର, ଚା' ଓ ଚିନି ପଡ଼େ ଅଲଗା ଅଲଗା ସମୟରେ । ପୁଣି ଚା'କୁ ସ୍ୱାଦଯୁକ୍ତ କରିବା ପାଇଁ କେତେବେଳେ ଅଦା, ଗୁଜରାତି ଓ ତେଜପତ୍ର ପଡ଼ିଥାଏ । ଏପରିକି ଲେମ୍ବୁ ଚା' ମଧ୍ୟ ପ୍ରଚଳନ ହେଲାଣି । ସେ ଆଜି ପର୍ଯ୍ୟନ୍ତ ଚା' ପିଇ ଚାଲିଛନ୍ତି, ଦିନେ ତ ବନାଇନାହାନ୍ତି । ଆଜି ହଠାତ ଏମିତି ଧରାପଡ଼ିଯିବେ ବୋଲି ଭାବିନଥିଲେ । ତେଣୁ ସେ ପୁଣି କଥାକୁ ବୁଲାଇ ଆରମ୍ଭ କଲେ "ସତରେ ନାରୀ ଜାତିର ବିକଳ୍ପ ନାହିଁ । ସେ ବର୍ଷକ ବାରମାସ ୩୬୫ ଦିନ ପୁରୁଷକୁ ପରାଧୀନ କରି ରଖିଛନ୍ତି । ଏମିତିକି ଦେବତାମାନଙ୍କର କ୍ଷେତ୍ରରେ ମଧ୍ୟ ସେହିକଥା । ଏଇ ଦେଖୁନ ଗତକାଲି ଶିବରାତ୍ରୀ ଗଲା । ଶିବରାତ୍ରୀ ପାଳନ ହେଉଛି ଶିବ ମନ୍ଦିରରେ । ମାତ୍ର ପାର୍ବତୀଙ୍କ ପାଇଁ ଯେଉଁ ପୂଜା ହେଉଛି ତା'ର ଚାକଚକ୍ୟ କେତେଗୁଣ ଅଧିକ । ଶକ୍ତି ନାମରେ ସେ ଦୁର୍ଗା ଓ କାଳୀ ନାମରେ ପୂଜା ପାଇଲା ବେଳେ କେତେ ଯାକଜମକରେ ମନ୍ଦିର ବାହାରେ ସହର ବଜାରର ଗଳିକନ୍ଦିରେ ପୂଜା ହୁଅନ୍ତି । ସେମିତି ଲକ୍ଷ୍ମୀ ପୂଜା, ସରସ୍ୱତୀ ପୂଜା ସବୁ ମନ୍ଦିର ବାହାରେ କେତେ ଜାକଜମକରେ ହୁଏ ଆଉ କେତେଦିନ ଧରି ଚାଲିଥାଏ । ସେହିଭଳି ନାରୀମାନଙ୍କ ପୂଜା ପୁରୁଷମାନେ ଯୁଗଯୁଗ ଧରି କରିଆସିଛନ୍ତି । ତମେ କ'ଣ ଶୁଣିନାହଁ ସେଇ କାଳଜୟୀ ପଙ୍‌କ୍ତି ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ । କେତେ ସମ୍ମାନ ନାରୀ ଜାତିକୁ ପୁରୁଷ ଜାତି ଦେଇଆସିଛି ।"

ସୁନୀତି ଦେବୀ ଚିହିଁକି କହି ଉଠିଲେ, "ଏମିତି ମନ ଭୁଲାଣିଆ କଥା କହି ତମେ ମତେ ସନ୍ତୁଷ୍ଟ କରିପାରିବ ନାହିଁ । ତମେ ତ ଲକ୍ଷ୍ମୀ ପୁରାଣରେ ଲକ୍ଷ୍ମୀଙ୍କ ଶକ୍ତି ବିଷୟରେ ଜାଣିଛ ଯେ କି ଜଗନ୍ନାଥ ଓ ବଳଭଦ୍ର ଭଳି ଠାକୁରଙ୍କୁ ଉପାସ ଭୋକରେ ରଖିଦେଲେ । ଏପରିକି ରଥଯାତ୍ରାବେଳେ ଜଗନ୍ନାଥ ତାଙ୍କୁ ସାଙ୍ଗରେ ନିଅନ୍ତି ନାହିଁ ବୋଲି ତାଙ୍କୁ କବାଟ କିଳି ଦିଅନ୍ତି । ଜଗନ୍ନାଥ ଭୁଲ ନମାଗିଲା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପ୍ରବେଶ କରାନ୍ତି ନାହିଁ । ହେଲେ ତମେମାନେ କ'ଣ କରୁଛ ? ଆନ୍ତର୍ଜାତିକ ମହିଳାବର୍ଷରେ ଆମେ କିଛି ମହିଳା ଠିକ୍ କରିଚୁ ଯେ ପୁରୁଷମାନଙ୍କୁ ପାନେ ନଚଖାଇଲେ ପୁରୁଷମାନେ ଠିକ୍ ବାଟରେ ଆସିବେ ନାହିଁ ବା ମହିଳାମାନଙ୍କୁ ଉଚିତ ସମ୍ମାନ ଦେବେନାହିଁ ।"

ସୁଶାନ୍ତ ବାବୁ କହିଲେ, "ତୁମେ ଏପରି କାହିଁକି ଭାବୁଛ ପ୍ରିୟେ ! ନାରୀଠାରୁ ବଳି ସାହସୀ କିଏ ଅଛି କି ? ବାହାଘର କଥା ଭାବ । ବାହାଘରରେ କନ୍ୟାକୁ ଆଣିବା ପାଇଁ କେତେ ଲୋକଙ୍କୁ ବରଯାତ୍ରୀ ନାମ ଦେଇ ବର ଆଣି ପହଂଚେ । ମାତ୍ର କନ୍ୟା ବିବାହ ପରେ ବିନା ଲୋକବଳରେ ଏକାଏକା ପତି ସହିତ ଶ୍ୱଶୁରାଳୟ ଗମନ କରେ । ଏ କ'ଣ କମ୍ ସାହସର କଥା ?"

ସୁନୀତି ଦେବୀ କହିଉଠିଲେ "ଯଦି ଏମିତି ସାହସୀ ବୋଲି ନିଜେ ସ୍ୱୀକାର କରୁଛ, ତା'ହେଲେ ମୁଁ ସାହସର ସହିତ ତମକୁ ଚା' କପ୍‌ଟିଏ ମାଗୁଛି । ତମେ ଚା' କପ୍‌ଟିଏ ନ କରି ପାରିଲେ ଏବେ ଘରେ ତୁମ ଝିଅ ରିୟା ତୁମକୁ କେମିତି ଛିଗୁଲେଇବ ? ତମେ ଚା' ନ କରିପାରିଲେ ଆଜି ଚା' ମଧ୍ୟ ପିଇ ପାରିବ ନାହିଁ । ତମ ବୋଉଙ୍କୁ କହି ଚା' ପିଇବ ସିନା ମୋ ହାତରୁ ଚା' ପିଇପାରିବ ନାହିଁ । ଆଉ କିଛି ସମୟ ଗଲେ ଆମ ସାହିରୁ ତପସ୍ୱିନୀ, ସଂଘମିତ୍ରା, ଭାଗ୍ୟଲିପି,

କୁସୁମ, ସବିତା, ବିମଳା ସବୁ ଆସି ପହ□ିବେ ପଚାରିବାକୁ ତମେ ଚା’ ପିଇଛ କି ନାହିଁ ବୋଲି ।”

ସୁଶାନ୍ତ ବାବୁ ଦେଖିଲେ ଏ ରୀତିମତ ଷଡ଼ଯନ୍ତ୍ର । ଏ କଥାକୁ ଏଇଠାରେ ଦମନ ନକଲେ ନିଜ ଉପରକୁ ଆକ୍ରମଣ ଆହୁରି ବଢ଼ିଚାଲିବ । ସେ କେଉଁଠି ପଢ଼ିଥିଲେ ଯେ ପତ୍ନୀଙ୍କୁ ସନ୍ତୁଷ୍ଟ କରେ ଦୁଇଟି ଜିନିଷ । ଗୋଟିଏ ହେଲା ‘ମୁଁ ତୁମକୁ ଭଲପାଏ’ ଉଚ୍ଚାରଣ ଆଉ ଅନ୍ୟଟି ହେଲା ୫୦% ଡିସ୍କାଉ□ । ସେ ଦୁଇଟି କଥାକୁ ମିଶାଇ ନେଇ କହିଲେ “ଡାର୍ଲିଂ ଆଜି ଭଳି ଆନ୍ତର୍ଜାତିକ ମହିଳା ଦିବସରେ ମୋର ଭଲ ପାଇବାର ନିଦର୍ଶନ ସ୍ୱରୂପ ମୁଁ ତମକୁ ଆଜି ସନ୍ଧ୍ୟାବେଳେ ବିଗ୍‌ବଜାର ନେଇଯିବି । ସେଠାରେ ଆଜି ମହିଳାଙ୍କ ପ୍ରସାଧନ ସାମଗ୍ରୀ ଉପରେ ୫୦% ରିହାତି ଅଛି । ଆଜି ଭଳି ଦିନରେ ତମ ହାତରୁ ଚା’ କପ୍‌ଟିଏ ନ ପିଇଲେ ମୋର ପେଟ ସଫା ହେବନାହିଁ । ଦିନମାନ କେମିତି କେମିତି ଲାଗିବ ।”

ପତ୍ନୀ କିନ୍ତୁ ନଛୋଡ଼ବନ୍ଧା । ତମେ କେବଳ ଚା’ କରିବ ଆଉ ତମେ ବନାଇଥିବା ଚା’ ଆମେ ସମସ୍ତେ ପିଇବୁ । ଏମିତି ଚା’ କପରୁ ଝଡ଼ ଏତେ ସକାଳୁ ସକାଳୁ ସୃଷ୍ଟି ହେବାର ଦେଖି ସୁଶାନ୍ତ ବାବୁ ଦେଖିଲେ ବ□ମାନ ପ୍ରେମ ସମ୍ଭାଷଣରେ କାମ ହେବନାହିଁ । ତେଣୁ ସେ ଛାଡ଼ିଲେ ତାଙ୍କର ଦ୍ୱିତୀୟ ଅସ୍ତ୍ର । ସେ ସୁନୀତି ଦେବୀଙ୍କ ଉଦ୍ଦେଶ୍ୟରେ କହିଲେ “ସୁଖୀ ଦାମ୍ପତ୍ୟ ଜୀବନର ଏକ ସରଳ ଉପାୟ ଜଣେ ମନସ୍ତତ୍ତ୍ୱବିଦ୍ ଆବିଷ୍କାର କରିଛନ୍ତି ଯାହା ଦିଲ୍ଲୀରେ ଯାନବାହନ ନିୟନ୍ତ୍ରଣ ଭଳି କଥା । ମାସର ଛିଣ୍ଡା ତାରିଖରେ ପତ୍ନୀ ଚୁପ ରହିବେ ଓ ପତି କଥା କହିବେ, ଆଉ ଅଛିଣ୍ଡା ତାରିଖରେ ପତି ଚୁପ ରହିବେ ଓ ପତ୍ନୀ କଥା କହିବେ ।”

ସୁନୀତି କହିଉଠିଲେ “ଠିକ୍ ଅଛି । ହେଲେ ଚା’ ବନାଇବାଟା ତମେ କରିବ କହିଲେ ଏ ଫର୍ମୁଲା କାର୍ଯ୍ୟକାରୀ ହେବ । ଚା’ ବନାଇବା ପରେ ତମେ ଧୀରେଧୀରେ ରୋଷେଇ ମଧ୍ୟ ଶିଖିବ । ଦରକାର ପଡ଼ିଲେ ରୋଷେଇ କରିପାରିବ ଆଉ ମୁଁ ଆରାମରେ ଟିଭି ଦେଖିପାରିବି ।”

ସୁଶାନ୍ତ ବାବୁ ମନେ ପକାଇଲେ ସେ କେଉଁଠି ପଢ଼ିଥିଲେ ପତ୍ନୀ ଏକ ଅଜବପ୍ରାଣୀ । ତା’ର ଉପସ୍ଥିତି ରୋଷେଇଘରେ, ନ ହେଲେ ଟିଭି ସାମ୍ନାରେ । ଏବେ ରୋଷେଇ ଘର କାମ ଯଦି ମୁଁ ଶିଖେ, ତା’ହେଲେ ଟିଭି ସାମ୍ନା ହିଁ ହୋଇଯିବ ତାଙ୍କର ଏକଚାଟିଆ ଅଧିକାର । ସେ ପୁଣି କଥା ବୁଲାଇ କହିଲେ “ଡାର୍ଲିଂ ଆମେ ପରା ପତିପତ୍ନୀ, ଇହକାଳ ପରକାଳର ସାଥୀ । ଏମିତି ଯୋଡ଼ା ଅଯୋଡ଼ା ଦିନରେ କଥାବା□ା ନହେବାଟା ଆମକୁ ପୋଷାଇବ ନାହିଁ । ପତିପତ୍ନୀଙ୍କର ବୈବାହିକ ଜୀବନଟା କେମିତି ତାକୁ ଜଣେ ଲେଖକ ବର୍ଣ୍ଣନା କରି ଲେଖିଥିଲେ- ବାହାଘରର ପରର କଥା ଏମିତି । ତିନିବର୍ଷ ପର୍ଯ୍ୟନ୍ତ ପତି ପତ୍ନୀଙ୍କ କୋଠରୀରେ ଅତର, ଚକୋଲେଟ, ବାସ୍ନା ତେଲ, ପାଉଡର ଇତ୍ୟାଦି  ଦେଖିବାକୁ ମିଳେ । ତିନିବର୍ଷ ପରେ ସେ ଘରେ ଜନ୍‌ସନ ପାଉଡର, କ୍ରିମ, ପିଲାଙ୍କ ଡାଇପର ଇତ୍ୟାଦି ଦେଖିବାକୁ ମିଳେ । ପନ୍ଦର ବର୍ଷ ପରେ ସେହି କୋଠରୀରେ ଝାଣ୍ଡୁ ବାମ୍, ଭିକ୍ସ, ଆୟୋଡେକ୍ସ, ମୁଭ୍ ଇତ୍ୟାଦି ଦେଖିବାକୁ ମିଳେ । ଆଉ ଚାଳିଶ ବର୍ଷ ପରେ ଜଣେ କେହି ଚାଲିଗଲେ ଘରେ ଧୂପକାଠି ଦେଖିବାକୁ ମିଳେ । ତେଣୁ ସଂସାରରେ ରହି ଏମିତି ପରସ୍ପର ପ୍ରେମରେ ରହି ଦୁଃଖସୁଖ ହୋଇ କାଳକାଟିବା ।

ତଥାପି ସୁନୀତି ଦେବୀ ନଛୋଡ଼ବନ୍ଧା । ତାଙ୍କର ଗୋଟିଏ ସ□ ସୁଶାନ୍ତ ଚା’ ତିଆରି କରିବେ, କେବଳ ଆଜି ନୁହେଁ ସବୁଦିନ ପାଇଁ । ସୁଶାନ୍ତ ପତ୍ନୀଙ୍କୁ ଟିକିଏ ପ୍ରଶଂସା କରିବା ପାଇଁ କଥାକୁ ବୁଲାଇ ବଙ୍କାଇ କହିଲେ, “ନାରୀଜାତି ସବୁବେଳେ ଚାଲାକ ।” ସେ ଶୁଣିଥିବା ଉଦାହରଣ ଦେଇ ପତ୍ନୀଙ୍କୁ ସନ୍ତୁଷ୍ଟ କରିବାକୁ ଚାହିଁଲେ । ଗୋଟିଏ ହେଲା - ଉ□ର ଭାରତରେ କରୱା ଚୌଥରେ ପତ୍ନୀ ପତିର ପୂଜା କରେ । ସେଦିନ ଜହ୍ନ ଦେଖିଲେ ହିଁ ଖାଦ୍ୟ ଗ୍ରହଣ କରେ ଏବଂ ସ୍ୱାମୀଙ୍କୁ ନିଜ ହାତରେ ଖାଇବାକୁ ଦିଏ । ସେଦିନ ସ୍ୱାମୀ ଭାରତୀୟ ଜନତା ପାର୍ଟିର ଚିହ୍ନ ଭଳି ପଦ୍ମଫୁଲଟିଏ । ମାତ୍ର ତା’ ପରଠାରୁ ବାକି ତିନିଶହ ଚଉଷଠି ଦିନ କଂଗ୍ରେସର ଚିହ୍ନ, ନହେଲେ ଆମ୍ ଆଦ୍‌ମୀ ପାର୍ଟିର ଚିହ୍ନ ହିଁ କାର୍ଯ୍ୟକାରୀ ହୋଇଥାଏ ।

ଏଥିରେ ପତ୍ନୀ ସଂପୂର୍ଣ୍ଣ ରୂପେ ସନ୍ତୁଷ୍ଟ ନହେବାରୁ ସେ ପୁଣି ଆଉ ଗୋଟିଏ ଉଦାହରଣ ଦେଲେ- ଥରେ ଜଣେ ପତ୍ନୀ ଦୋକାନକୁ କିଣିବା ପାଇଁ ପହଂଚିଲେ । ଦୋକାନୀ ଦେଖିଲେ ଯେ ପତ୍ନୀଙ୍କ ହାଣ୍ଡବ୍ୟାଗରେ ଟିଭିର ରିମୋଟ କଂଟ୍ରୋଲ ରହିଛି । ସେ ପ୍ରଶ୍ନ କଲେ “ଆପଣ କ’ଣ ଭୁଲରେ ଟିଭିର ରିମୋଟ କଂଟ୍ରୋଲ ନେଇ ଆସିଛନ୍ତି ?” ମହିଳା ଉ□ର ଦେଲେ, “ମୁଁ ପତିଙ୍କୁ ଘରେ ବସାଇ ଧର୍ମ ସିରିୟଲର ଚ୍ୟାନେଲ ଖୋଲି ଦେଇ ଆସିଛି । କାରଣ ସେ ମୋ ସହିତ ଆସିବାକୁ ମନାକଲେ ।” ତା’ପରେ ସେ ମନଇଚ୍ଛା ଜିନିଷ କିଣି କ୍ରେଡିଟ କାର୍ଡରେ ପଇସା ପଇଠ କରିବା ପାଇଁ ଗଲାବେଳେ ଦୋକାନୀ କହିଲେ “ଆପଣଙ୍କର କ୍ରେଡିଟ କାର୍ଡର ନମ୍ବରକୁ ସ୍ୱାମୀ ବନ୍ଦ କରିଦେଇଛନ୍ତି । ଦେଖିଲେ ତ ସ୍ୱାମୀଙ୍କର ଶକ୍ତି । ଆପଣ ତାଙ୍କୁ ହଇରାଣ କରାଇବାରୁ ସେ ଆପଣଙ୍କ କ୍ରେଡିଟ କାର୍ଡକୁ ବନ୍ଦ କରିଦେଇଛନ୍ତି ।” ପତ୍ନୀ ତତ୍‌କ୍ଷଣାତ୍ ସ୍ୱାମୀଙ୍କ କ୍ରେଡିଟ କାର୍ଡ କାଢ଼ି କହିଲେ “ଦେଖନ୍ତୁ ପତ୍ନୀଙ୍କ ଶକ୍ତି କେତେ । ଏହି କାର୍ଡରୁ ପଇସା ନେଇଯାଆନ୍ତୁ, ଆଉ ଜାଣନ୍ତୁ ପତ୍ନୀ କେତେ ଶକ୍ତିଶାଳୀ ।”

ଏତେ କଥା ପରେ ମଧ୍ୟ ପତ୍ନୀ ସୁନୀତିଙ୍କ ନୀତିରେ କୌଣସି ପରିବ□ନ ହେଲାନାହିଁ । ସେ ସେଇ ଚା’ ତିଆରି ଜିଦରେ ଅଟଳ

ରହିଲେ । ତେଣୁ ସୁଶାନ୍ତ ପୁଣି କଥା ଯୋଡ଼ିଲେ । ନାରୀ ଜାତିକୁ ମୁଁ କେବେ ଅବମାନନା କରିନାହିଁ – ଆମର ଖୋଦ୍ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଆସନ ପରା ନାରୀମାନେ ଅଳଙ୍କୃତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନାମ ଗଣିଲେ ତ ଗଣ୍ଡାଗଣ୍ଡା ଥିଲେ ଓ ଅଛନ୍ତି । ତା' ବ୍ୟତୀତ ମହାକାଶଚାରୀ, ଏଭରେଷ୍ଟ ଶୃଙ୍ଗ ଆରୋହଣକାରୀ, ବ୍ୟାଙ୍କର ମୁଖ୍ୟଠାରୁ ବିଭିନ୍ନ କମ୍ପାନୀର ମୁଖ୍ୟ ହେବାତ ସାଧାରଣ କଥା । ଯେଉଁଠି ପୁରୁଷ ଥିଲେ ସେଠି ନାରୀଙ୍କୁ ପ୍ରାଧାନ୍ୟ ଦିଆଯାଇଛି । ହେଲେ ଯେଉଁ ବିଦ୍ୟାରେ ନାରୀ କୁଶଳୀ ବୋଲି ପୂର୍ବରୁ ଗଣା ହୋଇଛନ୍ତି, ସେଠାରେ ପୁରୁଷକୁ ଜବରଦସ୍ତ ଭ□ି କରିବାର ଅଭିପ୍ରାୟ କାହିଁକି ?"

ତଥାପି ସୁନୀତି ଦେବୀ ନାରୀ ସଂଗଠନର ନିଷ୍ପ□ିକୁ ଦୋହରାଇ ତାଙ୍କ ଜିଦରେ ଅଟଳ ରହିଲେ । ଏଥର ସୁଶାନ୍ତଙ୍କର ଚେତା ପଶିଲା । ସେ ମନେମନେ ଭାବିଲେ ସତେ ତ ଚା'ଟିକକ ପାଇଁ ସେ କେବେ ଚିନ୍ତା କରିନଥିଲେ । ଯେବେଠାରୁ ଚା' ପିଇବା ଆରମ୍ଭ କଲେ ସେବେଠାରୁ କେହି ନା କେହି ଚା' ବନାଇ ଦେଇଛନ୍ତି । ବାହାହେବା ଆଗରୁ ବୋଉ ହାତର ଚା ଆଉ ବାହାହେବା ପରେ ପତ୍ନୀଙ୍କ ଚା ଖିଆରେ ଦିନ କଟିଛି । କେତେବେଳେ ଥଣ୍ଡା କାଶ ହେଲେ ବରଂ ଅଦା ପକା ଚା' ପାଇଁ ବରାଦ କରିଛନ୍ତି । ହୋଟେଲ ଗଲେ ଚା' ବରାଦ କରିଛନ୍ତି । କିଛି ହୋଟେଲରେ ଗରମ ପାଣି ହିଟରରେ ଫୁଟାଇ ଚା' ପୁଡ଼ିଆ, ଚିନି ପୁଡ଼ିଆ ପକାଇଛନ୍ତି । ମାତ୍ର ଘରେ ତ କେଟେଲୀରେ କେତେବେଳେ କ୍ଷୀର ପଡ଼ିବ, କେତେବେଳେ ଚା' ପଡ଼ିବ ଆଉ କେତେ ଚିନି ପଡ଼ିବ, ସେ ହିସାବ ରଖିନାହାନ୍ତି । ଏମିତି ଶୁଣିଛନ୍ତି ପତ୍ର ଚା' ଓ ଗୁଣ୍ଡ ଚା' ବନାଇବା ପଦ୍ଧତି ଅଲଗା । ଚା' ପତି ପକାଇବାପରେ କେତେ ସମୟ ରଖିବ, କେତେ କ୍ଷୀର ଦେଲେ ଚା' ସ୍ୱାଦ ଆଣିବ ସେ ବିଷୟରେ ସେ ଅନଭିଜ୍ଞ । ଦରକାର ପଡ଼ିଲେ ସେ ତ ଶିଖିଯିବେ । ମାତ୍ର ଥରେ ହାର୍ ମାନିଲେ ସାରା ଜୀବନ ପତ୍ନୀଙ୍କୁ ଚା' ବନାଇ ଦେବାକୁ ପଡ଼ିବ । ଏ କି ଲଜ୍ୟାକର କଥା !

ସେ ତ ପଢ଼ିଛନ୍ତି ଚିନ୍ ଦେଶରେ କିପରି ଗଉଡ଼ଟିଏ ଜଙ୍ଗଲରେ ଗାଈ ଚରାଇବାକୁ ଯାଇଥିବାବେଳେ ସେ କରୁଥିବା ଗରମ ପାଣିରେ କିଛି ପତ୍ର ପଡ଼ିଗଲା । ସେ ସେଇ ପାଣି ପିଇବାରୁ ତାକୁ ବେଶ୍ ତାଜା ଲାଗିଲା । ପରେ ପରେ ସେଇ ପତ୍ର ଚା' ପତ୍ର ନାମରେ ପ୍ରସିଦ୍ଧ ହେଲା । ପ୍ରଥମେ ଯେତେବେଳେ ଚା' କମ୍ପାନୀମାନେ ଚା' ବିକିବାକୁ ଆରମ୍ଭ କଲେ, ଲୋକେ ଚା କ'ଣ ଜାଣି ନଥିଲେ ବୋଲି ଘରଘର ବୁଲି ମାଗଣା ଚା' ପିଆଉଥିଲେ । ଏମିତି ପିଇପିଇ ଲୋକଙ୍କର ଚା' ପିଇବା ଅଭ୍ୟାସ ବଢ଼ି ଚାଲିଲା । ସେ ସେଇ ଅଭ୍ୟାସର ଦାସ ହୋଇଯାଇଛନ୍ତି ବୋଲି ସୁନୀତି ଆଜି ଏମିତି ଚାଲେଞ୍ଜ ଦେଇଛନ୍ତି । ସେ ଜାଣନ୍ତି ନାରୀ ଜାତି ଥରେ ତାତିଲେ ତାଙ୍କୁ ସମ୍ଭାଳିବା କଷ୍ଟ । ସେ ପୁଣି ନିଜ ମର୍ଜିରେ ଚାଲିବେ । ତାଙ୍କ ଇଚ୍ଛା ମୁତାବକ କାର୍ଯ୍ୟ କରିବେ ।

ତାଙ୍କର ମନେପଡ଼ିଲା ଗୋଟାଏ ବିଶ୍ୱ ପ୍ରସିଦ୍ଧ କଥା । 'ନାରୀ ଚାହେଁ କ'ଣ ?' ଯୁବରାଜ ଆର୍ଥର ପଡ଼ୋଶୀ ରାଜ୍ୟର ସମ୍ରାଟଙ୍କ ଦ୍ୱାରା ପରାସ୍ତ ହୋଇ ବନ୍ଦୀ ହେଲେ । ସମ୍ରାଟ ଚାହିଁଥିଲେ ରାଜା ଆର୍ଥରଙ୍କୁ ମାରିପାରିଥାନ୍ତେ, ମାତ୍ର ସେ ଆର୍ଥରଙ୍କ ରୂପ ଓ ଗୁଣରେ ସନ୍ତୁଷ୍ଟ ହୋଇ ତାଙ୍କୁ ବନ୍ଦୀ କରି ରଖିଲେ ଓ ମୁକ୍ତ କରିବା ପାଇଁ ଗୋଟିଏ ପ୍ରଶ୍ନ ସଜାଡ଼ି ରଖିଲେ । ରାଜା ଆର୍ଥର ତା'ର ଠିକ୍ ଉ□ର ବର୍ଷକ ଭିତରେ ଦେଇପାରିଲେ ତାଙ୍କୁ ମୁକୁଳାଇଦେବେ । ନଚେତ୍ ତାଙ୍କୁ ଫାଶୀ ଖୁ□ରେ ଝୁଲିବାକୁ ପଡ଼ିବ । ପ୍ରଶ୍ନଟା ଥିଲା– ନାରୀ ପ୍ରକୃତରେ କ'ଣ ଚାହେଁ ? ଏଭଳି ପ୍ରଶ୍ନର ଉ□ର ଯେକୌଣସି ଜ୍ଞାନୀ ଗୁଣି ମଧ୍ୟ ଦେବା କଷ୍ଟ । ମାତ୍ର ବର୍ଷଟିଏ ଅବଧି ଥିବାରୁ ଆର୍ଥର ଏ ସ□ିରେ ରାଜି ହେଲେ ।

ସେ ନିଜେ ଏ ବିଷୟରେ ବହୁତ ତର୍ଜମା କଲେ । ନିଜର ପତ୍ନୀ, ରାଜଜେମା, ରାଜ କନ୍ୟା, ପଣ୍ଡିତ, ଜ୍ଞାନୀ, ଗୁଣୀ ଏପରିକି ବେଶ୍ୟାମାନଙ୍କୁ ମଧ୍ୟ ପ୍ରଶ୍ନ କଲେ । ମାତ୍ର କୌଣସି ସନ୍ତୋଷଜନକ ଉ□ର ପାଇଲେ ନାହିଁ । ଶେଷରେ ତାଙ୍କୁ ଲୋକମାନେ ଉପଦେଶ ଦେଲେ ରାଜ୍ୟର ସବୁଠାରୁ ପୁରୁଣା ଡାହାଣୀ ବୁଢ଼ୀକୁ ଏ ପ୍ରଶ୍ନ ପଚାରିବାକୁ ।

ଡାହାଣୀ ବୁଢ଼ୀକୁ କୌଣସି ପ୍ରଶ୍ନ ପଚାରିଲେ ବେଶ୍ ମୋଟା ଅଙ୍କର ଅର୍ଥ ଦାବି କରେ ବୋଲି ପ୍ରବାଦ ଥିଲା । ରାଜା ବହୁତ ଚେଷ୍ଟା କଲେ ତା' ପାଖକୁ ନଯିବାପାଇଁ । ମାତ୍ର ବର୍ଷର ଶେଷ ପର୍ଯ୍ୟନ୍ତ କୌଣସି ଉ□ର ନପାଇ ଶେଷରେ ନିରାଶ ହୋଇ ଶେଷ ଦିନ ସେଇ ବୁଢ଼ୀ ପାଖରେ ପହ□ିଲେ । ଡାହାଣୀ ବୁଢ଼ୀ କୌଣସି ପଇସା ନ ମାଗି ଗୋଟିଏ ସ□ି ବାଢ଼ିଲା ଯାହା ହେଉଛି ରାଜା ଆର୍ଥରଙ୍କର ଅତି ପ୍ରିୟତମ ସାଙ୍ଗ ତଥା ଉଚ୍ଚ ପରିବାରରେ ଜନ୍ମ ଗାୱାନ୍‌କୁ ସେ ବିବାହ କରିବ ।

ରାଜା ଅତି ବିମର୍ଷ ରହିଲେ । ସେ କେବେହେଲେ ଭାବି ନ ଥିଲେ ଯେ, ତାଙ୍କ ଉପରେ ଏଭଳି ଏକ ଚଡ଼କ ପଡ଼ିବ । ମାତ୍ର ତାଙ୍କ ବନ୍ଧୁ ଗାୱାନ ରାଜି ହୋଇଗଲେ ଡାହାଣୀ ବୁଢ଼ୀକୁ ବିଭା ହେବାପାଇଁ । ବାହାଘର ଠିକ୍ ହେବାମାତ୍ରେ ବୁଢ଼ୀ ରାଜା ଆର୍ଥରଙ୍କ ପ୍ରଶ୍ନର ଉ□ର ତତ୍କ୍ଷଣାତ୍ ଦେଲା– ନାରୀ ଚାହେଁ ତା'ର ନିଜର ଜୀବନକୁ ନିଜର ଇଚ୍ଛାମତେ ଗଢ଼ିବ । ରାଜା ଆର୍ଥର ପ୍ରଶ୍ନର ଉ□ର ପାଇଗଲେ । ମାତ୍ର ଡାହାଣୀ ବୁଢ଼ୀ ତା'ର ନିଜ ରୂପ ତାଙ୍କ ସାଙ୍ଗ ଗାୱାନଙ୍କୁ ଦେଖାଇବା ଆରମ୍ଭ କଲା– ବିବାହ ଦିନ ତାଙ୍କର ବନ୍ଧୁଗଣଙ୍କୁ

ଯାବତୀୟ ଦୁର୍ବ୍ୟବହାର ଆରମ୍ଭ କଲା । ସମସ୍ତେ ହତଚକିତ ହୋଇ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଚେଷ୍ଟା କଲେ ।

ଶେଷରେ ଆସିଲା ବାସର ରାତି । ମନ ଦୁଃଖକୁ ମନରେ ରଖି ପ୍ରବେଶ କଲେ ରାଜାଙ୍କ ପ୍ରିୟସଖା ଗାୱାନ୍ । ମାତ୍ର ସେ କ'ଣ ଦେଖୁଛନ୍ତି ? ଜଣେ ଅତି ସୁନ୍ଦରୀ ରମଣୀ, ଯାହାର ରୂପର କୌଣସି ତୁଳନା ନାହିଁ । ସୁନ୍ଦରୀ ତରୁଣୀ ତାଙ୍କୁ ଦେଖି କହିଲା– "ଆଶ୍ଚର୍ଯ୍ୟ ହେଉଛ କି ? ମୁଁ ହେଉଛି ସେଇ ଡାହାଣୀ ବୁଢ଼ୀ । ତୁମେ ମୋତେ ବାହା ହେଉଛ ବୋଲି ରାଜି ହେବାରୁ ମୁଁ ଖୁସି ହୋଇ ତୁମକୁ ମୋର ସୁନ୍ଦର ରୂପ ଦେଖାଇଲି । ବ□ମାନ ତମ ପାଖରେ ଦୁଇଟି ରାସ୍ତା । ପ୍ରଥମଟି ହେଲା– ମୁଁ ଅଧା ସମୟ ଅସୁନ୍ଦରୀ ତଥା କଳିହୁଡ଼ି, ଏକଜିଦିଆ ହୋଇ ରହିବି ଓ ଅଧା ସମୟ ଏଇଭଳି ସୁନ୍ଦରୀ ଓ ମିଷ୍ଟଭାଷୀ ହେବି । ତମେ ବ□ମାନ ବିଚାର କରି କୁହ, ଦିନବେଳେ ମୁଁ କି ରୂପ ନେବି ଓ ରାତିରେ କି ରୂପ ନେବି ?"

ଗାୱାନ ବିଚରା ପୁଣି ଅଡୁଆରେ ପଡ଼ିଲେ । ଦିନରେ ନିଜର ଭାଇବନ୍ଧୁ ଜ୍ଞାତି ପରିଜନଙ୍କୁ ଯଦି ସୁନ୍ଦରୀ ମିଷ୍ଟଭାଷୀ ତରୁଣୀଟିଏ କରି ଦେଖାନ୍ତି ଇଜ୍ଜତ ତାଙ୍କର ରହିବ । ମାତ୍ର ରାତିହେଲେ ରାତ୍ରିଯାପନ ଏମିତି ଅସୁନ୍ଦରୀ, କଳିହୁଡ଼ି ବୁଢ଼ୀ ସହିତ ! ଯଦି ଦିନଯାକ ତାଙ୍କୁ ଅସୁନ୍ଦରୀ, କଳିହୁଡ଼ୀ ରୂପରେ ରଖିବେ, ତା'ହେଲେ ସମସ୍ତେ ଅସନ୍ତୁଷ୍ଟ ରହିବେ । କେହି ତ ବିଶ୍ୱାସ କରିବେ ନାହିଁ ଏ ରୂପ ଭିତରେ ଏମିତି ସୁନ୍ଦର ରୂପଟିଏ ଅଛି । ସେ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲେ । ତାଙ୍କର ମନେପଡ଼ିଲା ଡାହାଣୀବୁଢ଼ୀର କଥା – ନାରୀ ଚାହେଁ ତା'ର ନିଜର ଜୀବନକୁ ନିଜର ଇଚ୍ଛାମତେ ଗଢ଼ିବ । ସେ ସଙ୍ଗେସଙ୍ଗେ କହିଲେ ଏ ଦାୟିତ୍ୱ ମୁଁ ତମକୁ ଦେଉଛି । ଏତିକି କହିବା ମାତ୍ରେ ଡାହାଣୀ ବୁଢ଼ୀ ଉ□ର ଦେଲା, "ତମର ଉ□ରରେ ମୁଁ ସନ୍ତୁଷ୍ଟ । ଏଣିକି ଦିନ କ'ଣ ରାତି କ'ଣ ମୁଁ ସବୁବେଳ ପାଇଁ ସୁନ୍ଦରୀ ଓ ମିଷ୍ଟଭାଷୀ ରହିବି ।"

ସୁଶାନ୍ତ ମନେମନେ ଭାବିଲେ ପତ୍ନୀଙ୍କଠାରୁ କେମିତି ଏ ସମସ୍ୟାରୁ ମୁକ୍ତି ପାଇବେ ? ସେଥିପାଇଁ ପତ୍ନୀଙ୍କ ଶରଣାପନ୍ନ ହେବାକୁ ହେବ । ତେଣୁ ସେ ଅତି ଆଦରରେ ସୁଶୀଳାଙ୍କୁ କହିଲେ "ତମେ ଏତେବର୍ଷ ଧରି ମୋ ସହ ଦାମ୍ପତ୍ୟ ଜୀବନ ଅତିବାହିତ କଲ । ଏ ଯେଉଁ ନାରୀ ଜାଗରଣ ସଂସ୍ଥାର ପ୍ରରୋଚନାରେ ତମ ବାର ବରଷର ତପସ୍ୟା ଶୁଖୁଆପୋଡ଼ାରେ ଗଲାଭଳି ପଚିଶ ବର୍ଷର ଦାମ୍ପତ୍ୟ ଜୀବନ ଚା' ତିଆରିରେ ଯିବାକୁ ଯୋଜନା କରୁଛ ? ତମେ ଏମିତି ଗୋଟାଏ ସ□ ରଖ ଯାହା ପାଳନ ନହେଲେ ମୁଁ ଚା' ତିଆରି କରିବି । ମୋତେ ଅତି କମରେ ମାସେ ସମୟ ଦିଅ । ଆଜି ଯେତେବେଳେ ଆନ୍ତର୍ଜାତିକ ମହିଳା ଦିବସ ମୁଁ ନିଶ୍ଚୟ ନାରୀଜାତିକୁ ସମ୍ମାନ ଦେବି ।"

ସୁନୀତି ମନେମନେ ଭାବିଲେ – ଏମିତି ସୁଯୋଗ ମିଳିଛି ସ୍ୱାମୀ ନିଜେ ଶରଣ ପଶିବା ଉପରେ । ତାଙ୍କୁ ଦଣ୍ଡ ଟିକିଏ କୋହଳାଇବା ପାଇଁ ସେ ଗୋଟିଏ ସ□ ରଖିଲେ । ସୁନୀତିଙ୍କ ସ□ ରହିଲା ଆଜିଠାରୁ ପ୍ରତ୍ୟେକ ଦିନ ଖବର କାଗଜକୁ ସମ୍ପୂର୍ଣ୍ଣ ରୂପେ ପଢ଼ାଯିବ ଏକମାସ ପର୍ଯ୍ୟନ୍ତ । ଯଦି ମାସ ଭିତରେ କୌଣସି ଗୋଟିଏ ଦିନ ନାରୀ ନିର୍ଯାତନା ବିଷୟରେ ଖବର ନ ବାହାରିଥିବ, ତାହାହେଲେ ସୁନୀତି ଦେବି ମାସ ଶେଷ ପରେ ସାରା ଜୀବନ ସୁଶାନ୍ତଙ୍କୁ ଚା' ବନାଇ ପିଆଇବେ । ଯଦି ନାରୀ ନିର୍ଯାତନାର କାହାଣୀ ପ୍ରତ୍ୟେକ ଦିନ ଖବର କାଗଜରେ ବାହାରି ଚାଲିଥିବ, ତା'ହେଲେ ମାସେ ପରେ ସୁଶାନ୍ତ ପ୍ରତ୍ୟେକ ଦିନ ସକାଳେ ପତ୍ନୀଙ୍କୁ ଚା' ବନାଇ ପିଆଇବେ । ସେପରି ହେଲେ ସେ ଜାଣିବେ ଯେ ନାରୀ ନିର୍ଯାତନାର ଏ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ । ସେଥିପାଇଁ ତାଙ୍କୁ ଏ ଦଣ୍ଡ ଭୋଗିବାକୁ ପଡ଼ିବ ।

ତା'ପରେ ଆରମ୍ଭ ହେଲା ଆନ୍ତର୍ଜାତିକ ମହିଳା ଦିବସର ଖବରକାଗଜ ପଢ଼ା । ସେଦିନ ବହୁ ମହିଳା ଏବଂ ପୁରୁଷ ନିଜର ମତବ୍ୟକ୍ତ କରିଥିଲେ ଯେ ନାରୀ ନିର୍ଯାତନା ଏ ପର୍ଯ୍ୟନ୍ତ କୌଣସି ନା କୌଣସି ରୂପରେ ଆତ୍ମପ୍ରକାଶ କରୁଛି । ତା'ର ସମାଧାନ ନିହାତି ଜରୁରୀ ।

ତା' ପରଦିନ ସକାଳଠାରୁ ସୁଶାନ୍ତ ଅତି ସନ୍ତର୍ପଣରେ ଖବର କାଗଜ ଆଣି ପୃଷ୍ଠା ଓଲଟାଇବା ଆରମ୍ଭ କଲେ । ସୁଶାନ୍ତ ମନେମନେ ଭଗବାନଙ୍କୁ ପ୍ରାର୍ଥନା କରୁଥାନ୍ତି– ହେ ପ୍ରଭୁ ଅତି କମ୍‌ରେ ଏ ମାସଟା ପୁରୁଷମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ମହିଳାଙ୍କୁ ଅତ୍ୟାଚାର ନହେଉ । କିନ୍ତୁ ପ୍ରତ୍ୟେକ ଦିନ ଖବର କାଗଜ ପଢ଼ିଲାବେଳେ ତାଙ୍କ ନଜରରେ ପଡ଼ିଲା ଯୌତୁକ ଜୁଇରେ ବଧୂ, ମହିଳାଙ୍କୁ ଦୁଷ୍କର୍ମ, ପତିର ଠେଙ୍ଗା ମାଡ଼ରେ ପତ୍ନୀଙ୍କ ମୃତ୍ୟୁ, କନ୍ୟାଭ୍ରୁଣ ହତ୍ୟାରେ ଡାକ୍ତର ଗିରଫ, କାର୍ଯ୍ୟାଳୟରେ ମହିଳାଙ୍କ ପ୍ରତି ଅସଦାଚରଣ, ରାସ୍ତା ଉପରୁ ମହିଳାଙ୍କ ବେକରୁ ଚେନ୍ ଲୁଟ୍, ବିବାହ ପାଇଁ ପ୍ରତିଶ୍ରୁତି ଦେଇ ବର ଫେରାର, ପ୍ରେମଜନିତ ବ୍ୟାପାରରେ ମହିଳାଙ୍କୁ ଏସିଡ୍ ମାଡ଼, ମନ୍ତ୍ରୀଙ୍କ ବୋହୂ ନାରୀ ନିର୍ଯାତନା ଅଭିଯୋଗ ନେଇ ମହିଳା କମିଶନରରେ ହାଜର, ପ୍ରାଶାସନିକ ଅଧିକାରୀଙ୍କ ପତ୍ନୀଙ୍କ ମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ । କିଛି ଖବରକାଗଜରେ ମହିଳାଙ୍କ ପ୍ରତି ଧର୍ଷଣ ଶବ୍ଦକୁ ବ୍ୟବହାର ନକରି ଦୁଷ୍କର୍ମ ଶବ୍ଦର ବ୍ୟବହାର ଆରମ୍ଭ ହେଲା । ମାତ୍ର ଅତ୍ୟାଚାରରେ ଅନ୍ତ ହେଲାନାହିଁ ।

ମାର୍ଚ୍ଚ ମାସ ଆଠତାରିଖ ଥିଲା ଆନ୍ତର୍ଜାତିକ ମହିଳା ଦିବସ । ଏପ୍ରିଲ ଆଠ ପର୍ଯ୍ୟନ୍ତ ଥିଲା ମହଲତ । ମାର୍ଚ୍ଚମାସ ଚାଲିଗଲା କୌଣସି ଗୋଟିଏ ଦିନ ବିନା ନାରୀ ନିର୍ଯାତନା ଖବରରେ କଟିଲା ନାହିଁ । ଏପ୍ରିଲ ପହିଲା - ଆଉ ମାତ୍ର ସାତ ଦିନ । ସେଦିନ ମଧ୍ୟ ନିସ୍ତାର ନାହିଁ । ଗୋଟିଏ ସମ୍ବାଦ ଖବର କାଗଜର ପୃଷ୍ଠା ମଣ୍ଡନ କଲା - ବାଙ୍ଗାଲୋରରୁ ଝିଅଟିଏ ଆସି ଖବର କାଗଜ ସମ୍ପାଦକଙ୍କ ଶରଣ ପଶିଲା । ଆମ ରାଜ୍ୟରୁ ଜଣେ ଯୁବକ ବାଙ୍ଗାଲୋରରେ ଚାକିରି କରୁଥିବା ସମୟରେ ସେହି ତରୁଣୀଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ମନ୍ଦିରରେ ବାହାହୋଇ ଦାମ୍ପତ୍ୟ ଜୀବନ ବିତାଉଥିଲେ । ହଠାତ ଫେରିଆସି ଆଉଜଣେ ତରୁଣୀଙ୍କୁ ବିଭାହେବାକୁ ଯାଉଛନ୍ତି ବୋଲି ଖବର ପାଇ ସେ ଧାଇଁ ଆସିଛନ୍ତି ଏ ବିବାହ କରାଇଦେବେ ନାହିଁ । ସୁଶାନ୍ତ ଦେଖିଲେ ସେ ଦିନଠାରୁ ଏ ଖବର ପ୍ରତିଦିନ ଖବର କାଗଜ ପୃଷ୍ଠା ମଣ୍ଡନ କଲା ଓ ସପ୍ତାହ ଭିତରେ ସେ ଯୁବକ ଭୁଲମାଗି ବାଙ୍ଗାଲୋର ଯୁବତୀଙ୍କୁ ବାପା ମାଆଙ୍କ ସମ୍ମୁଖରେ ବିବାହ ବନ୍ଧନରେ ଆବଦ୍ଧ ହେଲା ।

ଏ ଖବର ପରେ ସୁଶାନ୍ତଙ୍କ ପୁରୁଷ ଜାତି ଉପରୁ ଭରସା ତୁଟିବାରେ ଲାଗିଲା ଏବଂ ତାଙ୍କ ନିଜ ମନରେ ଛନକା ସୃଷ୍ଟି ହେଲା । ସେ ଦେଖିଲେ ନାରୀଙ୍କର ବ□ମାନ ଦୁର୍ଗା ରୂପ ଆରମ୍ଭ ହେବାକୁ ଗଲାଣି, ଯେଉଁଦିନ ସେ ପଢ଼ିଲେ ଯେ ମହିଳାଗଣ ଯାଇ ଗୋଟିଏ ମଦ ଦୋକାନରେ ପଶି ଭଙ୍ଗାରୁଜା କରିଦେଇଛନ୍ତି ଏବଂ ହରତାଳ କରିଛନ୍ତି ଦୋକାନ ବନ୍ଦ କରିବା ପାଇଁ । ପୁଣି ଦିନେ ଖବର ପଢ଼ିଲେ ଯେ ନଗ୍ନ ନାଟକ ପ୍ରଦର୍ଶନ ହୋଇଥିବାରୁ ଏକ ପ୍ରେକ୍ଷାଳୟକୁ ମହିଳାମାନେ ତାଲା ପକାଇ ଦେଇଛନ୍ତି । ଧୀରେଧୀରେ ମହିଳାଙ୍କର ଆକ୍ରମଣାତ୍ମକ ଢଂଗୀରେ କାର୍ଯ୍ୟ ଦେଖି ତାଙ୍କର ମନେପଡ଼ିଲା ଯେ ଆଉ ମହିଳାଙ୍କୁ ସବୁଦିନ ପାଇଁ ଏଭଳି କଷଣ ଦେଇହେବନାହିଁ । ତାଙ୍କର ଦୁର୍ଗା ରୂପ, କାଳୀ ରୂପ ଓ ମହାଲକ୍ଷ୍ମୀ ରୂପ ଆତ୍ମପ୍ରକାଶ କଲାଣି । ପୁରୁଷ ଜାତିକୁ ମନେମନେ ଧିକ୍କାର କରିବାକୁ ଲାଗିଲେ ।

ଶେଷ କଥା :- ପାଠକପାଠିକାଙ୍କ ଅବଗତି ନିମନ୍ତେ ଜଣାଉଅଛି ଯେ ଆନ୍ତର୍ଜାତିକ ମହିଳା ଦିବସର ଠିକ୍ ଏକମାସ ପରେ ସୁଶାନ୍ତ ବାବୁ ରୋଷେଇ ଘରେ ପଶି ଚା' ବନାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଏବଂ ଚା' କପ୍‌ଟେ ନେଇ ପତ୍ନୀଙ୍କୁ ଅତି ସ୍ନେହରେ ବଢ଼ାଇ ଦେଉଛନ୍ତି ।

**ଏ-୬୬, ଅନନ୍ୟା, ପିପିଏଲ୍ ହାଉସିଂ କଲୋନୀ,**
**ଖଣ୍ଡଗିରି ଛକ, ଭୁବନେଶ୍ୱର-୭୫୧୦୧୯**
**ମୋ: ୯୪୩୭୫୭୪୬୪୯**

❑❑❑

**ଶ୍ରୀ ପୀତବାସ ରାଉତରାୟ ଜଣେ ସଫଳ ଗାଳ୍ପିକ, ବ୍ୟଙ୍ଗ ସାହିତ୍ୟିକ, ସାରସ୍ୱତ ସଙ୍ଗଠକ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ । ତାଙ୍କର ୩ଟି ମୌଳିକ ଗଳ୍ପ ସଂକଳନ, ୬ଟି ମୌଳିକ ବ୍ୟଙ୍ଗଗଳ୍ପ ସଂକଳନ ବ୍ୟତୀତ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଅନୁଭୂତି ଓ ଅନୁଭବର ୨୦ଟି ସଂକଳନ, ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ୮ଟି ଗଳ୍ପ ସଂକଳନ ଓ ଗୋଟିଏ କବିତା ସଂକଳନ ପ୍ରକାଶିତ । ଶ୍ରୀଜଗନ୍ନାଥ ମନ୍ଦିରକୁ କେନ୍ଦ୍ରକରି ଅର୍ଥନୈତିକ ଗବେଷଣା (Impact of Lord Jagannath Temple in the lives of people of Odisha) କରି ଡକ୍ଟରେଟ୍ ଡିଗ୍ରୀ ପ୍ରାପ୍ତ । ବ୍ୟଙ୍ଗ ସାହିତ୍ୟ ପାଇଁ ସେ କାନ୍ତକବି ଲକ୍ଷ୍ମୀକାନ୍ତ ପୁରସ୍କାର, ଫକୀର ମୋହନ ପରିଷଦ ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ପୁରସ୍କାର, ସାମଗ୍ରିକ ସାହିତ୍ୟକୃତି ନିମନ୍ତେ ଅମୃତାୟନ, ତୀରତରଙ୍ଗ, ନୀଳକଇଁ ଆଦି ବହୁ ଅନୁଷ୍ଠାନ ଓ ପତ୍ରିକା ସମ୍ପାଦନା କ୍ଷେତ୍ରରେ ନିଳାଦ୍ରୀ ସମ୍ମାନ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ଶିଶୁଅନନ୍ତ ପୁରସ୍କାର, ବଳଭଦ୍ର ସମ୍ମାନ ତଥା ଉତ୍କଳରତ୍ନ ଉପାଧି ପ୍ରାପ୍ତ । ଶ୍ରୀ ରାଉତରାୟ ପତ୍ରିକା ସମ୍ପାଦନା କ୍ଷେତ୍ରରେ ମଧ୍ୟ ବେଶ୍ ପରିଚିତ । ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରୟୋଗାତ୍ମକ ଅର୍ଥନୀତିରେ ୧୯୭୨-୭୪ ମସିହାରେ ଅଧ୍ୟୟନ ସମୟରେ ତ୍ରୈମାସିକ ସାହିତ୍ୟ ପତ୍ରିକା 'ନବତରଙ୍ଗ'ର ସମ୍ପାଦକ ଥିଲେ ଓ ପରେ ବହୁ ପତ୍ରିକାର ସଂପାଦନାରେ ରହି ସାହିତ୍ୟ ସାଧନାରେ ନିଜକୁ ନିୟୋଜିତ କରିଅଛନ୍ତି । ଦୀର୍ଘବର୍ଷ ଧରି ସେ 'ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମାଚାର'ର ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି । ସଂଗଠନ କ୍ଷେତ୍ରରେ ସେ ଏକାମ୍ର ପୁସ୍ତକ ମହୋତ୍ସବର ସଭାପତି, ମୁକ୍ତଚିନ୍ତନ ମ□ର ସମ୍ପାଦକ ଓ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ସମ୍ପାଦକ ଭାବେ କାର୍ଯ୍ୟରତ ।**

# କନ୍ୟାଦାନ

ବିଜୟିନୀ ତ୍ରିପାଠୀ



ଆଉ ପନ୍ଦର ଦିନ ପରେ ମୋର ଏକମାତ୍ର ଝିଅ ସ୍ୱାତୀର ବାହାଘର । ପୁଅଟି ପଞ୍ଜାବୀ ପରିବାରର । ଦେଖିବାକୁ ଭଲ, ଶାନ୍ତଶିଷ୍ଟ, ଭଦ୍ର । ଆଉ କ'ଣ ଦରକାର ! ଉଭୟ ଉଚ୍ଚଶିକ୍ଷିତ । ମୁମ୍ବାଇରେ କର୍ପୋରେଟ ଚାକିରି । ପୁଅର ବାବା ମାଆ ଆସି କଥାବା□ା କରିଗଲେ । ବେଶ୍ ଭଦ୍ର ପରିବାର । ପିଲାଙ୍କ ଖୁସିରେ ସେମାନେ ଖୁସି ।

ସ୍ୱାତୀ ଆଜି ଫୋନ କରିଥିଲା ବୈଭବ ଆଉ ତା'ର ବାବା ମାଆ ଚାହୁଁଛନ୍ତି ସହରଠାରୁ ଦୂରରେ କୌଣସି ଏକ ରେସର୍ଟରେ ବାହାଘର ହେବ । ବୈଭବ ବରବେଶ ହୋଇ ଘୋଡ଼ିରେ ଚଢ଼ି ଆସିବ । ପଞ୍ଜାବୀ ମତ ଅନୁସାରେ ବାହାଘର ହେବ । ଅବଶ୍ୟ ଆମେ ଚାହିଁଲେ ଓଡ଼ିଆ ମତରେ ବି ସବୁ ନିୟମ କରିପାରିବୁ । ଓଡ଼ିଆ ମତ ପ୍ରସଙ୍ଗରେ ମୋର କନ୍ୟାଦାନ କଥା ମନେପଡ଼ିଲା । ବୋଉ କହୁଥିଲା – କନ୍ୟାଦାନ ମହାପୁଣ୍ୟ । ବୋଉ କଥା ମନେପଡ଼ିଲେ ମୁଁ ସବୁ କାମ ଛାଡ଼ି ଅନେକ ପଛରେ ଛାଡ଼ି ଆସିଥିବା ଅତୀତରେ ହଜିଯାଏ । ଅତୀତର ତିକ୍ତ ମଧୁର ସ୍ମୃତିରେ ବୁଡ଼ିଯାଏ । ବୋଉ ଆସି ସାମନାରେ ଠିଆ ହୋଇଯାଏ । ତା'ପରେ ମୁଁ ସେଇଠି ପହ□ିଯାଏ, ଯେଉଁଠାରୁ ମୋ ଜୀବନର ନୂତନ ଅଧ୍ୟାୟ ଆରମ୍ଭ ହୋଇଥିଲା ।

ଏଇତ ସବୁଦିନ ପରି ବୋଉ ମୋର ଘରକାମରେ ବ୍ୟସ୍ତ ଥିଲା । ଡିନର ସେଟ୍ କପ୍‌ବୋର୍ଡ ଭିତରେ ସଜେଇ ରଖିବା ବେଳେ ବୋଉର ମୁହଁରେ ଅସୀମ ତୃପ୍ତି ଫୁଟି ଉଠୁଥିଲା । ଏତେ ବର୍ଷର ତପସ୍ୟା ଆଜି ଖୁସିର ରୂପ ନେଇ ତା' କ୍ଳାନ୍ତ ଆଖିରୁ ବର୍ଷିଯିବାକୁ ଚାହୁଁଥିଲା । ବୋଉକୁ ଏତେ ଖୁସି ହେବା ମୁଁ କେବେବି ଦେଖି ନଥିଲି । ମୁଣ୍ଡରେ ଅଳ୍ପ ଓଢ଼ଣା ଦେଇ ଧଳା ଶାଢ଼ୀର ପଣତକୁ ଅ□ାରେ ଖୋସି ଲୋଟଣୀ ପାରା ପରି ଅନବରତ ଘରକାମରେ ବ୍ୟସ୍ତ ଥିବା ବୋଉର ଏଇ ରୂପ ମୁଁ ଛୋଟବେଳୁ ଦେଖିଆସିଛି । ଜୀବନର ଯେତେସବୁ ସୁନେଲି ମୁହୂ□ର ଅନୁଭୂତି ଆଖିରୁ ଲୁହ ହୋଇ ଝରିବା ପୂର୍ବରୁ ସିଏ ତା'ର ସେଇ ପଣତ କାନିରେ ସାଉଁଟି ନିଏ ।

ଆଜି ମୁଁ ବୁଝି ପାରୁଥିଲି, ସୁଖର ପରିଭାଷା ପରିସ୍ଥିତି ନେଇ ବଦଳିଯାଏ । ବୋଉ ପାଇଁ ଆଜି ଖୁସିର ପରିଭାଷା ଅବ୍ୟକ୍ତ ଥିଲା । ବଡ଼ବୋଉ ଆଉ ଖୁଡ଼ୀ ପାଖ ରୁମ୍‌ରେ ବସି ଗପସପ କରୁଥିଲେ । ସବୁବେଳେ ଏମିତି ହୁଏ । ଅବସର ଦୁଃଖର ହେଉ ବା ଖୁସିର, ରୋଷେଇ ଘର ଦାୟିତ୍ୱ ସବୁବେଳେ ବୋଉର । ବିଧବା ହେବାର ଦଣ୍ଡ ସହିତ ବ□ିବାରେ ସେ ଅଭ୍ୟସ୍ତ ।

* * * * * *

"ଆରେ ନିତୁ, ସେତିକି ବେଳୁ ବସିଛୁ । ଠାକୁର ଘରେ ମୁଣ୍ଡିଆ ତ ମାର୍" – ବୋଉ କହିଲା ।

"କାହିଁକି ବୋଉ, ଯାହା କିଛି ଆଜି ପର୍ଯ୍ୟନ୍ତ ମିଳିଛି, ସେ ସବୁ ତ ଆମ ଚେଷ୍ଟାର ଫଳ । ଈଶ୍ୱର ଆମକୁ ଦେଇଛନ୍ତି କ'ଣ ?"

ବୋଉ କାଚ ପ୍ଲେଟ୍ ଟେବୁଲ୍ ଉପରେ ରଖି ଭୟ ପାଇବା ସ୍ୱରରେ କହିଲା – ଏମିତି ଅଶୁଭ କଥା କହନା ରେ ମାଆ । ସବୁକିଛି ସେଇ ଠାକୁରଙ୍କର ଦୟା ।

ମୁଁ ଜାଣିଥିଲି ବୋଉ ସାଙ୍ଗରେ ଯୁକ୍ତି କରି କିଛି ଲାଭ ମିଳିବନି । ଛୋଟ ବେଳୁ ବୋଉକୁ ତୁଳସୀ ଚଉରା ପାଖରେ ସକାଳ ସନ୍ଧ୍ୟାରେ ଦୀପ ଜାଳିବା ଦେଖିଛି । ସୋମବାରରେ ଶିବମନ୍ଦିର ଯିବା ବି ଦେଖିଛି । ମୁଁ ମନେମନେ ଭାବେ ମଣିଷ ଯଦି ଗୋଟିଏ ଅଦୃଶ୍ୟ ଶକ୍ତିକୁ ଆଖି ବନ୍ଦକରି ଭରସା କରିପାରେ, ତା'ହେଲେ ସେଇ ଭ୍ରମରେ ସେ ରହିବା ହିଁ ଉଚିତ୍ ।

ବଡ଼ବୋଉଙ୍କ ଡାକରାରେ ଭିତରକୁ ଗଲି । ସେ କହିଲେ – "ସେମାନଙ୍କର ତ କିଛି ଡିମାଣ୍ଡ୍ ନାହିଁ । ତା' ମାନେ ନୁହେଁ ଯେ, ଆମ ଝିଅଟାକୁ ସେମିତି ପଠେଇ ଦେବା । ଦେଖ୍ ମାଆ, ତୋ ସାଙ୍ଗରେ କ'ଣ କ'ଣ ଯିବ ତୋ ଖୁଡ଼ୀ ଆଉ ମୁଁ ମିଶି ଜିନିଷପତ୍ର ଲିଷ୍ଟ୍ କରିଦେଇଛୁ । ଲୁଗାପଟା କିଣିବା ପାଇଁ ତୁ ମୋ ସାଙ୍ଗରେ ଯିବୁ । ତୋ ବୋଉ ବି ତ ତୋ ଯୌତୁକ ପାଇଁ କିଛି ରଖିଥିବ ନା !"

ମୁଁ ଅଳ୍ପ ହସିଲି । ଯାହାର ସ୍ୱାମୀ ସାତବର୍ଷର ଛୋଟ ଝିଅକୁ ତା' ମାଆ କୋଳରେ ଛାଡ଼ି ଚିରନିଦ୍ରାରେ ଶୋଇ ଯାଇଛି, ସେ ନିଜେ ଏତେଦିନ କେମିତି ବ□ଛି, ସେ କଥା ଚିନ୍ତା କରିବା ବେଶି ସମୀଚୀନ ହେବ । ମୁଁ ବୋଉକୁ ଚାହିଁଲି । ସେ ନିର୍ବିକାର ଭାବରେ ତା' କାମରେ ବ୍ୟସ୍ତ ଥିଲା । ଆଜି ରୁଦ୍ରାକ୍ଷର ପରିବାର ଆସି ସ୍ୱୀକୃତି ପୂର୍ବକ ମୁଦି ପିନ୍ଧାଇ ଯାଇଛନ୍ତି ।

ଯେତେବେଳେ ରାତିର ନୀରବତା ସାରା ସଂସାରକୁ ନିଜ ପଣତ କାନିରେ ଢାଙ୍କିଦିଏ, ମୋ ମନର ଆଢୁଆଳରୁ ଅନେକ ପଛରେ ଛାଡ଼ି ଆସିଥିବା ଅତୀତ ଉଙ୍କିମାରେ । ପାଖରେ ବୋଉ ନିଶ୍ଚିନ୍ତରେ ଶୋଇପଡ଼ିଛି । ତା' ଗୋରା ସୁନ୍ଦର ମୁହଁରେ ବୟସର ମାଇଲ୍ ଚିହ୍ନ ସ୍ପଷ୍ଟ ବାରିହୋଇ ଯାଉଛି । ବୋଉର ଅସମୟରେ ଏମିତି ଝାଉଁଳି ପଡ଼ିବାର କାରଣ ଯେତିକି ମାନସିକ ଥିଲା, ତା' ଠାରୁ ବେଶି ଥିଲା ଆର୍ଥିକ ।

ଆଜି ଛୋଟବେଳର ପ୍ରତ୍ୟେକଟି ଛୋଟ ବଡ଼ ଘଟଣା ମୋର ମନେପଡ଼ୁଥିଲା । ଯେତେବେଳେ ମୁଁ ଖୁବ୍ ଛୋଟ ଥିଲି, ଥରେ ନନା ମୋତେ ବଡ଼ବୋଉର ଅର୍ଥ ବୁଝାଇଥିଲେ । କହିଥିଲେ– "ବଡ଼ବୋଉ ମାନେ ବୋଉଠାରୁ ବଡ଼, ଆଉ ବୋଉଠାରୁ ବେଶି ଭଲପାଉଥିବାରୁ ତାଙ୍କୁ ବଡ଼ବୋଉ କୁହାଯାଏ ।" କିନ୍ତୁ ସତରେ କ'ଣ ମୁଁ ବଡ଼ବୋଉଠାରୁ ସେତିକି ସ୍ନେହ ପାଇଥିଲି ?

ମନଟା କେମିତି ଅସ୍ଥିର ଲାଗିବାରୁ ମୁଁ ଝରକା ପାଖକୁ ଉଠିଆସିଲି । ଜହ୍ନ ଆଲୁଅରେ ସାମନାରେ ଥିବା କୃଷ୍ଣଚୂଡ଼ା ଗଛଟା ବେଶି ରଙ୍ଗୀନ୍ ମନେ ହେଉଥିଲା । ଝଡ଼ି ପଡ଼ିଥିବା ଫୁଲରେ ରାସ୍ତା ଅଧାରୁ ଅଧିକ ଢାଙ୍କି ହୋଇ ଯାଇଥିଲା । ମୁଁ ଜାଣିଥିଲି ସକାଳର ଶୀତଳ ପବନରେ ଫୁଲସବୁ ଆଡ଼େଇ ଯାଇ ରାସ୍ତା ପରିଷ୍କାର ହୋଇଯିବ । ମୋର ଆଉ ବୋଉର ଜୀବନରେ ବି ଏମିତି ଦୁଃଖର ବାଦଲ ଘେରି ରହିଥିଲା । କିନ୍ତୁ ଆଜି ମନେ ହେଉଛି ଆକାଶଟା ଅବା ପରିଷ୍କାର ହୋଇ ଯାଇଛି । ଅଜାଣତରେ ମୋ ଆଖି ଭିଜିଯାଇଥିଲା । ଅତୀତର ପ୍ରତିଟି ମୁହୂ□ ଚଳଚ୍ଚିତ୍ର ପରି ମୋ ଆଖି ସାମନାରେ ଭାସି ଯାଉଥିଲା । ମଣିଷ ଯେତେ ଚେଷ୍ଟା କଲେ ମଧ୍ୟ ଦୁଃଖଭରା ଅତୀତରୁ ନିଜକୁ ଅଲଗା କରି ପାରେନି । ଖୁସିର ମୁହୂ□ ଭୁଲିବାକୁ ସମୟ ଲାଗେନା । କିନ୍ତୁ ଦୁଃଖର ସାଗର ନିଜର ଅଲିଭା ଦାଗ ଛାଡ଼ିଯାଏ ।

ସାତ ବର୍ଷର ହୋଇଥିଲି, ନନା ଅଫିସରୁ ଫେରିବା ସମୟରେ ରୋଡ୍ ଆକ୍ସିଡେ□ରେ ସବୁଦିନ ପାଇଁ ଚାଲିଗଲେ । ବୋଉର ଛୋଟ ସଂସାର ଖଣ୍ଡଖଣ୍ଡ ହୋଇ ଭାଙ୍ଗିଗଲା । ନନା ବେସରକାରୀ କଲେଜରେ ଅଧ୍ୟାପକ ଥିଲେ । ଆତ୍ମ ସମ୍ମାନ ତାଙ୍କର ଏକମାତ୍ର ପୁଞ୍ଜି ଥିଲା । ବୋଉ ମଧ୍ୟବି□ ପରିବାରରୁ ଆସିଥିଲା । ଅଜା ଆଇ ତ ନଥିଲେ । ମାମୁ ତାଙ୍କର ସୀମିତ ରୋଜଗାରରେ ନିଜର ଗୃହସ୍ଥ କୌଣସିମତେ ଚଳାଇଥିଲେ । ବିପ□ିର ବୋଝ ବୋଉକୁ ଦୋହଲାଇ ଦେଇଥିଲା । ନନାଙ୍କର ମୃତ୍ୟୁ ପରେ ବୋଉ ସମ୍ପୂର୍ଣ୍ଣ ନିଃସଙ୍ଗ ହୋଇଗଲା । ବଡ଼ନନା ହୁଏତ ଚାହୁଁଥିଲେ ଆମକୁ ସାଙ୍ଗରେ ନେଇଯିବା ପାଇଁ, ହେଲେ ବଡ଼ବୋଉ ସାମନାରେ ବେଶି କିଛି କହିପାରିଲେନି । ବାଧହୋଇ ଆମକୁ ମାମୁଙ୍କ ଘରକୁ ଯିବାକୁ ପଡ଼ିଲା ।

ଖରାଛୁଟି ପରେ ମୋର ସ୍କୁଲରେ ନାଁ ଲେଖିବା ପାଇଁ ବୋଉ ପ୍ରତ୍ୟେକ ଦିନ ମାମୁଙ୍କୁ କୁହେ । କେଜାଣି କାହିଁକି, ମାମୁ ବୋଉ କଥାକୁ ଏଡ଼େଇ ଯାଆନ୍ତି । ଦିନ ପରେ ଦିନ ବୋଉର ଧୈର୍ଯ୍ୟଚ୍ୟୁତି ଘଟୁଥିଲା । ଅଧରାତିରେ ନିଦ ଭାଙ୍ଗିଗଲେ ଦେଖେ ବୋଉ କାନ୍ଦୁଛି । ବୋଉର କାନ୍ଦ ଦେଖି ମୁଁ ବି ଲୁଚେଇ ଲୁଚେଇ କାନ୍ଦେ । ଥରେ ଦୁଇ ଥର ନୁହେଁ, କେତେ ରାତି ଏମିତି କାନ୍ଦି କାନ୍ଦି ବୋଉର କଟିଛି । ସେତେବେଳେ ମୋର ମନେହୁଏ ହୁଏତ ସାରା ଜୀବନ ଆମକୁ

ଏମିତି କାନ୍ଦିବାକୁ ପଡ଼ିବ । ନନା ଭାରି ମନେ ପଡୁଥିଲେ । ତାଙ୍କ କହିଥିବା କଥା ହଠାତ୍ ମନେ ପଡ଼ିଗଲା । ବଡ଼ବୋଉ ସିଏ, ଯିଏ ବୋଉଠାରୁ ବେଶି ଭଲପାଏ । ସେଇ ହିସାବରେ ବଡ଼ନନା ତ ନନାଙ୍କ ଠାରୁ ବେଶି ଭଲପାଇବା କଥା । ତା'ହେଲେ ବଡ଼ନନା ଆମକୁ ଛାଡ଼ିଦେଲେ କାହିଁକି ? ଏତେ ଦିନ ଏଠାରେ ରହିଲୁଣି । ଡାକୁନାହାନ୍ତି କାହିଁକି ?

ଏମିତି ଗୁଡ଼ାଏ ଅସମାହିତ ପ୍ରଶ୍ନ ମୋ ଛୋଟ ମସ୍ତିଷ୍କକୁ ସବୁବେଳେ ଆନ୍ଦୋଳିତ କରୁଥିଲା । ଗୋଟେ ଦିନ ଅନଭ୍ୟସ୍ତ ହାତରେ ବଙ୍କାଟଙ୍କା ଅକ୍ଷରରେ ବଡ଼ନନାଙ୍କୁ ଚିଠିଟିଏ ଲେଖିଲି- "ବଡ଼ନନା, ବୋଉ ଭାରି କାନ୍ଦୁଛି । ମୁଁ ପଢ଼ିବାକୁ ଚାହୁଛି । ଆମକୁ ଏଠାରୁ ନେଇ ଯାଅ ନା ।" ବୋଉକୁ ଲୁଚେଇ ବିନା ଟିକେଟରେ ଚିଠିଟା ଘର ପାଖରେ ଥିବା ଚିଠି ବାକ୍ସରେ ପକାଇ ଦେଲି । ଟିକେଟ ପାଇଁ ମୋ ପାଖରେ ପଇସା ନଥିଲା । ମୋତେ ଜଣା ବି ନଥିଲା ଚିଠିରେ ଟିକେଟ ନ ଲାଗିଲେ ଚିଠି ବେରିଙ୍ଗ୍ ହୋଇଯାଏ । ଏମିତି ବି କାରଣ ଜାଣିଲେ ବୋଉ ପଇସା ଦେଇନଥାନ୍ତା । ସେଇ ଛୋଟ ବୟସରୁ ମୁଁ ଅନ୍ତତଃ ବୁଝିଯାଇଥିଲି ମୋ ବୋଉ କେତେ ସ୍ୱାଭିମାନୀ । ମୋ ଚିଠିର ଉ□ର ତ ଆସିଲାନି, କିନ୍ତୁ ବଡ଼ନନା ନିଜେ ଆସି ପହ□ିଥିଲେ । ସେଦିନ ମୋ ଖୁସିର ଠିକଣା ନଥିଲା । ଦଉଡ଼ି ଯାଇ ବଡ଼ନନାଙ୍କୁ କୁଣ୍ଢେଇ ପକେଇଲି । ବଡ଼ନନା ମୋତେ କୋଳେଇ ନେଲେ । କିଛି ମୁହୂ□ ପାଇଁ ମୋତେ ଲାଗିଲା ମୁଁ ମୋ ନନାଙ୍କ କୋଳରେ ବସିଛି । ତା'ପରେ ଆମେ ବଡ଼ନନାଙ୍କ ସାଙ୍ଗରେ ଭୁବନେଶ୍ୱର ଚାଲି ଆସିଲୁ । ବଡ଼ବୋଉ ସାରା ଘରର ଦାୟିତ୍ୱ ବୋଉକୁ ଦେଇ ଦେଇଥିଲେ କେବଳ ଖର୍ଚ୍ଚ ଓ ହିସାବ ଛଡ଼ା । ବଡ଼ନନା ବଡ଼ ଅଫିସର ଥିଲେ । ଘରେ ପିଅନ, ଚପରାସୀଙ୍କର ଅଭାବ ନଥିଲା । ତଥାପି ମୁଁ ବୁଝି ପାରୁନଥିଲି, ମୋ ବୋଉ କାହିଁକି ସବୁବେଳେ କାମ କରୁଥାଏ ।

ଧୀରେଧୀରେ ମୁଁ ବଡ଼ ହେଉଥିଲି ଆଉ ମୋ ଚିନ୍ତାରେ ବୋଉର ଆଖି ଶୁଖୁନଥିଲା । ଯେଉଁଦିନ କ୍ଲାସରେ ସମସ୍ତଙ୍କଠାରୁ ଅଧିକ ନମ୍ବର ରଖି ରିପୋର୍ଟ କାର୍ଡରେ ବୋଉର ଦସ୍ତଖତ ନିଏ, ସେଇଦିନ ତା' ଆଖିରେ ମୁଁ ଖୁସିର ଝଲକ ଦେଖିବାକୁ ପାଏ । ସେଇଦିନ ସେ ନିଜକୁ ଗୌରବାନ୍ୱିତ ମନେକରେ । ଏବେ ମୁଁ ବୁଝିଯାଇଥିଲି, ବୋଉ ଜୀବନର ସାଦା କ୍ୟାନଭାସରେ ରଙ୍ଗ ଭରିବା ପାଇଁ ମୋତେ କଠିନ ପରିଶ୍ରମ କରିବାକୁ ପଡ଼ିବ ।

ଭଲ ପଢୁଥିଲି । ବଡ଼ନନା ଚାହୁଁଥିଲେ ମୁଁ ମେଡିକାଲ ପଢ଼େ । କାରଣ ସଞ୍ଜୟ ଭାଇନା ଇଞ୍ଜିନିୟରିଂ ପଢ଼ି ଉଚ୍ଚଶିକ୍ଷା ପାଇଁ ବିଦେଶ ଚାଲିଗଲେ, ଆଉ ଶୁଭ୍ରାନାନୀ ପିଜି କଲାପରେ ତାଙ୍କର ବାହାଘର ହୋଇଗଲା । ସେ ବି ବାହାରେ ରହୁଛନ୍ତି । କକାଖୁଡ଼ୀ ରାଉରକେଲାରେ ରହନ୍ତି । ବଡ଼ବୋଉଙ୍କର ଇଚ୍ଛା ଥିଲା ମୋର ବି ବାହାଘର କରିଦେବେ । ପୁଣି ଥରେ ବଡ଼ନନାଙ୍କ ଚେହେରାରେ ନନାଙ୍କ ପ୍ରତିବିମ୍ବ ଦେଖିଲି । ବଡ଼ନନା ଦାମ୍ଭିକ ସ୍ୱରରେ କହିଲେ, "ଦୁଇ ପିଲା ତ ବାହାରକୁ ଚାଲିଗଲେ । ନିତୁ ଅନ୍ତତଃ ପାଖରେ ଥାଉ । ମେଡିକାଲ ପଢ଼ି ଡାକ୍ତର ହେଲେ ତା' ଭରସାରେ ତ ଆମେ ବ□ିପାରିବା ।"

ବୋଉ ଏବେ ଥକି ଯାଉଥିଲା । ବଡ଼ବୋଉଙ୍କର ଦେହ ବି ଭଲ ରହୁ ନଥିଲା । ମେଡିକାଲ ପଢ଼ିବା ସହ ଘରର ଅନେକଟା ବୋଝ ମୋ କାନ୍ଧକୁ ଆସି ଯାଇଥିଲା । ତଥାପି ମୁଁ ହାର୍ ମାନିନଥିଲି । ମେଡିକାଲ ଚାରିବର୍ଷ କେମିତି କଟିଗଲା ବୁଝି ହେଲାନି । ହାଉସ୍ ସର୍ଜନ ହେବାପରେ ପ୍ରଥମ ସ୍କଲାରସିପ୍‌ରେ ବୋଉ ଓ ବଡ଼ବୋଉ ପାଇଁ ଗୋଟିଏ ଗୋଟିଏ ଶାଢ଼ୀ ଆଣିଥିଲି । ସେଦିନ ପ୍ରଥମ ଥର ପାଇଁ ବଡ଼ବୋଉ ମୋ ମୁଣ୍ଡ ଉପରେ ହାତ ରଖି କହିଥିଲେ, "ଖୁସିରେ ରହ ମାଆ, ଜୀବନରେ ଖୁବ୍ ଉନ୍ନତି କର ।" ମୋର ମନେହେଲା ବୋଉର ମୁହଁ ଟିକେ ଉଜ୍ଜ୍ୱଳ ଦିଶୁଛି ।

ଏଇ ଉ□ାନ ପତନ ଭିତରେ ମୋର ମେଡିକାଲ ସରି ସହରର ଏକ ସୁନାମଧନ୍ୟ ପ୍ରାଇଭେଟ୍ ହସ୍ପିଟାଲରେ ନିଯୁକ୍ତି ମିଳିଗଲା । ହସ୍ପିଟାଲ କ୍ୟାମ୍ପସରେ ଘର ମିଳୁଥିଲେ ବି ବଡ଼ନନା, ବଡ଼ବୋଉଙ୍କୁ ଛାଡ଼ିଯିବା ପାଇଁ ମୋର ଅନ୍ତରାତ୍ମା ବାଧା ଦେଲା । ବଡ଼ନନାଙ୍କ ସହଯୋଗ ଆଉ ଉତ୍ସାହ ବିନା ଆଜି ଏଇ ସ୍ଥିତିରେ ପହ□ିବା ମୋ ପାଇଁ ସମ୍ଭବପର ହୋଇନଥାନ୍ତା । କିନ୍ତୁ ବୋଉର ଆରାମ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରି ଦେଇଥିଲି ।

ମେଡିକାଲ ଶେଷ ବର୍ଷ ମୋର ରୁଦ୍ରାକ୍ଷଙ୍କ ସହିତ ଗୋଟେ ସେମିନାରରେ ପରିଚୟ ହୋଇଥିଲା । ପରିଚୟ ଧୀରେଧୀରେ ବନ୍ଧୁତାରେ ପରିଣତ ହେଲା । ତା'ପରେ ବନ୍ଧୁତା କେବେ ଆନ୍ତରିକତାର ରୂପ ନେଲା, ମୁଁ ଜାଣି ପାରିଲିନି । ହୁଏତ ରୁଦ୍ରାକ୍ଷଙ୍କର ଅତୀତ ଆଉ ମୋ ଅତୀତରେ କିଛି ସମାନତା ଥିଲା, ଅଥବା ମୋ ମନରେ ଉଠୁଥିବା ଅବ୍ୟକ୍ତ ପ୍ରଶ୍ନ, ମୋ ଛାତି ଭିତରର ଅକୁହା ଯନ୍ତ୍ରଣା ସେ ବୁଝିଯାଉଥିଲେ । ସେଥିପାଇଁ ଅଜାଣତରେ ମୁଁ ରୁଦ୍ରାକ୍ଷଙ୍କୁ ପସନ୍ଦ କରିବା ଆରମ୍ଭ କରିଥିଲି । ରୁଦ୍ରାକ୍ଷଙ୍କୁ ବୋଉ ବି ପସନ୍ଦ କରିଥିଲା । ରୁଦ୍ରାକ୍ଷଙ୍କ ମାଆଙ୍କର ପୁଅର ପସନ୍ଦରେ ସମ୍ପୂର୍ଣ୍ଣ ଭରସା ଥିଲା । ଆଜି ତାଙ୍କର ପରିବାର ଆମ ଘରକୁ ଆସିଥିଲେ । ରୁଦ୍ରାକ୍ଷଙ୍କ ମାଆ ମୋତେ ମୁଦି ପିନ୍ଧାଇ ଯାଇଛନ୍ତି । ଗୋଟେ ସପ୍ତାହ ପରେ ବାହାଘର ଦିନ ନିର୍ଦ୍ଧାରିତ ହେଲା । ଘରେ ସମସ୍ତେ ଖୁସି ଥିଲେ ।



ଅତୀତର ସ୍ମୃତିସବୁ ମନେପକାଇ ମୁଁ ହୁଏତ କ୍ଳାନ୍ତ ହୋଇ ପଡ଼ିଲି । କେତେବେଳେ ଆଖି ଲାଗିଯାଇଛି ଜାଣିପାରିନି । ସୂର୍ଯ୍ୟ କିରଣ ମୁହଁରେ ପଡ଼ିବାରୁ ଅନୁଭବ କଲି ଗତ ରାତି ଅତୀତର ଦୁଃଖଭରା ସ୍ମୃତିକୁ ସାଉଁଟି ନେଇଛି । ତା'ପରେ ବାହାଘରର ଗହଳଚହଳ ଆରମ୍ଭ ହୋଇଗଲା । କକାଖୁଡ଼ୀ ସପ୍ତାହେ ପୂର୍ବରୁ ପହ□ିଥିଲେ । ଶୁଭ୍ରା ନାନୀ, ଭାଇନାଙ୍କ ସହିତ ଆସିଯାଇଥିଲେ । ସଞ୍ଜୟ ଭାଇନା ଛୁଟି ନମିଳିବାରୁ ବାହାଘରର ଦୁଇ ଦିନ ପୂର୍ବରୁ ପହ□ିବେ । କିନ୍ତୁ ମୁଁ ବୁଝିପାରୁନଥିଲି ବାହାଘରର କିଣାକିଣି, ବିଧିବିଧାନରୁ ବୋଉକୁ କାହିଁକି ଆଡ଼େଇ ଦିଆଯାଏ । କୁହାଯାଏ ଶୁଭକାମରେ ତା'ର କ'ଣ କାମ !

ବୋଉ ମୋର ରୋଷେଇ ସମ୍ଭାଳେ । ଖୁଡ଼ୀ ଆଉ ବଡ଼ବୋଉ ବାହାଘରର ସବୁକାମ ତଦାରଖ କରନ୍ତି । ଏମିତିକି କାହାକୁ ଡକାହେବ, ନହେବ; କେଉଁ ଗହଣା, କେଉଁ ଶାଢ଼ୀ, ଲେହେଙ୍ଗା କିଣାଯିବ ସେ ପସନ୍ଦ ବି ସେମାନେ କରିବେ । ମୋ ଦରମା ବୋଉର ଏକାଉ□ରେ ଜମା କରେ । ବୋଉ ସେଥିରେ କେବଳ ଦସ୍ତଖତ କରେ । ଖର୍ଚ୍ଚ ତ ବଡ଼ବୋଉ ଓ ଖୁଡ଼ୀ କରନ୍ତି ।

ବାହାଘର ଦିନ ବି ଆସିଗଲା । ବୋଉ ସକାଳୁ ଅପେକ୍ଷାକୃତ ବେଶି ବ୍ୟସ୍ତ ଥିଲା । ମୋ ମନ ଅଶାନ୍ତ ଥିଲା । ବୋଉକୁ ଛାଡ଼ି କେମିତି ଯିବି ? କାହା ଭରସାରେ ସେ ବ□ିବ ? ତା'ର ସମସ୍ତ ଚିନ୍ତାଧାରା, ସୁଖଦୁଃଖର କେନ୍ଦ୍ରବିନ୍ଦୁ ମୁଁ । ମୁଁ ହିଁ ତା'ର ଦୁନିଆ । ରୁଦ୍ରାକ୍ଷଙ୍କଠାରୁ ମୁଁ ଅବଶ୍ୟ ସେଇ ଭରସା ପାଇଛି । କିନ୍ତୁ ମୁଁ ଜାଣିଛି ମୋ ବୋଉ ଭୀଷଣ ସ୍ୱାଭିମାନୀ ।

ରୁଦ୍ରାକ୍ଷ ବରବେଶରେ ବରଯାତ୍ରୀଙ୍କ ସହ ପହଁ□ି ଯାଇଥିଲେ । ବଡ଼ବୋଉ ବଡ଼ନନା ମାମୁଘରୁ ଆସିଥିବା ନୂଆ ଲୁଗା ପିନ୍ଧି ସାମନାରେ ଠିଆ ହୋଇଥିଲେ । ମୋତେ ବେଦୀରେ ବସେଇ ଦିଆଯାଇଥିଲା । ମୋ ଅସ୍ଥିର ଆଖି ବୋଉକୁ ଖୋଜୁଥିଲା । ସେପଟେ ଗୋଟେ କୋଣରେ ଠିଆ ହୋଇ ବୋଉ ମୋର ଅସହାୟ ଭାବରେ ଲୁହଭରା ଆଖିରେ ରୁଦ୍ରାକ୍ଷ ଓ ମୁଁ ବସିଥିବା ବେଦୀକୁ ଚାହିଁ ରହିଥିଲା । ମୋର ହଠାତ୍ ମନେ ପଡ଼ିଗଲା ମୁଁ ସ୍କୁଲରେ ପଢୁଥିବା ସମୟରେ କୌଣସି ଗୋଟେ କାରଣରୁ ବୋଉ ମୋତେ କୋଳେଇ ନେଇ ଭାରି ବିକଳ ହୋଇ କାନ୍ଦିଥିଲା । ମୁଁ ପଚାରିବାରୁ ବହୁ କଷ୍ଟରେ କହିଥିଲା – ମାଆରେ, ତୁ ଛୋଟ ପିଲା କ'ଣ ବୁଝିବୁ ! ପଣ୍ଡିତମାନେ କୁହନ୍ତି, ଜୀବନରେ ସବୁଠାରୁ ପୁଣ୍ୟକାମ ହେଲା କନ୍ୟାଦାନ । କିନ୍ତୁ ମୁଁ ଏତେ ହତଭାଗ୍ୟ ଯେ ଝିଅ ଜନ୍ମ କରି ମଧ୍ୟ କନ୍ୟାଦାନ କରିବାର ସୌଭାଗ୍ୟ ମୋର ନାହିଁ ।

ସେତେବେଳେ ମୁଁ ବୁଝି ପାରିନଥିଲି ସ୍ୱାମୀ ବିହୀନ ସ୍ତ୍ରୀ କନ୍ୟାଦାନ କରିବା ପାଇଁ ବି ଯୋଗ୍ୟା ନୁହେଁ । କାରଣ ଯେକୌଣସି ପୂଜାରେ ପତିପତ୍ନୀ ଉଭୟ ସଂକଳ୍ପ କରିବା ନିୟମ ଅଛି । ସେତେବେଳେ ଏସବୁ ବୁଝିବାର ବୟସ ହୁଏତ ମୋର ହୋଇନଥିଲା । ଆଜି କିନ୍ତୁ ସେଦିନ ବୋଉ କହିଥିବା କଥା ମନେ ପଡ଼ିଗଲା । ରୁଦ୍ରାକ୍ଷ ମୋ କଡ଼ରେ ବସିଥିଲେ । ପୁରୋହିତ ମନ୍ତ୍ର ପଢ଼ା ଆରମ୍ଭ କରିଦେଇଥିଲେ । ହାତଗଣ୍ଠି ପଡ଼ିବା ସମୟରେ ବଡ଼ନନା ଆଗେଇ ଆସିଲେ । ବଡ଼ବୋଉ ବି ତାଙ୍କ ପଛରେ ଥିଲେ । ମୁଁ ବୋଉକୁ ଫେରି ଚାହିଁଲି । ସେ ମୁହଁ ସେପଟକୁ କରି ବୋହି ଆସୁଥିବା ଲୁହକୁ ରୋକିବା ପାଇଁ ଅପଚେଷ୍ଟା କରୁଥାଏ ।

ମୋର ସହନଶକ୍ତି ଶେଷ ହୋଇଯାଇଥିଲା । ଯେଉଁ ପରମ୍ପରା ମୋ ବୋଉର ଦୀର୍ଘଦିନର ତପସ୍ୟାକୁ ଖଣ୍ଡିତ କରିଛି, ତାକୁ ମୋତେ ଭାଙ୍ଗିବାକୁ ପଡ଼ିବ । ମୁଁ ହଠାତ୍ ଠିଆ ହୋଇପଡ଼ିଲି । ବଡ଼ନନା ବଡ଼ବୋଉଙ୍କୁ ହାତଯୋଡ଼ି କହିଲି – "ଆପଣ ସବୁବେଳେ ମୋ ପାଖରେ ମୋ ସାହାରା ହୋଇ ଠିଆ ହୋଇଛନ୍ତି । ମୋ ମନୋବଳକୁ ସୁଦୃଢ଼ କରିଛନ୍ତି । ସମସ୍ତ ଇଚ୍ଛା ମୋର ପୂରଣ କରିଛନ୍ତି । ଆଜି ଏଇ ଶେଷ ଇଚ୍ଛା ମୋର ପୂରା କରିଦିଅନ୍ତୁ । ଏଇ କନ୍ୟାଦାନର ସୁଖ ମୋ ବୋଉର ପଣତରେ ଅଜାଡ଼ି ଦିଅନ୍ତୁ ।"

ମୋ କଥାଶୁଣି ସମସ୍ତେ ସ୍ତବ୍ଧ ହୋଇଗଲେ । ଏଇଟା କେମିତି ସମ୍ଭବ ହୋଇପାରେ ! ପୁରୋହିତ କହିଲେ – "ଏମିତି ଧର୍ମ ବିରୋଧ କଥା ଭାବିବା ବି ଉଚିତ୍ ନୁହେଁ । ଜଣେ ବିଧବା ଏ ଶୁଭକାମ କରିପାରିବନି ।"

"କିନ୍ତୁ କାହିଁକି ? ବୋଉ ମୋତେ ଜନ୍ମ ଦେଇପାରିଲା । ସମସ୍ତ କଷ୍ଟ ସହି ମୋର ଯତ୍ନ ନେଲା, ସ୍ୱାମୀଙ୍କ ଅନୁପସ୍ଥିତିରେ ପିତାଙ୍କ କ□ବ୍ୟ ପାଳନ କରିପାରିଲା, ସାରା ଜୀବନ ସଂଘର୍ଷ କରିପାରିଲା । ତା'ହେଲେ ନିଜ ଝିଅର କନ୍ୟାଦାନ କରିବାରେ ଅସୁବିଧା କ'ଣ ? କେବଳ ଏଇଥିପାଇଁ ଯେ ତା' ସୁନ୍ଥାରେ ସିନ୍ଦୂର ନାହିଁ ! ସ୍ୱାମୀ ଜୀବିତ ନାହାନ୍ତି ! ଏଇଟା କଣ ନ୍ୟାୟ ?"

"ନିତୁ , ଚୁପ୍ ରହରେ ମାଆ । କାହିଁକି ଶୁଭକାମରେ ବାଧା ସୃଷ୍ଟି କରୁଛୁ ?" – ଶୋକାତୁର କଣ୍ଠରେ ବୋଉ କହିଲା ।

"ଅଶୁଭ ତ ସେତେବେଳେ ହେବ, ବୋଉ ଯେତେବେଳେ ତୋ ଅନ୍ତର ଦୁଃଖରେ ଭରିଯିବ । ସେଥିପାଇଁ ତୁ ଯଦି କନ୍ୟାଦାନ ନ କରିବୁ, ମୁଁ ବେଦୀରେ ବସିବିନି ।"

ରୁଦ୍ରାକ୍ଷ ବି ଠିଆ ହୋଇଗଲେ । ମୋ କାନ୍ଧରେ ତାଙ୍କର ସ୍ପର୍ଶ ପାଇଁ ମୋର ଆତ୍ମବିଶ୍ୱାସ ବଢ଼ି ଯାଇଥିଲା । ମୋର ସର୍ବାଙ୍ଗ ଶରୀର ଥରୁଥିଲା । ବଡ଼ନନା ବଡ଼ବୋଉ ଉଭୟ ସ୍ତବ୍ଧ ହୋଇ ଠିଆ ହୋଇଥିଲେ । ଏଇ ନିସ୍ତବ୍ଧତା ଭିତରେ କେବଳ ରହିରହି ବୋଉର କାନ୍ଦ ଶୁଭୁଥିଲା । ବଡ଼ବୋଉ ହଠାତ୍ ଆଗକୁ ଆସି ବୋଉକୁ କୁଣ୍ଢେଇ ପକେଇଲେ । ତା'ପରେ ବୋଉର ହାତଧରି କହିଲେ – "ତୁ ବି ଶୁଭ, ତୋର ଏ ଦୁଇହାତ ବି ଶୁଭ । ନିତୁର କନ୍ୟାଦାନର ଅଧିକାର କେବଳ ତୋର । ତୁ ହିଁ ତୋ ଝିଅର କନ୍ୟାଦାନ କରିବୁ ।"

ବୋଉର ହାତ ଉପରେ ମୋର ଓ ରୁଦ୍ରାକ୍ଷଙ୍କ ହାତ ରଖିଦେଲେ ବଡ଼ବୋଉ । ବୋଉ ଆଖିରୁ ଝରିପଡୁଥିବା ବୁନ୍ଦାବୁନ୍ଦା ଲୁହ ତା'ର ଆଶୀର୍ବାଦ ସ୍ୱରୂପ ମୋର ଆଉ ରୁଦ୍ରାକ୍ଷଙ୍କ ଯୋଡ଼ି ହୋଇଥିବା ହାତରେ ପଡୁଥିଲା ।

* * * * * * * *

ହଠାତ୍ ରୁଦ୍ରାକ୍ଷଙ୍କ ସ୍ପର୍ଶରେ ମୋ ସ୍ୱପ୍ନ ଭାଙ୍ଗିଲା । ବୋଉ କାହିଁ ! ସେ ତ ସ୍ୱାତୀର ଜନ୍ମ ପରେପରେ ନିଶ୍ଚିନ୍ତ ହୋଇ ଚାଲିଯାଇଛି, ଯେମିତି ତା'ର ସବୁ କାମ ସରିଗଲା । ସେତିକିବେଳୁ ଆଖି ମୋର ଅବିଶ୍ରାନ୍ତ ବର୍ଷି ଚାଲିଥିଲା । ଲୁହ ପୋଛି ଫେରି ଚାହିଁଲି । ରୁଦ୍ରାକ୍ଷ କହୁଥିଲେ – "ଆମେ ଏୟାରପୋର୍ଟ ଯିବାନି କି ? ସ୍ୱାତୀ ଆସିବା ସମୟ ହୋଇଗଲାଣି ପରା ।

**୧୬୪-ନର୍ଦ୍ଦନ ହାଇଟ୍**
**ନନ୍ଦନବିହାର, ଭୁବନେଶ୍ୱର-୭୫୧୦୨୪**

❑❑❑

**ବିଜୟିନୀ ତ୍ରିପାଠୀ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୭୪ରେ ରାଜନୀତି ବିଜ୍ଞାନରେ ସ୍ନାତକୋ□ର କରିବା ପରେ ଅନେକ ବର୍ଷ ଓଡ଼ିଶା ବାହାରେ ଥିଲେ । ଯଦିଓ ପରିବାର ତାଙ୍କ ପାଇଁ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଥିଲା, ତଥାପି ଲେଖାଲେଖିରେ ତାଙ୍କର ବିଶେଷ ରୁଚି ଥିଲା । କୌଣସି ଘଟଣା ମନକୁ ଛୁଇଁଲେ ସେ ଲେଖି ବସନ୍ତି । ବିଭିନ୍ନ ପତ୍ରପତ୍ରିକାକୁ ପଠାନ୍ତି । ଓଡ଼ିଶାକୁ ଫେରିବା ପରେ ତାଙ୍କର ଦୁଇଟି ଗଳ୍ପ ସଂକଳନ ପ୍ରକାଶ ପାଇଛି । ଏବେ ସେ ନର୍ଦ୍ଦର୍ଣ୍ଣ ହାଇଟ, ପଟିଆ, ଭୁବନେଶ୍ୱରରେ ରହୁଛନ୍ତି । ତାଙ୍କର ଯୋଗାଯୋଗ ନମ୍ବର--୯୦୪୦୮୫୨୬୪୪**

# ଆହତ କୃଷ୍ଣଚୂଡ଼ା

ଶୈଳେନ୍ଦ୍ର କୁମାର ଜେନା



ମୁଁ ଥରେ ଦେଖିଥିବା ସ୍ୱପ୍ନଟି ମୋତେ ଆଉ ଶୁଏଇ ଦେଲାନି । ଯେମିତି ମୁଁ ଆଉ ସଂଜୀବନୀ ହାତ ଧରାଧରି ହେଇ ଗୋଟେ ଲମ୍ବାରାସ୍ତାରେ ଚାଲି ଚାଲି ଯାଉଛୁ । ରାସ୍ତାର ଦୁଇ ପାଖରେ ଧାଡ଼ି ଧାଡ଼ି କୃଷ୍ଣଚୂଡ଼ା ଗଛ, ଲାଲ୍ ଓ ନାରଙ୍ଗୀ ଫୁଲରେ ଲଦି ହେଇଥିବା ଗଛ । କିନ୍ତୁ ସେମିତି ହୁଏନି । ତା' ସହିତ ଭେଟ ହେଲେ ସେ ମତେ ଚାହିଁ ହସେନି ବି । ମୁଁ ହସି ଦେଲେ ସେ ଗମ୍ଭୀର ହେଇଯାଏ । କେବେ ଯଦି ସେ ତା' ସାଙ୍ଗମାନଙ୍କ ସହିତ ହସିହସି କଥା ହେଉଥାଏ, ମୁଁ ତାକୁ ଦେଖିବା କ୍ଷଣି ସେ ଚୁପ୍ ହେଇଯାଏ ।

ମୁଁ ଭାବିଥିଲି ସ୍ୱପ୍ନଟା କେବଳ ସ୍ୱପ୍ନ, ତାହା ସତ ହବାର କୌଣସି ଗ୍ୟାରେଣ୍ଟି ନାହିଁ । ମୋର ସବୁ ବିଶ୍ୱାସକୁ ଭୁଲ ପ୍ରମାଣିତ କରି ଅକସ୍ମାତ ଦିନେ ସେ ଆସି ପାଖ ବେଂଚରେ ବସିପଡ଼ି ମୋର ବିନା ଅନୁମତିରେ ବହି ଖାତା ସବୁ ଆଡ଼େଇ ଚାଲିଲା ଏବଂ ଗଣିତ ଖାତାଟିକୁ ଧରି କହିଲା, "କାଲି ବଙ୍ଗଳାକୁ ଆସି ନେଇଯିବୁ ।" ଆଗରୁ ମୋର କେହି ଶତ୍ରୁ ନଥିଲେ । ସେଦିନ ସେଇଠି ଶତ୍ରୁ ଜନ୍ମ ନେଲେ ଏବଂ ବିନା ଯୁଦ୍ଧରେ ମୁଁ ଶତ୍ରୁ ଜୟ ବି କରିଗଲି । ସଂଜୀବନୀ ପରି ଝିଅଟିଏ ଆସି ଗୋଟେ ପୁଅ ପାଖରେ ବେଂଚରେ ବସି ତା' ଖାତା ନେଇଯିବା କଥାଟି ଅନେକଙ୍କର ବଦହଜମି କରିଦେଲା ।

ପରଦିନ ମୁଁ ଯାଇଥିଲି ତା' ବଙ୍ଗଳାକୁ । ଗେଟ୍ ପାଖରେ ଦରୁଆନ ମତେ ନାଲି ଆଖି ଦେଖେଇଲା । କହିଲା, "ଯା... ପଳା ଏଠୁ ।" ମୁଁ ବାପାଙ୍କ ପରିଚୟ ଦେଲି । ତଥାପି ସେ ଛାଡ଼ିଲାନି । ମୋର ବୁଝିବାକୁ ବାକି ନଥିଲା, ସଂଜୀବନୀର ବାପା ଆଉ ମୋ ବାପାଙ୍କ ଭିତରେ ଥିଲା ଆକାଶ ପାତାଳ ଫରକ । ଅପମାନ ବୋଧ କରିବା ବି ମୋ ପାଇଁ ଉଚିତ ନଥିଲା । ନୂଆ ନୂଆ ଜନ୍ମ ହେଇଥିବା ମୋର ଶତ୍ରୁମାନେ ମୋତେ ତାଚ୍ଛଲ୍ୟ କରିବାକୁ ଲାଗିଲେ । ମୁଁ ଭାବିଲି, ଆଉ କେବେ ବି ତା' ଘରକୁ ଯିବିନି କି ତା' ସହିତ କଥା ହେବିନି ।

"ତୁ କାହିଁକି କାଲି ଆସିଲୁନି ?" – ତା' କଥାରେ ମୋ ଅଭିମାନ ଲିଭିଗଲା । ମୁଁ କହିଲି, "ଆସିଥିଲି, ହେଲେ ଦରୁଆନ ତ ମତେ ଛାଡ଼ିଲାନି କି ଭିତରକୁ ଖବର ଦେଲାନି ।" ସେ କହିଲା, "ଆଚ୍ଛା !" ଅଥଚ ସେ ମୋ ଗଣିତ ଖାତା ଫେରେଇଲାନି । ମୋର ସେଇଟା ଦରକାର ଥିଲା, ହେଲେ ମୁଁ ତାକୁ ମାଗି ପାରିଲିନି । ମୁଁ ଚାହୁଁଥିଲି, ମୁଁ ନହେଲେ ନାହିଁ, ମୋ ଖାତାଟି ତା' ପାଖରେ ଥାଉ । ସ୍କୁଲ ଛୁଟି ବେଳେ ସେ ମୋ ପାଖକୁ ଆସି କାନ ପାଖରେ କହିଲା, "ଆଜି ଆସିବୁ ।" ମୁଁ ପୁଣି ତା' ଘର ପାଖରେ ପହଂଚିଗଲି । ଦରୁଆନ ମତେ ବଡ଼ବଡ଼ ଆଖିରେ ଚାହିଁଲା । ମୋର ନଜର ପଡ଼ିଲା,

ପାଚେରୀର ଗୋଟେ କୋଣରେ ସଂଜୀବନୀ ମତେ ଅପେକ୍ଷା କରି ରହିଛି । ତା' ପରଠାରୁ ତା' ସହିତ ମୋର ସେଇଠି ଭେଟ ହୁଏ । କାନ୍ଥ ଆର ପାଖରେ ସଂଜୀବନୀ । ମୋ ହାତରୁ ଗଣିତ ଖାତାଟି ଚଟାପଟ୍ ସଂଗ୍ରହ କରିନିଏ । ମୋର ଗଣିତ ଖାତା ତା' ପାଇଁ ମୂଲ୍ୟବାନ ପାଲଟି ଯାଇଥିଲା । ସେ ସେଥିପାଇଁ କୃତଜ୍ଞ ହବା କଥା, କିନ୍ତୁ ଯେତେ ଜଲଦି ସମ୍ଭବ ଜାଗା ଛାଡ଼ି ଚାଲିଯିବାକୁ ଆଦେଶ ଦିଏ ।

ଯେଉଁମାନେ ମୋର ବନ୍ଧୁ ଥିଲେ, ସେଇମାନେ ବି ଥିଲେ ଶତ୍ରୁ । ବନ୍ଧୁ ଆଉ ଶତ୍ରୁ ହବାଟା କେବଳ ଘଟଣା ଉପରେ ନିର୍ଭର କରୁଥିଲା । ପୁରୁଣା ପାଣି କଲୋନୀରେ ମୋର ସାଙ୍ଗମାନେ, ସଂଗ୍ରାମ, ଅଭିଜିତ, ମିଟୁ । ସଂଗ୍ରାମ ଥିଲା କ୍ୟାପଟେନ । ତା' ନେତୃତ୍ୱରେ ଆମେ ଅନେକ ଦୁଃସାହସିକ ଅଭିଯାନ କରିଛୁ । ଗୁଡ଼ାଏ ନଶିଖିବା କଥା ସିଏ ହିଁ ଆମ ସମସ୍ତଙ୍କୁ ଶିଖେଇଥିଲା । ସେ ଆମର ଗୁରୁ । ସଂଜୀବନୀକୁ ନେଇ ସେ କେତେବେଳେ ମୋତେ ତା'ର ଶତ୍ରୁ ବୋଲି ଘୋଷଣା କରିଦେଇଥିଲା, ମୁଁ ଜାଣି ପାରିନଥିଲି ।

ସଂଗ୍ରାମ ସହିତ ସାଇକେଲ ରେସ୍ କରି ନେହରୁ ବଙ୍ଗଳା ଗଡ଼ାଣିରେ ଦିନେ ମୋର ସାଇକେଲ ଦୁର୍ଘଟଣା ହେଇଗଲା । ଆଣ୍ଠୁ ଖଣ୍ଡିଆ ହେଇଗଲା, ଗୋଡ଼ର ଗୋଟେ ଆଙ୍ଗୁଳିରୁ ନଖ ବାହାରି ଗଲା । ପାପୁଲି ଛିଡ଼ିଗଲା । ଗାଲରୁ ଫାଳେ ଆଂପୁଡ଼ି ହେଇ ବହୁତ କଷ୍ଟ ହେଲା । ମୋର ସାଙ୍ଗମାନେ ଏ ଅବସ୍ଥା ଦେଖି ମତେ ଉଦ୍ଧାର କରିବା ବଦଳରେ ଜାଗା ଛାଡ଼ି ଚାଲିଗଲେ । ଘରକୁ ଫେରିବା ପରେ ଭଲ ରକମର ଗାଳି ପଡ଼ିଲା । ସଂଗ୍ରାମ, ମିଟୁ ଗୁଡ଼ାକ ଦଣ୍ଡାବାଲୁଙ୍ଗା । ସେମାନଙ୍କ ସହିତ ନମିଶିବା ପାଇଁ ବାପା ବୋଉ ଆଉ ନାନୀ ବାରବାର ତାଗିଦ କରିଥିଲେ । ଏମିତିକି ସଂଗ୍ରାମ ଝିଅମାନଙ୍କୁ ଦେଖିଲେ ଷ୍ଟଣ୍ଟ ମାରେ । ନାନୀକୁ ଥରେ ହୁଇସିଲ ମାରିଦେଇ ବୁଦା ମୂଳରେ ଲୁଚି ଯାଇଥିଲା ବି । ସଂଗ୍ରାମ ସହିତ ମୋର ସେହି ଯୁଦ୍ଧରେ ମୁଁ ହାରିଯାଇଥିବା ତାକୁ ଯେତିକି ଖୁସି ଦେଇଥିଲା, ପରେ ସେତିକି ବ୍ୟଥା ବି ଦେଲା । ମୋର ତ ଲାଭ ହିଁ ଲାଭ ।

ସେଦିନ ମୁଁ ଯେତେବେଳେ ସାଇକେଲରୁ ଛିଟିକି ପାଖାପାଖି ଘୋଷାରି ହେଇ ଦଶ ଫୁଟ ଦୂରରେ ପଡ଼ିଲି ଓ ମୋର ସାଙ୍ଗମାନେ ମତେ ଛାଡ଼ି ପଳେଇଲେ, ଠିକ ସେତିକିବେଳେ ମୋ ପାଖରେ ଅଟକିଲା ଗୋଟେ କାର୍ । କାର୍‌ରୁ ସଂଜୀବନୀର ବାପା ବାହାରି ଆସିବା ଦେଖି ମୋ ପାଟିରୁ ବାହାରି ପଡ଼ିଲା, "ମରିଗଲି !" ମୋ ବାପା ତାଙ୍କ ଅଫିସରେ ଷ୍ଟେନୋ । ମୁଁ ସାଇକେଲରୁ ପଡ଼ି ଖଣ୍ଡିଆ ହେଇଥିବା କଥା ସେ ଯଦି ବାପାଙ୍କୁ କହିଦେବେ, ତାହେଲେ ମୋ ପାଇଁ ବହେ ମାଡ଼ ଥୁଆ । ମୁଁ ବଡ଼ପିଲା ହେଇଗଲିଣି, ମୋ ସାଙ୍ଗମାନେ ବି ମୋ ସହିତ ବଡ଼ପିଲା ହେଇଗଲେଣି । ସେମାନଙ୍କୁ ଘରେ କେହି ଆକଟ କରୁନଥିବା ବେଳେ ମୋ ଉପରେ ଘରେ ଛୋଟ ଛୋଟ କଥାରେ ଗାଳି ପଡୁଥିଲା ଆଉ ବେଳେବେଳେ ମାଡ଼ ବି । ଖଣ୍ଡିଆ ହେଇଯାଇଥିବାରୁ ଯେତିକି କଷ୍ଟ ଭୋଗୁଥିଲି, ଘରକୁ ଗଲେ କଣ ହବ ବୋଲି ଭାବି ଆହୁରି କଷ୍ଟ ଭୋଗିଲି ।

ସଂଜୀବନୀର ବାପା ମୋତେ ତାଙ୍କ ବଙ୍ଗଳାକୁ ନେଇଗଲେ । ସିକ୍ୟୁରିଟି ଗାର୍ଡ ମୋ ଭଙ୍ଗାସାଇକେଲକୁ କାନ୍ଧେଇ ଜୀବନ ଭାଇ ସାଇକେଲ ଦୋକାନରେ ପହଂଚେଇ ଦେଲା । ତା ଘର ଆମ ଘର ପରି କବାଡ଼ିଖାନା ନୁହେଁ । ଗେଟ୍ ଡେଇଁ ମୁଁ ସେଠି ପହଂଚିପାରିଛି ବୋଲି ବିଶ୍ୱାସ ବି କରି ପାରୁନଥାଏ । କଟା ଘାଆରେ ଚୂନ ବୋଳିବା ପରି ସଂଜିବନୀ କହିଲା, "ଇଏ ସେ ବଦମାସ ସଂଗ୍ରାମ ସାଙ୍ଗରେ ପଡ଼ି ଷ୍ଟଣ୍ଟ ମାରୁଛି । ଭଲ ହେଇଚି, ପଡ଼ିକି ଖଣ୍ଡିଆ ହେଇଛି ।" ତା' ମାମା ତାକୁ ଗାଳି ଦେଲେ, ମୋ ଅବସ୍ଥା ଦେଖି ବିବ୍ରତ ହେଇପଡ଼ିଲେ, "ଛି... ସେମିତି କ'ଣ କହୁଛୁ ?"

କିଛି ସମୟ ଭିତରେ ଡାକ୍ତର ଆସିଲେ । ଜୀବନ ଭାଇଙ୍କ ବାପା ତାଙ୍କ ଘରେ ରୋଷେଇଆ । ସେ ପାଣି ଗରମ କରି ଆଣିଲେ । ଡେଟଲ ପାଣିରେ ମୋ ଘାଆ ଧୂଆ ହେଲା । ତା' ଉପରେ ଅଏଣ୍ଟମେଣ୍ଟ ବୋଳାହେଇ ବ୍ୟାଣ୍ଡେଜ କରାହେଲା । ମୋ ପାଇଁ ଗରମ କ୍ଷୀରରେ ହଳଦୀ ଗୋଳିଆ ହେଇ ଅଣାହେଲା ।

ମୁଁ ହାରିକରି ଜିତି ଯାଇଥିଲି, ସଂଗ୍ରାମ ଜିତିକରି ହାରି ଯାଇଥିଲା । ଖେଳଟା ଏମିତି ଓଲଟି ଯିବ ବୋଲି ସେ ବି କଳ୍ପନା କରିନଥିଲା । ମତେ ଭୁଲ ମାଗିଥିଲା ସତ, ସେଇଟା ଛଳନା ଥିଲା ବୋଲି ମୁଁ ଭଲ ଭାବରେ ଜାଣିଥିଲି । ସଂଜୀବନୀ ଘରେ କ'ଣ କ'ଣ ଘଟିଲା ବୋଲି ମୋ ସାଙ୍ଗମାନେ ଉତ୍ସୁକତାର ସହିତ ପଚାରିଲେ । ମତେ ଯେଉଁ ଜ୍ୱାଇଁପୁଅ କୁଣିଆଚର୍ଚ୍ଚା ମିଳିଥିଲା, ସେଇଟାକୁ ନକହି ରହି ପାରିଲିନି । ବିଚରା ସଂଗ୍ରାମ ! ତା' ମୁହଁଟାକୁ ଦେଖିବାର ଥିଲା ।

ଗଣିତ ସାରଙ୍କଠାରୁ ସଂଜୀବନୀକୁ ମାଡ଼ ପଡିଲା । ସମସ୍ତଙ୍କ ହାତରେ ଦି' ଦି' ପାହାର, ଆଉ ତା' ହାତରେ ତିନି । ଜିଏମ୍‌ଙ୍କ ଝିଅ ବୋଲି ତା' ହାତରେ ଗୋଟେ ବୋନସ୍ । ଆମ ଗଣିତ ସାର ଗଣିତର ଉପପାଦ୍ୟ ପରି ପ୍ରମାଣିତ କରିବାକୁ ଚାହୁଁଥିଲେ ଯେ ସେ ଜିଏମ୍ ଫିଏମ୍ କାହାକୁ ପଚାରନ୍ତିନି ବୋଲି । ମୋ ହାତରେ ବ୍ୟାଣ୍ଡେଜ ଥିଲା ବୋଲି ମତେ ମାଡ଼ ପଡ଼ିଲାନି, କିନ୍ତୁ କଷ୍ଟ ହେଇଥିଲା । ସଂଜୀବନୀ ହାତରେ ମାଡ଼ ବସିବା ବେଳେ ମୁଁ ତା' ମୁହଁକୁ ଲକ୍ଷ୍ୟ କରିଥିଲି । ବିଚାରୀ ମୋ ଯୋଗୁ ମାଡ଼ ଖାଇଲା । ମୋର ଦୁର୍ଘଟଣା ଯୋଗୁ ମୁଁ ସଂଜୀବନୀକୁ ଗଣିତ ଖାତା ଦେଇ ପାରିନଥିଲି, ତେଣୁ ସେ ହୋମଓ୍ୱାର୍କ କରିପାରିନଥିଲା । ସାର୍‌ଙ୍କ ବିରୁଦ୍ଧରେ ମନେ ମନେ ବିଦ୍ରୋହ କରୁଥିଲି ।

ଗଣିତରେ ସଂଜୀବନୀ ଦୁର୍ବଳ । ଯେନତେନ ପ୍ରକାରେଣ ପାସମାର୍କଠାରୁ ପାଂଚ ଦଶ ମାର୍କ ଅଧିକ ରଖି ସେ ପାସ୍ କରିଯାଏ । ସଂଗ୍ରାମ କହିଲା, "ଜିଏମ୍‌ଙ୍କ ଝିଅ ବୋଲି ତାକୁ ପାସ କରେଇ ଦିଆଯାଏ ।" ମୁଁ ପ୍ରତିବାଦ କଲି, "ଜିଏମ୍‌ଙ୍କ ଝିଅ କଣ ଗଭର୍ଣ୍ଣର ! ଦେଖିଲନି, ମହାନ୍ତି ସାର୍ କେମିତି ସମସ୍ତଙ୍କୁ ଦୁଇ ବାଡ଼ି ଦେଲେ, ହେଲେ ତା' ହାତରେ ତିନି ବାଡ଼ି ।" ମୋ କଥା ଶୁଣି ସମସ୍ତେ ଚୁପ୍ ହେଇଗଲେ । ତା'ପରେ ଏକା ସାଙ୍ଗରେ ହୋହୋ ହେଇ ହସିଲେ ।

ତା' ବିଷୟରେ ଏମିତି ନକହିବା କଥା କହିଥିଲି ବୋଲି ସଂଜୀବନୀ ଜାଣି ପାରିଲା ନୁହେଁ, ତାକୁ ଜଣେଇ ଦିଆଗଲା । କଥାଟିକୁ ଅଲଗା ରଙ୍ଗ ଦେଇ ସଂଗ୍ରାମ ତା' କାନରେ ପହଂଚେଇ ଦେଇ ଆସିଲା । ମୁଁ ତ ଡରି ଯାଇଥିଲି । ରିସେସ ବେଳେ ଲନ୍‌ରେ ତାକୁ ଭେଟି ଦୁଃଖ ପ୍ରକାଶ କରିବାକୁ ଯାଇଥିଲି । ଗମ୍ଭୀର ଭାବରେ ସେ ମତେ ମୋର ମୁରବୀ ପରି କହିଲା, "ଏତେ କଥା ଘଟିଯିବା ପରେ ସେ ବଦମାସ ସାଙ୍ଗରେ ସାଙ୍ଗ ହବା ଛାଡ଼ିଲୁନି ନା ! ରହ, ତୋ ନାନୀକୁ କହୁଛି ।" "ମତେ ମାରିବୁ ତ ମାର୍ । ସେ ଚଣ୍ଡୀକୁ କିଛି କହିବୁନି, ପ୍ଲିଜ୍ ।" ମୁଁ କାନ ଧରିଲି, ଆଉ ସେ ହସି ପକେଇଲା ।

ସଂଗ୍ରାମ ଉପରକୁ ଅନେଇ ହିସାବ କରି ଭବିଷ୍ୟତବାଣୀ କଲା, "ଆଜି ସଂଜୀବନୀ ସ୍କୁଲକୁ ଆସିବନି ।" ମୁଁ ପଚାରିଲି, "ତୁ କେମିତି ଜାଣିଲୁ ସିଏ ଆସିବନି ବୋଲି ?" ମତେ ବିଦ୍ରୁପ କରି ସଂଗ୍ରାମ କହିଲା, "ତୁ ଟା ତୁଚ୍ଛା ଅନାଡ଼ି, ତା' ଘରକୁ ନିର୍ଲ୍ଲଜ ପରି ଯାଉଛୁ, ହେଲେ କିଛି ଜାଣି ପାରୁନୁ ।" ମୁଁ ଦୃଢ଼ ଭାବରେ କହିଲି, "ସେ ଆଜି ଗଣିତ ହୋମୱାର୍କ କରିଛି, ତା' ପାଇଁ ଡରିବାର କିଛି ନାହିଁ, ନିଶ୍ଚୟ ଆସିବ ।" ସଂଗ୍ରାମ ଡାଇଲଗ ମାରିଲା, "ତୁ ସେ ଗଣିତ ଖାତା ଧରିକି ବସିଥା, ତୋ ମୁଣ୍ଡ କେବଳ ସେତିକି ପାଇଁ ତିଆରି ।"

ପୁଣି ମୁଁ ହାରିଗଲି । ଦଶ ଟଙ୍କାର ବାଜି । ସଂଜୀବନୀ ଆସିଲାନି । ମତେ ସେଦିନ ସ୍କୁଲରେ କିଛି ଭଲ ଲାଗିଲାନି । ଠିକ୍ ଚାରିଟା ବେଳକୁ ମୁଁ ସିଧାସିଧା ଯାଇ ପହଂଚିଲି ତାଙ୍କ ଘରେ । କାହିଁକି ସ୍କୁଲ ଆସିଲାନି ବୋଲି ତା'ର ମୁରବୀ ପରି ପଚାରିଲି । ସେ କହିଲା ପେଟ କାଟୁଥିଲା ବୋଲି । "ପେଟ କାହିଁକି କାଟୁଛି ?" ମୁଁ ପଚାରିଲି । "କଣ ଗୁଡ଼ାଏ ଗୋଲଗପା ଖାଇ ଦେଇଛୁ କି ?" ମୋ କଥା ଶୁଣି ସେ ହସିଥିଲା, ଆଉ ତା'ପରେ ମୁହଁ ଶୁଖେଇ କହିଲା, "ତୁ ବୁଝି ପାରିବୁନି ।"

ଏଥର ଲୁଚିଛପି ଗଣିତ ଖାତା ଦବା ଦରକାର ନଥିଲା ମୋ ପାଇଁ । ବରଂ ମୁଁ ତାକୁ ଗଣିତ ବୁଝେଇ ଦିଏ । ତା' ଖାତାରେ ଫର୍ମୁଲାଗୁଡ଼ାକ ଲେଖିଦିଏ । ଗଣିତକୁ ନଡରିବା ପାଇଁ ବୁଝାଏ । ତା' ମାମା ବହୁତ ଖୁସି ହୁଅନ୍ତି । ପାରିଶ୍ରମିକ ବାବଦକୁ ମୋ ପାଇଁ ଭଳିକି ଭଳି ଜଳଖିଆ କରି ଆଣନ୍ତି । ମୋର ସାଙ୍ଗମାନେ ଏସବୁ ପାଇଁ ବହୁତ ଦୁଃଖ ଯନ୍ତ୍ରଣା ଭୋଗ କରନ୍ତି, ଆଉ ଭଳିକି ଭଳି ଉପାୟ ପାଂଚି ମତେ ହଇରାଣ କରିବାକୁ ଚେଷ୍ଟା କରନ୍ତି । ସେମାନଙ୍କ ସଙ୍ଗ ଛାଡ଼ି ନପାରି ମୁଁ ଘରୁ ଗାଳିମନ୍ଦ ବି ଖାଏ ।

ମୋର ମାର୍ଗଦର୍ଶନରେ ସଂଜୀବନୀ ଗଣିତରେ ସୁଧୁରି ଆସିଲା । କିନ୍ତୁ ସଂଗ୍ରାମ ଗୋଟେ ଅପପ୍ରଚାର କଲା । ତା' ଥିଲା ମତେ କୁଆଡ଼େ ଗଣିତ ପ୍ରଶ୍ନଗୁଡ଼ାକ ପରୀକ୍ଷା ପୂର୍ବରୁ ଗଣିତ ସାର ଦେଇ ଦଉଥିଲେ । ଆଉ ମୁଁ ସଂଜୀବନୀକୁ ସେସବୁ ଦେଇ ଦଉଥିଲି । ସଂଗ୍ରାମ ସାଇକେଲରେ ଷ୍ଟ□ ମାରିବାରେ ମୋଠାରୁ ଜିତି ପାରେ, ହେଲେ ପାଠରେ ନୁହେଁ । ବିନା ଟିଉସନରେ ଛଅ ଛଅଟା ସେକ୍ସନରେ ମୁଁ ଫାଷ୍ଟ ହଉଥିଲି ।

ସଂଜୀବନୀର ବନ୍ଧୁତ୍ୱ ପାଇବାରେ ବି ସଂଗ୍ରାମ ମୋ ପଛରେ । ପଛରେ କ'ଣ, ସଂଜୀବନୀ ତାକୁ ଆଡ଼ଆଖିରେ ବି ଚାହେଁନି । ପ୍ରତିଶୋଧ ପରାୟଣ ସଂଗ୍ରାମ କିଛି ବି କରି ଦେଇପାରିଥାନ୍ତା । ହେଲେ ମୁଁ ତାକୁ କେତେଥର ଚେତେଇ ଦେଇଥିଲି ଯେ ସଂଜୀବନୀର ବାପା ଜିଏମ୍ । ତାଙ୍କ କଲମ ଗାରରେ ସଂଗ୍ରାମର ବାପା, ମୋ ବାପାଙ୍କ ସହିତ ପାଖାପାଖି ତିନି ହଜାର ଲୋକ ଦରମା ପାଉଥିଲେ ।

ଶିକ୍ଷକମାନେ ମତେ ମେଧାବୀ ଛାତ୍ର ବୋଲି ଭଲ ପାଉଥିଲେ, ସଂଗ୍ରାମକୁ ନୁହେଁ । ସଂଗ୍ରାମ ସେ ତାଲିକା ବାହାରେ ଥିଲା । ସଂଜୀବନୀ ସମେତ ଅନ୍ୟ ସମସ୍ତଙ୍କର ମୋ ଉପରେ ବିଶ୍ୱାସ ଥିଲା, ମୁଁ କେବେ କୌଣସି ଭୁଲ କାମ କରିବିନି ବୋଲି । ଝିଅମାନଙ୍କ ଟଏଲେଟ ଭିତରେ ଗୁଡ଼ାଏ ଖରାପ କଥା ତା' ବିଷୟରେ ଲେଖା ହେଇଥିଲା ବୋଲି ମୁଁ ସଂଜୀବନୀଠୁ ହିଁ ଶୁଣିଥିଲି । ସଂଗ୍ରାମ ମତେ ତା' ବିଷୟରେ ଯାହାଯାହା ଖରାପ କଥା କୁହେ, ମୁଁ କେବେହେଲେ ବି କାହା ଆଗରେ ସେସବୁ ତୁଣ୍ଡରେ ଧରିନି ।

ପୁରୁଣାପାଣିରେ ଆମର ପରିବାରଟି ଛୋଟ ଥିଲା । ବାପା ଯେତିକି ଦରମା ପାଉଥିଲେ, ସେତିକି ହୁଏତ ଆମ ସମସ୍ତଙ୍କ ପାଇଁ ଯଥେଷ୍ଟ ହେଇ ଯାଉଥାଆନ୍ତା । କିନ୍ତୁ, ଗାଆଁରେ ବିରାଟ ଯୌଥ ପରିବାର । ବାପା ସମସ୍ତଙ୍କ କଥା ବୁଝନ୍ତି । ଦାଦା ବଡ଼ବାପାଙ୍କ ପୁଅ ଝିଅମାନେ ଗାଆଁରେ ରୁହନ୍ତି । ମୋ ପରି ସେମାନେ ସ୍କେଟସ୍, ସକ୍ସ, ୟୁନିଫର୍ମ ପିନ୍ଧି, ବେକରେ ପାଣି ବଟଲ ଝୁଲେଇ ସ୍କୁଲବସ୍‌ରେ ସ୍କୁଲ ଯାଆନ୍ତିନି କି କ୍ଲାସରେ ଫାଷ୍ଟ ହୁଅନ୍ତିନି । ପାଠୁଆ ପିଲା ବୋଲି ମୋ ଭାଗରେ ବହୁତ ଅଧିକ ସ୍ନେହ ମିଳେ । ଗାଆଁକୁ ଗଲେ ଲାଗେ ଯେମିତି ମୋର ଦୈର୍ଘ୍ୟ ପ୍ରସ୍ଥ ବଢ଼ିଯାଏ ।

ସଂଜୀବନୀର ଘରକୁ ଯିବାପାଇଁ ମୋର କାହାଠାରୁ କୌଣସି ଅନୁମତି ଦରକାର ନଥିଲା । ଆମେ ଦୁହେଁ ବେଶ ସମୟ ଧରି ତା' ପଢ଼ାଘରେ ବସୁ । ତା'ପରେ ବଗିଚାରେ ବୁଲୁ । ମୋର ମନେଅଛି, ସେଇ ଶେଷ ଗ୍ରୀଷ୍ମଟିର ଦୃଶ୍ୟ । ମୁଁ ଓ ସଂଜୀବନୀ ତାଙ୍କ ବଗିଚା କୋଣରେ ଫୁଲରେ ଲଦି ହେଇଥିବା ଦୁଇଟି କୃଷ୍ଣଚୂଡ଼ା ଗଛ ତଳେ ବେଂଚରେ ବସୁ । ରଙ୍ଗୀନ ଫୁଲ ଆଉ ସିରିସିରି ପତ୍ର ଉହାଡ଼ରୁ ଦିଶୁଥିବା ନୀଳ ଆକାଶକୁ ଦେଖି ମୁଁ ତନ୍ମୟ ହେଇପଡ଼େ । ସେ ବି ମତେ ଦେଖାଯାଏ କୃଷ୍ଣଚୂଡ଼ାର ସୁନ୍ଦର ଫୁଲ ପରି । ତା' ପାଇଁ ମୋ ମନରେ ଯେତିକି ସୁନ୍ଦର ଭାବନା ଆସେ, ସେଥିପାଇଁ ମୁଁ ସେ କୃଷ୍ଣଚୂଡ଼ା ଗଛଟିକୁ ଧନ୍ୟବାଦ ଦିଏ । ଧନ୍ୟବାଦ ଦିଏ ସେ ଗଛକୁ, ମୋତେ ମୋ ସବୁଠୁ ଭଲ ସାଙ୍ଗ, ବେଷ୍ଟଫ୍ରେଣ୍ଡ ସହିତ ଭେଟ କରେଇଛି ବୋଲି ।

କାହିଁକି କେମିତି ଡର ଲାଗେ । ସଂଜୀବନୀକୁ ହରେଇବାର ଗୋଟେ ଅଜଣା ଭୟ ବେଳେବେଳେ ମତେ ଜାବୁଡ଼ି ଧରେ । ମୁଁ ମ୍ରିୟମାଣ ହେଇ ଉଠେ । ଅଧାରାତିରେ ନିଦ ଭାଙ୍ଗିଯାଏ । ସକାଳୁ ଉଠି ନାନୀ ପଚାରେ, "କାଲି ରାତିରେ କଣ ଗୁଡ଼ାଏ ବାଉଳୁଥିଲୁ କିରେ ?"

ସେ ମତେ ଗୋଟେ କଲମ ଦେଇଥିଲା । ଡକ୍ଟର ପେନ୍ । ନୀଳ ରଙ୍ଗର କଲମ, କ୍ୟାପ୍‌ରେ ସୁନେଲି ରଙ୍ଗର କ୍ଲିପ ଲାଗିଥିଲା ଯୋଉଠି ଇଂରାଜୀରେ ଡକ୍ଟର ବୋଲି ଲେଖା ହେଇଥିଲା । ମୁଁ ସେଇଟିକୁ ଅତି ଯତ୍ନରେ ତକିଆ ତଳେ ରଖି ଶୋଉଥିଲି । ଭବିଷ୍ୟତରେ ଡାକ୍ତର ହବା ପାଇଁ ସେ କଲମଟି ମତେ ସ୍ୱପ୍ନ ଓ ସଂକଳ୍ପ ଦେଇଥିଲା । ବେଳେବେଳେ ସଂଗ୍ରାମ ପାଇଁ ମନରେ ଦୁଃଖ ହୁଏ । ସେ ଧୀରେ ଧୀରେ ଅବାଟରେ ଚାଲି ଯାଉଥିଲା । ମୁଁ ଚେଷ୍ଟାକରି ବି ତାକୁ ଅବାଟରୁ ଫେରେଇ ଆଣି ପାରୁନଥିଲି । ତା' ସହିତ ନମିଶିବା ପାଇଁ ଅନ୍ୟ ଯିଏ ଯେତେ ବାରଣ କରୁଥିଲେ ବି ମୁଁ ଶୁଣୁ ନଥିଲି, ହେଲେ ସଂଜୀବନୀ ଯେହେତୁ ଲକ୍ଷ୍ମଣରେଖା ଟାଣି ଦେଇଥିଲା, ମୁଁ ତାକୁ ଡେଇଁ ଯାଇ ପାରୁନଥିଲି । ମୁଁ ଅପେକ୍ଷା କରି ରହେ, ସଂଜୀବନୀ ମତେ କିଛି ଆଦେଶ ଦବ ବୋଲି । ମୁଁ ତା'ର ସବୁ ଆଦେଶ ନିସ[illegible]ରେ ମାନି ଯାଉଥିଲି ।

ଦିନେ ସେ ମୋତେ କହିଲା, "ତତେ ମୋର ଅନେକ କଥା କହିବାର ଅଛି ।" ଏତିକି ମାତ୍ର କହି କଥା ଚୋକିନେଲା । କ'ଣ କହିବାର ଥିଲା ବୋଲି ତାକୁ ପଚାରି ବି ପାରିଲିନି । କାଳେ ସେ କିଛି ଖରାପ ଭାବିବ ବୋଲି ମୋର ଭୟ ଥିଲା । ମୁଁ କଳ୍ପନାର ସାତ ରଙ୍ଗର ବାଦଲ ଭିତରେ ଘୂରି ବୁଲିବାକୁ ଲାଗିଲି । ଗୋଟେ ରାତିରେ ପୁଣି ସେ ପୁରୁଣା ସ୍ୱପ୍ନକୁ ଆଉଥରେ ଦେଖିଲି । ସଂଜୀବନୀ ଓ ମୁଁ ଗୋଟେ ଚିକ୍କଣ କଳା ପିଚୁରାସ୍ତାରେ ପରସ୍ପରର ହାତ ଧରି ଚାଲିଛୁ । ଦୁଇ ପାଖରେ ଧାଡ଼ିଧାଡ଼ି ଫୁଲରେ ଭରା କୃଷ୍ଣଚୂଡ଼ା ଗଛ । ସେ ରଙ୍ଗୀନ ସୁଡ଼ଙ୍ଗ ଶେଷରେ ଉଜ୍ଜ୍ୱଳ ଆଲୋକ ଭିତରେ ଶେଷରେ ଆମେ ଦୁହେଁ ଦୁଇଟି ପେନସିଲ ବିନ୍ଦୁ ପରି ଛୋଟ ହେଇ ମିଳେଇ ଗଲୁ । ମୁଁ ଚାହୁଁଥିଲି ତାକୁ ସେ ସ୍ୱପ୍ନ ବିଷୟରେ କହିବାକୁ, କହି ପାରୁନଥିଲି ।

ଜୀବନର ମଧୁମାସରେ ହଠାତ୍ ଦିନେ ପୃଥିବୀ କକ୍ଷଚ୍ୟୁତ ହେଇ ପଡ଼ିଲା । "ପ୍ଲାଣ୍ଟ ବନ୍ଦ ହେଇଯିବ ।" ବଡ ନିଷ୍ଠୁର ଭାବରେ ବାପା କହିଲେ । ଆମର ଛୋଟ ପରିବାରଟି ଉପରେ ବଜ୍ର ପଡ଼ିଗଲା । କେବଳ ଆମର ନୁହେଁ, ସାରା କଲୋନୀରେ ହାହାକାର ଛାଇଗଲା । "ହେ ଭଗବାନ୍... ଏବେ କଣ ହବ ! ମୁଣ୍ଡ ଉପରେ ଦୁଇ ଦୁଇଟା ଝିଅ, ପୁଅର ପାଠପଢ଼ା... ଗାଆଁରେ ପଞ୍ଚେ ଲୋକ, ଆମେ ଖାଇବା କ'ଣ ଆଉ ବଂଚିବା କେମିତି ?" ମୁଣ୍ଡ ଘୂରେଇ ବୋଉ କଚାଡ଼ି ହେଇ ପଡ଼ିଲା ଚଟାଣରେ । ବାପା କହିଲେ, "ଆମକୁ ଏ ଘର ଏ ଜାଗା ଛାଡ଼ି ଚାଲିଯିବାକୁ ହେବ ।"

କୁଆଡେ ଯିବୁ, କଣ କରିବୁ ! ବର୍ଷବର୍ଷ ଧରି ତିଆରି କରିଥିବା ସ୍ୱପ୍ନର ମହଲ ଧୂଳିସାତ ହବାକୁ ଲାଗିଲା । ସ୍ୱପ୍ନର ମୀନାରସବୁ ଗୋଟିକ ପରେ ଗୋଟିଏ ହେଇ ଟଳି ପଡ଼ିବାକୁ ଲାଗିଲା । ଠିକ୍ ତା' ପରଦିନ ଆଉ ସ୍କୁଲବସ୍ ଆସିଲାନି । ପ୍ଲାଣ୍ଟ ବନ୍ଦ ବିରୁଦ୍ଧରେ ସେମାନେ ହରତାଳ ଆରମ୍ଭ କରି ଦେଇଥିଲେ । ଚାରିଆଡ଼େ ବିଦ୍ରୋହର ନିଆଁ ଜଳି ଉଠୁଥିଲା । ରାସ୍ତାଘାଟ, ବଜାର ସବୁ ବନ୍ଦ । ରାସ୍ତା ଉପରେ ଜଳୁଥିଲା ଟାୟାର । ଠାଏଠାଏ ଲୋକେ ହାତରେ ଠେଙ୍ଗା ଧରି ବୁଲୁଥିଲେ । ଧୀରେଧୀରେ ପୋଲିସ ସେ ଅଂଚଳକୁ କବ୍‌ଜା କରି ନେଲା । ରାସ୍ତାକୁ ବାହାରିଲେ ମାଡ଼ ।

ସୁଯୋଗ ଦେଖି ମୁଁ ଘରୁ ଖସିଗଲି । ସନ୍ତର୍ପଣରେ ପହଂଚିଲି ଛତିଶି ନମ୍ବର ବଙ୍ଗଳାରେ । ମୋ ପାଇଁ ବଙ୍ଗଳାର ଗେଟ ଖୋଲିବାରେ କେବେ କିଛି ଅସୁବିଧା ନଥିଲା । କିନ୍ତୁ ସେଦିନ ଦରୁଆନ ଚିହ୍ନି ନପାରିବା ପରି ପଚାରିଲା, "କାମ କ'ଣ, କାହାକୁ ଖୋଜୁଛ ?" ମୁଁ କହିଲି, "ସଂଜୀବନୀକୁ ଦେଖି ଅଳ୍ପ ସମୟ ଭିତରେ ଫେରିଯିବି ।" ବଙ୍ଗଳା ଭିତରେ ଯେମିତି ଚଳଚଂଚଳ ପବନ ବହେ, ସେଦିନ ସବୁକିଛି ଥପ୍ ଥିଲା । ଅଦୃଶ୍ୟ ନିରବତାରେ ବୁଡି ଯାଇଥିଲା ଘରଟି । ମୁଁ ସଂଜୀବନୀକୁ ପଚାରିଲି, "ତୁ କାଇଁକି ଆଉ ସ୍କୁଲ ଆସୁନୁ ?" ମୋ ହାତ ଉପରେ ସେ ତା' ହାତ ରଖିଲା । ମୋ ହାତଟିକୁ ନେଇ ତା' ମୁଣ୍ଡକୁ ଛୁଏଇଁ ଦେଲା, "ଦେଖ କେତେ ଜର ଅଛି, ସ୍କୁଲ ଯାଇଥାନ୍ତି କେମିତି ?" ଦାୟିତ୍ୱବାନ ଅଭିଭାବକ ପରି ମୁଁ ପଚାରିଲି, "ଔଷଧ ଖାଉଚୁ କି ନାଇଁ ?" ସେ କିଛି ଜବାବ ଦେଲାନି ।

କିଛି ସମୟ ନିରବ ରହିବା ପରେ ସେ ମୋର ଆଉ ଟିକେ ପାଖକୁ ଆସି ଚୁପିଚୁପି କହିଲା, "ଜାଣିଛୁ, ଦୁଇ ଦିନ ହେଲା ଡାଡି ଘରକୁ ଫେରି ଚୁପ୍‌ଚାପ୍ ଅନ୍ଧାରରେ ବସି ରହୁଛନ୍ତି । ତୁଣ୍ଡରେ ପାଣି ଟୋପେ ବି ନେଇ ନାହାନ୍ତି । ମାମା ବି ଠାକୁର ଘରେ ବସି କାନ୍ଦୁଛନ୍ତି । ସିଏ ବି କିଛି ଖାଇ ନାହାନ୍ତି । କମ୍ପାନୀବାଲା କୁଆଡ଼େ ୟୁନିଅନ ନେତାଙ୍କୁ ଲଗେଇ ତାଙ୍କୁ ହଇରାଣ କରୁଛନ୍ତି । କିନ୍ତୁ ସତକଥା ହେଲା, କମ୍ପାନୀ ମାଲିକ ପରିବାରରେ ଟଙ୍କା ପଇସା ଭାଗବଣ୍ଟାକୁ ନେଇ ଝଗଡ଼ା ଚାଲିଛି । କମ୍ପାନୀ ମାଲିକ ଆଉ ହେଡ ଅଫିସରେ କେତେ ଜଣ ଷଡଯନ୍ତ୍ର କରି ପ୍ଲାଣ୍ଟ ବନ୍ଦ କରେଇବାକୁ ବସିଛନ୍ତି । ୟୁନିୟନବାଲାଙ୍କୁ ହାତବାରିସୀ କରି ସବୁତକ ଦୋଷ ମୋ ଡାଡିଙ୍କ ମୁଣ୍ଡରେ ବୋଲି ଦବାକୁ ବସିଛନ୍ତି ।"

ବିଦ୍ରୋହ କରିବା ପରି ମୁଁ ପଚାରିଲି, "କାଇଁକି, ସରକାର କ'ଣ ଦେଖି ପାରୁନାହାଁନ୍ତି ! ଏ ଦେଶର ଉନ୍ନତି ପାଇଁ କଳ କାରଖାନା କ'ଣ ଆବଶ୍ୟକ ନାହିଁ?" ତା' ପରେ ତାକୁ ଆଶ୍ୱାସନା ଦେଲି, "ତୁ ଜମାରୁ ବ୍ୟସ୍ତ ହ'ନି । ଦେଖିବୁ ସବୁ ଆପେ ଆପେ ଠିକ ହେଇଯିବ । ହେଲେ ତୁ କିଛି ଖାଇଛୁ କି ନାହିଁ, ନା ଉପାସରେ ଅଛୁ ?" ସେ ଚୁପ୍ ରହିଲା । ତା' ଆଖିରେ ଲୁହ ଜକେଇ ଆସିଲା । ପକେଟରୁ କାଗଜ ପୁଡ଼ିଆଟିଏ ବାହାର କରି ତା' ହାତରେ ଦେଲି, "ନେ, ସାଇବାବାଙ୍କ ବିଭୂତି । ଶୋଇଲା ବେଳେ ମୁଣ୍ଡରେ ଲଗେଇବୁ । ତୋ ଜର ଠିକ୍ ହେଇଯିବ ।"

କୋଉ ମୁହଁରେ ମୁଁ କ'ଣ ଶୁଣିବାକୁ ଯାଇଥିଲି ବୋଲି ତାକୁ ଆଉ କହିଥାଆନ୍ତି ! ମନକଥା ମନରେ ଧରି ଫେରି ଆସିଲି । ଘରେ ପହଂଚୁପହଂଚୁ ବୋଉ ଡାକିଲା, "ଧନରେ, ଆ' ଯାହା ଟିକେ ଅଛି ଖାଇଦେ । କାଲିକୁ କିଏ ଦେଖିଛି ? କାଲିକୁ କିଛି ଖାଇବାକୁ ମିଳିବ କି ନାହିଁ ।" ମୁଁ କହିଲି, "ଭୋକ ନାହିଁ ।"

* * * * * * *

"ତତେ ଏ ଟେକା ଫିଙ୍ଗିବାକୁ ପଡିବ ।" ଜିଏମ୍ ବଙ୍ଗଳା ସାମନାରେ ଭିଡ଼ । ଉତ୍ୟକ୍ତ ଲୋକଙ୍କୁ ବୁଝେଇବାକୁ ପୋଲିସ ବି ଥାଏ । ପରିସ୍ଥିତି କ୍ଷଣଭଙ୍ଗୁର ଥାଏ । କେତେବେଳେ କାହା ମୁହଁରୁ ଶବ୍ଦଟିଏ ଛିଟିକି ପଡ଼ିଲେ ବା କାହା ହାତରୁ ଟେକାଟିଏ ଛିଟିକି ପଡ଼ିଲେ, ପରିସ୍ଥିତି ଅସମ୍ଭାଳ ହେଇ ପଡ଼ିବ । ସଂଗ୍ରାମ ମୋ ହାତକୁ ଟେକାଟିଏ ବଢ଼େଇ ଦେଇ ବାଧ୍ୟ କଲା ଫିଙ୍ଗିବାକୁ । ମୁଁ ତାକୁ ମନେପକେଇ ଦେଲି, "ଗାନ୍ଧିଜୟନ୍ତୀରେ ତୁ ତ ନିଜେ ଭାଷଣ ଦେଇଥିଲୁ ସତ୍ୟ ଓ ଅହିଂସା ପରମ ଧର୍ମ ।" ସେ ଉପହାସ କଲା, "ସେ ସବୁ ବାଜ୍ୟେ କଥା, ବହିରେ ଲେଖା କଥା ।" "ଆମେ ସ୍କୁଲରେ ପଢୁଛେ । ଏଇଟା ବଡ଼ମାନଙ୍କର କଥା । ସେମାନଙ୍କୁ ବୁଝିବାକୁ ଦେ । ଆମେ ଏଥିରେ ମୁଣ୍ଡ ପୂରେଇବାଟା ଠିକ୍ ହବନି ।" "ଭୀରୁ... କାପୁରୁଷ... ତୁ କାହିଁକି ଗାନ୍ଧିଗିରି କରୁଛୁ, ମୁଁ ଠିକ୍‌ରେ ଜାଣିଛି । ତୁ ସେ ଟୋକି ପ୍ରେମରେ ପଡ଼ିଛୁ ନା ?"

ପ୍ରଥମେ ତ ମତେ ଛାଡ଼ିଦବା ପାଇଁ ତା' ପାଖରେ ହାତ ଯୋଡ଼ି ସାରିଥିଲି, କିନ୍ତୁ ପରେପରେ ତା' ସହିତ କଥା କଟାକଟି କଲି, ଜୀବନରେ ପ୍ରଥମ ଥର ପାଇଁ ହୁଏତ । "ତୁ କ'ଣ ଭାବୁଛୁ, ପ୍ଲାଣ୍ଟ ବନ୍ଦ ହେଇଯିବ ବୋଲି ଜିଏମ୍ ସାହେବ ଖୁସି ଅଛନ୍ତି । ମୁଁ ଜାଣିଛି, ଗଲା ତିନି ଦିନ ହେଲା ତାଙ୍କ ଘରେ ରୋଷେଇ ପର୍ଯ୍ୟନ୍ତ ବନ୍ଦ ଅଛି ।"

"ବାଃ..ବାଃ.. ଦେଖୁଛି ତୁ ତ ଗୋଲାମ ପାଲଟି ଗଲୁଣି । ପ୍ଲାଣ୍ଟ ବନ୍ଦ ନହେଇଥିଲେ ତୁ ତ ୟୁନିୟନ ଲିଡର ହେଇଯାଇ ଥାଆନ୍ତୁ । ବୁଝି ରଖ, ଆମେ ହେଲୁ ଖଟିଖିଆ, ଆଉ ଏଗୁଡ଼ାକ ଲୁଟିଖିଆ । ଏମାନଙ୍କ ଆଖିର ଲୁହ କୁମ୍ଭୀର ଆଖିର ଲୁହ ପରି । କମ୍ପାନୀଏମାନଙ୍କୁ ନେଇ ଆଉ କୋଉଠି ମୋଟା ଦରମାରେ ଚାକିରି ଦେଇଦବ । ଆମ ଗରିବ ମଳିମୁଣ୍ଡିଆଙ୍କ କଥା କିଏ ବୁଝିବ ! ଆମକୁ ନିଜ ହକ୍ ପାଇଁ ଲଢ଼ିବାକୁ ପଡ଼ିବ । ଆଉ ଏଥିପାଇଁ ଯଦି ତୋର କଲିଜା ନାହିଁ ଏଠିକି ଆସିଛୁ କ'ଣ ପାଇଁ? କ'ଣ ଶଶୁର ଘରକୁ ଆସିଛୁ ?" ତାଗିଦ୍ କଲା ସଂଗ୍ରାମ ।

ସମସ୍ତ ସାମର୍ଥ୍ୟ ପ୍ରୟୋଗ କରି ସଂଗ୍ରାମ ମୋ ଆଖି ସାମନାରେ ଟେକାଟିକୁ ବଙ୍ଗଳା ଆଡ଼କୁ ଫିଙ୍ଗିଲା, ଉପର ମହଲାରେ ସଂଜୀବନୀର ରୁମ୍‌କୁ ଲକ୍ଷ୍ୟ କରି । ମୁହୂ□କ ଭିତରେ ସ୍ଥିତି ବିସ୍ଫୋରକ ହେଇଗଲା । ଝରକା ଫାଙ୍କରେ ସଂଜୀବନୀର ଦୁଇ ଆଖିକୁ ମୁଁ ଦେଖି ପାରୁଥିଲି । ଆଖିରେ ଆଖିରେ ସେ ଯେମିତି ମତେ କହୁଥିଲା, ତୋଠୁ ଏମିତି ଆଶା କରିନଥିଲି ମୁଁ । ସେ ପର୍ଯ୍ୟନ୍ତ ମୁଁ ହାତରେ ଟେକାଟି ଧରି ଠିଆ ହେଇଥିଲି । ତାହା ଥିଲା ସଂଜୀବନୀ ସହିତ ମୋର ଶେଷ ସାକ୍ଷାତ ।

ଉତ୍ୟକ୍ତ ଲୋକମାନେ ସେମାନଙ୍କ ଘରେ ନିଆଁ ଲଗେଇ ଦବା ପୂର୍ବରୁ ସେମାନେ ସେ ଜାଗା ଛାଡ଼ି ଚାଲିଗଲେ । ଭୁଲ କରିନଥିଲେ ବି କୈଫିୟତ ଦେବାପାଇଁ ପ୍ରସ୍ତୁତ ଥିଲି ମୁଁ । ଭାଗ୍ୟ ମତେ ସୁଯୋଗ ଦେଲାନି । ବସନ୍ତର ଅବ୍ୟବହିତ ପୂର୍ବରୁ ଆମେ ସର୍ବହରା ଯାଯାବର ପାଲଟି ସାରିଥିଲୁ । ଆମ ଆଖି ଆଗରେ କଲୋନୀ ଫାଙ୍କା ହେଇ ଆସିଲା । ଶଗଡ଼, ଟ୍ରଲି, ଅଟୋ.. ଯିଏ ଯାହା ପାଇଲେ ସେଥିରେ ଜିନିଷପତ୍ର ଲଦାଲଦି କରି ଯାଯାବର ପରି ଜାଗା ଛାଡ଼ି ଚାଲିଗଲେ । ସେବେ ବି ପୁରୁଣାପାଣି ଉପତ୍ୟକାଟି ଶହଶହ କୃଷ୍ଣଚୂଡ଼ାରେ ନିର୍ବୋଧ ପରି ହସୁଥିଲା । ବାପା, ବୋଉ ଓ ନାନୀମାନଙ୍କ ସହିତ ଟ୍ରକ ଡାଲାରେ ଜିନିଷପତ୍ର ଗହଣରେ ଠିଆ ହେଇ ମୁଁ

ଫେରିଯିବା ବେଳକୁ ରାସ୍ତାର ଦୁଇ ପାଖରେ ଫୁଲରେ ଲଦି ହେଇ ଠିଆ ହେଇଥିଲେ ଧାଡ଼ିଧାଡ଼ି କୃଷ୍ଣଚୂଡ଼ା । ଆମ ଗାଡ଼ି ନେହରୁ ବଙ୍ଗଳା ପାଖକୁ ପହଂଚିଯିବା ପରେ ସମଗ୍ର ଉପତ୍ୟକା ଉପରେ ଥରେ ନଜର ବୁଲେଇ ଆଣିଲି । କୃଷ୍ଣଚୂଡ଼ାର ରଙ୍ଗରେ ଭରା ଉପତ୍ୟକା ଭିତରୁ ନିଖୁଣ ଭାବରେ ଗଢ଼ା ସୁନ୍ଦର ସୁନ୍ଦର ଘର ସୂର୍ଯ୍ୟାଲୋକରେ ଝିଲମିଲ ଦିଶୁଥିଲେ । ସମୟର ସେ କି ଉପହାସ ! ଶେଷଥର ପାଇଁ ଆଖି ପୂରେଇ ଦେଖିନବା ବି ଠିକରେ ହେଲାନି । ଆଖିରେ ଲୁହ ଓ ଛାତିରୁ କୋହଟିମାନ ଉଛୁଳି ପଡୁଥିଲେ । ଜିଏମଙ୍କ ଅଧାପୋଡ଼ା ବଙ୍ଗଳା ପାଖ ଦେଇ ଯିବା ଦେଖିଲି ସେ ବଗିଚାରେ ମୋର ପ୍ରିୟ କୃଷ୍ଣଚୂଡ଼ା ଗଛଟି ନିଆଁ ଧାସରେ ଅଧା ଜଳି ଯାଇଛି । ଅଭିମାନରେ ଭଗବାନଙ୍କୁ କହିଲି, "ଏ ଫୁଲଟିରେ ଏତେ ବହଳିଆ ରଙ୍ଗ କାହିଁକି ଦେଲ ପ୍ରଭୁ ! ଆଉ ଏତେ ରଙ୍ଗ ମଖେଇ ତାକୁ ହତାଦର କାହିଁକି କଲ !"

ଉପତ୍ୟକା ଭିତରୁ କେତୋଟି କୋଇଲି ବିଧୂର ବିରହ ସଂଗୀତରେ ମଗ୍ନ ଥାଆନ୍ତି । ଫେରିଯିବା ପୂର୍ବରୁ ପୁଣି ଥରେ ଫେରି ଆସିବା ପାଇଁ ପ୍ରତିଜ୍ଞା କରିଥିଲି ମୁଁ ସେଦିନ, କୋଡିଏ ବର୍ଷ ତଳେ ।

❑❑❑

**ଜଣାଶୁଣା ଯୁବ ଲେଖକ ଶ୍ରୀ ଶୈଳେନ୍ଦ୍ର କୁମାର ଜେନା ଉତ୍କଳ ବିଶ୍ୱବିଦ୍ୟାଳୟର ଭୁଗୋଳ ବିଭାଗର ୧୯୯୫- ୯୭ ବ୍ୟାଚ୍ ଛାତ୍ର । ଉଭୟ ଗଳ୍ପ ଓ କବିତା ଲେଖୁଥିବା ଶ୍ରୀ ଜେନାଙ୍କର ଚାରିଗୋଟି ଗଳ୍ପ ସଂକଳନ ପ୍ରକାଶିତ ହୋଇଛି । ସାହିତ୍ୟ କୃତି ପାଇଁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଥିବା ଶ୍ରୀ ଜେନା ଓଡ଼ିଶା ପ୍ରାଶାସନିକ ସେବାରେ ଭୁବନେଶ୍ୱରଠାରେ କାର୍ଯ୍ୟରତ ଅଛନ୍ତି । ତାଙ୍କ ସହିତ ୯୪୩୭୩୧୪୮୩୩ ରେ ଯୋଗାଯୋଗ କରାଯାଇପାରିବ ।**



# ଅପେରା ସରିଲା ପରେ

**ଡକ୍ଟର ପ୍ରସନ୍ନ କୁମାର ମହାନ୍ତି**

ସେଠୁ ଫେରିଲାବେଳକୁ ସଂଜ ବୁଡ଼ିଲାଣି
ଲୁହମାନେ ତଥାପି ଚାଲିଥାଂତି ମୋ' ପଛେପଛେ
ମୁଁ ଜାଣିଥିଲି ସେମାନେ ନଈ ହୋଇ
ମୋତେ ସମୁଦ୍ର ଆଡ଼େ ନେଇଯିବେ ।
ଲୁହମାନଙ୍କ ହାତ ଧରିଥାଂତି କିଛି ଛାଇ
ସଂଜ ବୁଡ଼ିଥିଲେ ସୁଦ୍ଧା ଅଂଧାର
ସେତେ ଗାଢ଼ ହୋଇ ନଥିବାରୁ ମୁଁ
ଚିହ୍ନିପାରିଲି ସେମାନଂକୁ, ଯାହାଂକ
ଡାଏରି ମୁଁ ପଢ଼ିଥିଲି ଅଳ୍ପ ଅଳ୍ପ ।

ନା ମୁଁ ନିଜ ଇଚ୍ଛାରେ ଯାଉଥିଲି
ନା ଯାଉଥିଲି ଇଚ୍ଛିତ ଜାଗାକୁ ।
ହେଃ ଏମିତି ଗାଈଗୋରୁଂକ ପରି
କିଏ ମୋତେ ଅଡ଼େଇ ନେଉଛ ହୋ-
ବୋଲି ପଚାରିଲି କେତେ ଥର
ହେଲେ କିଏ ବା କାହିଁକି ଜବାବ୍ ଦିଅଂତା ତା'ର !

ତା'ପରେ ଅଂଧାର ଗାଢ଼ ହେଲାରୁ
ବାହାରିଲି ମୁଁ ସମୁଦ୍ର ଭିତରୁ,
ସେଇ ନିର୍ଜନ ଜାଗାଟାରେ ପହଂଚି
ପାଉଁଶ ଆଡ଼େଇ ଖୋଜିବାକୁ ଲାଗିଲି ।
ଲିଭିସାରିଥିବା ଲଂଠନ ଭଳି ଦିଶୁଥିବା
ସେ ଲୋକଟା କୋଉଠି ଥିଲା କେଜାଣି
ପଛଆଡୁ ଆସି ମୋ' କାଂଧରେ ହାତ ରଖି
ଆଗ ମୋତେ ଡରେଇ ଦେଲା
ପଚାରିଲା: କ'ଣ ଖୋଜୁଚୁ ବାବୁଧନ
ଅହଂକାର, ପୁରସ୍କାର, ପ୍ରେମ, ଘୃଣା, ଈର୍ଷା
ଡାଏରି, ହିସାବଖାତା, ପ୍ରତିଶୋଧ ନା ହିଂସା ?

କୋଚିଲା ଗଛ ଡାଳକୁ ଛୁଉଁଥିବା ଶେଷ
ଧାପେ ଧୂଆଁକୁ ଦେଖାଇ କହିଲା-
ଧ' ଧ' ଗଲା, ଉଡ଼ିଗଲା !!

'ଅମୃତାଶ୍ରୁ'
ଓ-ମହାଲକ୍ଷ୍ମୀ ନଗର, ଗ୍ୟାରେଜ୍ ଛକ, ଭୁବନେଶ୍ୱର-୨
ମୋ- ୯୪୩୭୩୫୭୦୫୦

**ଡକ୍ଟର ପ୍ରସନ୍ନ କୁମାର ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋ□ର ଓଡ଼ିଆ ବିଭାଗର ୧୯୭୬-୭୮ ବ୍ୟାଚ୍ ଛାତ୍ର । ବିଜେବି କଲେଜ, ରେଭେନ୍ସା କଲେଜ୍, ପାରଳାଖେମୁଣ୍ଡି ଏସ୍.କେ.ସି.ଜି. କଲେଜ୍ ପ୍ରଭୃତି ବିଭିନ୍ନ ସରକାରୀ କଲେଜରେ ଅଧ୍ୟାପନା କରି ବିଜେବି କଲେଜର ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ କରିଛନ୍ତି । ସେ ମଧ୍ୟ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବେ ଦୁଇ ବର୍ଷ ଦାୟିତ୍ୱ ସଂପାଦନ କରିଛନ୍ତି । ସେ ଆଠଟି କବିତା ଗ୍ରଂଥର ପ୍ରଣେତା ଏବଂ ତାଙ୍କର ସମୁଦାୟ ୨୪ଟି ସ୍ୱଲିଖିତ ଓ ସଂପାଦିତ ଗ୍ରଂଥ ପ୍ରକାଶିତ । କବିତା ରଚନା ଲାଗି ସେ ବହୁ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି । ତାଙ୍କର କିଛି କବିତା ଇଂଲିସ୍, ହିଂଦୀ, ବଂଗଳା, ଗୁଜରାତୀ, ତେଲୁଗୁ ଓ ନେପାଳୀ ଭାଷାରେ ଅନୂଦିତ ଓ ପ୍ରକାଶିତ । ସେ ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହ କାର୍ଯ୍ୟକ□ା ଓ ସଭ୍ୟ ଭାବେ ସଂପୃକ୍ତ ଅଛନ୍ତି ।**



# ଯଉଁ ନୟନରେ

**ହୃଦାନଂଦ ପାଣିଗ୍ରାହୀ**

ଯଉଁ ନୟନରେ ଭାସି ବୁଲୁଥିଲା
ଫୁଲର ମଧୁସପନ
ସେ ନୟନୁ ଝରେ ଲୁହ ଧାରଧାର
ଅବିରତ ଅଭିମାନ । (୦)

ଯଉବନ ବନେ ଲାଗିଗଲା ନିଆଁ
ଜଳିଗଲା ଫୁଲବନ
ଜୋଛନାର ନଈ ଶୁଖିଶୁଖି ଗଲା
ହଜିଲା ଚଇତି ସ୍ୱନ
ଅମା ଅନ୍ଧାରରେ ପକ୍ଷୀଟିଏ ଡାକେ
ବାହୁନଇ ରାତିମାନ । (୧)

ଦୁଃଖ ଭୋଗିବାର ଜୀବନ ଯାହାର
ସୁଖ ତା'ର କେତେ କ୍ଷଣ
ନିଜର ଯାହାକୁ ଭାବିଲା ଏ ମନ
ଦେଲା ସେ ବେଶି ଦହନ
ଦୁଃଖ ଭୁଲିବାର ରାହା ଖୋଜିଖୋଜି
ଅବସନ୍ନ ଦେହମନ । (୨)

**ଅବସରପ୍ରାପ୍ତ ପ୍ରାଧ୍ୟାପକ**
**ଝାଡ଼ପଟା, ଦୋଳସାହି, ଭଦ୍ରକ-୭୫୬୧୨୭**

**କବି ହୃଦାନଂଦ ପାଣିଗ୍ରାହୀ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋ□ର ଓଡ଼ିଆ ବିଭାଗର ୧୯୭୬-୭୮ ବ୍ୟାଚ ଛାତ୍ର । ୧୫ଟି କବିତା ସଂକଳନ, ତିନୋଟି ଗୀତିକବିତା ସଂକଳନ, ଗୋଟିଏ ଆଲୋଚନା ଗ୍ରନ୍ଥ ଏବଂ ଦୁଇଟି ଅନୁବାଦ ଗ୍ରନ୍ଥର ରଚୟିତା ଶ୍ରୀ ପାଣିଗ୍ରାହୀ 'ଜହ୍ନ ଝିଲିମିଲି' ଗୀତି କବିତା ସଂକଳନ ପାଇଁ ୨୦୧୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।**

# ରାତିରେ ବାଣୀବିହାର

**ପ୍ରବୀର କୁମାର ଦାସ**



**ଜଣାଶୁଣା ମାନବାଧିକାର ଆଇନସେବୀ ପ୍ରବୀର କୁମାର ଦାସ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ କୃତି ଛାତ୍ର । ବିଶ୍ୱବିଦ୍ୟାଳୟର ଆଲୁମ୍ନି ଆସୋସିଏସନର ସେ ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ । ମୋବାଇଲ ନମ୍ବର ୯୪୩୮୩୧୯୪୧୬ରେ ତାଙ୍କ ସହ ଯୋଗାଯୋଗ କରାଯାଇପାରିବ ।**

ନିଦ୍ରିତା ପ୍ରେମିକା ପରି
ରାତିରେ ବାଣୀବିହାର ଦିଶୁଛି
କେତେ ନିରୀହା ଆଉ ସୁନ୍ଦରୀ ।

କ୍ୟାମ୍ପସ୍‌ର କୃଷ୍ଣଚୂଡ଼ା
ରାତିରେ ବି ଛାଡୁନି
ଛାତିରେ ଚଳାଉଛି ଛୁରି ।

ଜିରାଫ ପରି ବେକକୁ ବଢ଼ାଇ
ତାରା ସହିତ ଗପସପ
ଦେବଦାରୁ ରଖିଛି ଜାରି
ବଉଳ ଫୁଲର ବାସ୍ନା
ପଡୁଛି ଉତୁରି ।

ପାଣିଟାଙ୍କି ନାଇଟ୍ ୱାଚ୍‌ମ୍ୟାନ୍ ହୋଇ
ଜଗିଛି ଲେଡିଜ୍ ହଷ୍ଟେଲ୍‌ର ଯୌବନ
ଶୂନ୍‌ଶାନ୍ ରାତିରେ କ୍ୟାମ୍ପସ୍ ସାରା
ଫ୍ଲାଗ୍‌ମାର୍ଚ୍ଚ କରୁଛି ପ୍ରେମାଳୁ ପବନ ।

ଅନିଦ୍ରା ହୋଇ ଜେ□ସ୍ ହଷ୍ଟେଲ୍
ଜଳୁଛି, ଯେମିତି ମହମବତି
ସିଭିଲ୍ ସର୍ଭିସ୍ ପ୍ରିପାରେସନ୍
ଆଉ ସ୍ୱପ୍ନର ରେସନ୍ ଭିତରେ
ଉଚ୍ଛନ୍ନ କରୁଛି ପ୍ରେମିକାର ସ୍ମୃତି ।

ଜହ୍ନରାତିର ସଫେଦ ଚାଦର ଢାଙ୍କି
ଶୋଇଲାଣି ପରିଜା ଲାଇବ୍ରେରି
ପିକ୍‌ନିକ୍ ପରର ପ୍ଲେଟ୍ ପରି
ସେ□ାଲ୍ କ୍ୟା□ିନ୍ ଏବେ
ଏକୁଟିଆ ଆଉ ଅଦରକାରୀ ।

କ୍ୟାବିନ୍‌ସବୁ ମୁହଁ ମାଡ଼ି ଶୋଇଲେଣି
ଗୋବିନ୍ଦ ସାହୁ ମାର୍କେଟ୍‌ରେ;
ଭାଷଣ, କରତାଳି,
ଗୀତ ଆଉ ନାଚ ପରେ
ଯବନିକା ପରି ରାତି ଆସେ
ଅଡିଟୋରିୟମ୍‌ର ନିଦୁଆ ଆଖିରେ ।

ଷ୍ଟାଡିୟମ୍ ରାତିସାରା ଶୋଇନି
ରହିଛି ପ୍ରତୀକ୍ଷାରେ
କେତେବେଳେ ଦେଖାହେବ
କାଲି ମର୍ଣ୍ଣିଂ ୱାକ୍‌ରେ ।

ତାଳପଦେଶ୍ୱରୀ ମନ୍ଦିର ଏବେ ଖାଁ ଖାଁ
ପହଡ଼ ପକେଇ ଗଲେଣି ପୂଜାରୀ
ମାଆଠୁ ଦୂରରେ ଥିବା
ହଷ୍ଟେଲ୍ ପିଲାଙ୍କ ପାଇଁ
ତାଳପଦେଶ୍ୱରୀ ଏବେ ଜାଗ୍ରତ ପ୍ରହରୀ ।

ଦିନର କୋଳାହଳରେ
ନିଜ ପ୍ରେମିକପଣ ହୁଏନା ଜାହିର କରି
ଟଗରଫୁଲିଆ ଜହ୍ନ ରାତିରେ ବାଣୀବିହାର
ଦିଶୁଛି ଏତେ ନିରୀହା ଆଉ ସୁନ୍ଦରୀ
ତା'ରି ପ୍ରେମରେ ମନ ଯାଉଛି ବତୁରି ।



# ନିରୁଦ୍ଦିଷ୍ଟ ଚିଠି

**ନାରାୟଣ ଚନ୍ଦ୍ର ଧଳ**

ଆଜି ତମେ ନିରୁଦ୍ଦିଷ୍ଟ କେଉଁ ଅପହ□ ଇଲାକାରେ
ଅବା ବନ୍ଦୀ କେଉଁ ଅନ୍ଧାରୀ ମୁଲକେ
'ଆତ୍ମ ନିର୍ବାସନ' ଅବା 'ଶିକାର' ସମୟର ଅଲୋଡ଼ାପଣର ।

ଦିନ ଥିଲା ତମେ ଆସୁଥିଲ ସଜସାଇତା ମୁଣିରେ
ବାହକର କାନ୍ଧରେ ସବାର ହୋଇ,
ପବନରେ ଶବ୍ଦାୟିତ ସାଇକଲର ଟିଂ ଟିଂ ଶବ୍ଦ
ପହଁରି ଯାଉଥିଲା ଗାଁ ଦାଣ୍ଡ, ସାହି, ବସ୍ତି ଆଉ ମୋହଲ୍ଲାରେ ।

ତମ ଆଗମନର ଆବାହନୀ ଧ୍ୱନି
ଉଲ୍ଲସିତ କରୁଥିଲା ସୀମାରେ ଶତ୍ରୁ ସହ ଜୁଝୁଥିବା
କେଉଁ ଯବାନର ସନ୍ତାପିତ ମାଆର ହୃଦୟ,
ଥମି ଯାଉଥିଲା ଦୁଆର ବନ୍ଧରେ ନୂଆବୋହୂଟିର ପାଦ
କାଳେ କିଛି ଖବର ଆସିଥିବ ଦେଶାନ୍ତରୀ ପ୍ରିୟଜନଠାରୁ,
ଗାଁ ତୋଟା ଆମ୍ବଗଛ ଉହାଡ଼ରୁ ହଠାତ୍ ଶୁଭିଯାଉଥିବ
ସନ୍ତର୍ପଣରେ ବାହକର ଉଦ୍ଦେଶ୍ୟରେ
ସଂଶୟିତ ପ୍ରାଣର "ଭାଇ" ଡାକଟିଏ
ହୁଏତ ଯାଦୁମୁଣିରେ ଖୁସି କିମ୍ବା ଲୁହର କିଛି ସନ୍ଦେଶ,
ଗାଁ ମୁଣ୍ଡ କିମ୍ବା ସାହିର ମଝିଆମଝି
ଚା' ଅବା ପାନ ଦୋକାନର ବେ□ରେ
ଅପେକ୍ଷମାଣ ଛାତ୍ର ଅବା ବେକାରଟିଏ,
ଯିଏକି ଖୋଜୁଥିବ ବନ୍ଦ ଲଫାପାରେ
ନିଜର ସନ୍ଦୀହାନ ଭବିଷ୍ୟତକୁ ।

ସମୟର ଅକ୍ଟୋପସ ପଞ୍ଝା ଭିତରେ
କବଳିତ ତୁମ ସ□ା ଆଜି,
ଇମେଲ୍, ଏସ୍ଏମ୍ଏସ୍, ଫେସ୍‌ବୁକ୍,
ଟୁଇଟର, ହ୍ୱାଟ୍ସଆପ୍ ପରି
ଯାନ୍ତ୍ରିକ କୌରବମାନଙ୍କର ଚକ୍ରବ୍ୟୂହରେ
ତମେ ନିରସ୍ତ୍ର ଅଭିମନ୍ୟୁ;
ଆଙ୍ଗୁଳି ଟିପରେ ଶବ୍ଦସବୁ ଛୁଟିଯାନ୍ତି
ଆଖି ପିଛୁଳାକେ
ସବୁକିଛି ଯନ୍ତ୍ରବତ୍
ଟାଇପ୍ କରା ଅକ୍ଷରସବୁ କେମିତି କେମିତି
ଆବେଗହୀନ ଅଚିହ୍ନା ଅଚିହ୍ନା ।

ଏମିତି କ'ଣ ହୁଅନ୍ତାନି
ତମେ ପୁଣି ଲେଉଟନ୍ତ
ଆବେଗର ସବାରିରେ
ଶବ୍ଦର ରୋଷଣୀରେ
ଚିହ୍ନାଚିହ୍ନା ହାତଲେଖା ଅକ୍ଷରସବୁ
ଜୀବନ୍ତ ହୋଇଉଠନ୍ତେ ଆଙ୍ଗୁଳି ସ୍ପର୍ଶରେ
ଟୋପାଏ ଲୁହ, ଛାତିଏ କୋହ,
ପାପୁଲିଏ ମୋହ ଆଉ ଆଞ୍ଜୁଳାଏ ସ୍ନେହ ହୋଇ
ତମେ ସ□ରିଯାଆନ୍ତ ହୃଦୟର ପ୍ରତିଟି ସ୍ପନ୍ଦନେ
ନିବିଡ଼ ଆଶ୍ଲେଷ ଆଉ ନିରୁତା ଆପଣାପଣରେ ।

**ଶ୍ରୀ ନାରାୟଣ ଚନ୍ଦ୍ର ଧଳ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋ□ର ସମାଜବିଜ୍ଞାନ ବିଭାଗର ୧୯୯୧-୯୩ ବ୍ୟାଚ୍ ଛାତ୍ର । ଅଧୁନା ଓଡ଼ିଶା ପ୍ରଶାସନିକ ସେବାରେ କାର୍ଯ୍ୟରତ ଶ୍ରୀ ଧଳ କବିତା, ଗଳ୍ପ ବ୍ୟତୀତ ଜଣେ ଜଣାଶୁଣା ଗୀତିକାର ମଧ୍ୟ । ସମ୍ପର୍କ: ୯୪୩୭୨୫୭୧୦୭ ।**



# ଟିକି ଚିଠିଟି ମୋ କୁନିପୁଅକୁ

ନୀଳାମ୍ବର ବିଶ୍ୱାଳ

ଶରଧାରେ ଦେଲି ପ୍ରଥମ ଚିଠି,
ସକାଳୁ ଉଠି,
ଲେଖୁଛି ମୁଁ ରାଜଧାନୀରୁ ଚିଠି ।

ସୁନାଟା ପରା !
ନିଦ ନାହିଁ କାଲି ରାତିଟା ସାରା ।
ତୋ'କଥା ଭାଳି,
ଘରକଥା ମନେ ପଡୁଛି ଖାଲି ।
ତିନି ବରଷର ବାଳୁତ ତୁହି,
ଜାଣିଛି, ତୁ' ପଢ଼ିପାରିବୁ ନାହିଁ ।
କହିବୁ ବଉକୁ, ଦବ ପଢ଼େଇ ।

ଆସିନି ଖରା,
ଉଇଁନି ସୂରୁଜ, ଲିଭିନି ତରା,
ସକାଳୁ ଉଠି,
ଲୁଚିଲୁଚି ଏଠୁ ଲେଖୁଛି ଚିଠି ।
କବାଟ ଦେଇ, ଜାଣୁ କି'ପାଇଁ ?
ଯେତେ ସାଥୀ ମୋର
କେହି କିନ୍ତୁ 'ବାପା' ନାହାନ୍ତି ହୋଇ ।
ଯିଏ ବା' ହେଇଚି, ଜାଣିଛି ସେହି,
ଅପରକୁ କେହି ଜଣାନ୍ତି ନାହିଁ ।

କିନ୍ତୁ, ତୋ' ବଉ ପାଇଁ,
ଯେତେକ ଜାଣିଲେ ମୋ' ସାଥୀ ଭାଇ ।
ହୁଣ୍ଡିଟା ସେଟା, ଦେଲା ଚିଠିଟା ।
କୋଡ଼ିଏ ପଇସା ମିଳିଲାନି ତାକୁ,
ପୋଷ୍ଟକାର୍ଡ ଖଣ୍ଡେ ଦେଲା ପଠାଇ ।

ଏଠି, ତୋ' ବଉ ବଅସର ଅନେକ ଝୁଅ,
ଛୁଟାନ୍ତି ମୋ' ସାଥେ କଥାର ସୁଅ ।
ଅଳପ ହସି, ଥଟ୍ଟାରେ କାଶି,
କହନ୍ତି, କ'ଣ ମୁନା କଥା ମନେଭାବୁଛ ବସି !

ହସନ୍ତୁ ଅବା ସେ କରନ୍ତୁ ଥଟ୍ଟା,
ଭୁଲିକି' ପାରିବି ମୋର ସୁନାଟା !
ଶୁଭ ଆଶିଷ ନେବୁ,
ବଉକୁ ଶୁଭେଚ୍ଛା ଜଣାଇ ଦବୁ ।
ରହିଲି ଏଠି,
ଇତି କଲି, ସୁନା ମୁନାର ଚିଠି ।

ଶ୍ରୀଯୁକ୍ତ ନୀଳାମ୍ବର ବିଶ୍ୱାଳ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋ□ର ଗଣିତ ବିଭାଗର ୧୯୭୭-୧୯୭୯ ବ୍ୟାଚ୍ ଛାତ୍ର । ଅଧ୍ୟାପନା ବୃ□ିରୁ ସେବା ନିବୃ□ ହୋଇଥିବା ଶ୍ରୀଯୁକ୍ତ ବିଶ୍ୱାଳ ଦୀର୍ଘ ୧୨ ବର୍ଷ ହେଲା, 'ଓଡ଼ିଶା ଗଣିତ ସଂସଦ'ର ତ୍ରୈମାସିକୀ 'ଅଭିନବ ଗଣିତ ବିଚିତ୍ରା'ର ସମ୍ପାଦନା କରୁଥିବା ବେଳେ 'ଗଣିତ ସାହିତ୍ୟର ସାଧକ' ନାମରେ ଓଡ଼ିଶାର ଗଣିତ ବିଷାରଦମାନଙ୍କ ଜୀବନୀ ପୁସ୍ତକ ସଂଯୋଜନାରେ ନିଜକୁ ନିୟୋଜିତ କରିଛନ୍ତି । ତାଙ୍କର ଦୁଇଟି କବିତା ପୁସ୍ତକ ଓ ତିନୋଟି ଜନପ୍ରିୟ ଗଣିତ ବହି ପ୍ରକାଶ ପାଇଛି । ଏହା ବ୍ୟତୀତ ମାଧ୍ୟମିକ ଶ୍ରେଣୀ ପାଇଁ ଓଡ଼ିଆ ଭାଷାର ପ୍ରଥମ କମ୍ପ୍ୟୁଟର ପାଠ୍ୟପୁସ୍ତକ 'ଆସ ଶିଖିବା କମ୍ପ୍ୟୁଟର'ର ସହଯୋଗୀ ଲେଖକ ଦାୟିତ୍ୱ ତୁଲାଇଛନ୍ତି । ଏହି ସିରିଜରେ ମୋଟ୍ ୫ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି । ଲେଖକ ଓ ସମୀକ୍ଷକ ଭାବରେ ନିମ୍ନମାଧ୍ୟମିକ ଶ୍ରେଣୀ ପାଇଁ ତିନିଟି କମ୍ପ୍ୟୁଟର ପାଠ୍ୟପୁସ୍ତକ 'କମ୍ପ୍ୟୁଟର ଶିକ୍ଷା ଓ ପ୍ରୟୋଗ' ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ । ପିଲାଙ୍କ ପାଇଁ 'ଆସ ଜାଣିବା କମ୍ପ୍ୟୁଟର' ତାଙ୍କର ଅନ୍ୟ ଏକ ପୁସ୍ତକ । 'ଟିକି ଚିଠିଟି ମୋ କୁନିପୁଅକୁ' କବିତାଟି ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ବାଣୀ ବିକାଶ'ରେ ୧୯୭୭-୭୮ ସଂଖ୍ୟାରେ ପ୍ରକାଶିତ ହୋଇଥିଲା ।

# ଇତିହାସ ପୁନର୍ଲିଖନ

ଡ: ଅମିୟ କୁମାର ମହାନ୍ତି



– ୧ –

ଅଧୁନା ଆମ ଦେଶରେ ଇତିହାସ ଚର୍ଚ୍ଚା, ପାଠ୍ୟଦାନ ଏବଂ ଗବେଷଣାକୁ ନେଇ ଅନେକ ଉତ୍ସାହ ଓ ଆଗ୍ରହ ଦେଖା ଦେଇଛି । ଅଣଐତିହାସିକଙ୍କ ଇତିହାସ ପ୍ରସଙ୍ଗକୁ ନେଇ ବହୁ ବିବାଦୀୟ ମନ୍ତବ୍ୟ ଦେଖିବାକୁ ମିଳୁଛି । ସରକାରୀ ସ୍ତରରେ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଇତିହାସ ପାଠ୍ୟକ୍ରମ ପରିବର୍ତ୍ତନ ପାଇଁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି । ସମସ୍ତ ତର୍କ–ବିତର୍କ, ଆଦର୍ଶଗତ ବୌଦ୍ଧିକ ଦ୍ୱନ୍ଦ୍ୱ ମଧ୍ୟରେ ଆମ ଦେଶର ଠିକ୍ ଇତିହାସ ଏବଂ ସଂସ୍କୃତିର ଯଥାର୍ଥ ଅବତାରଣା ଧୁମ୍ରାୟିତ ହୋଇ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଛି । ଇତିହାସ ପୁନର୍ଲିଖନର ଆବଶ୍ୟକତା ଉପରେ ସରକାରୀ ସ୍ତରରେ ଦିଲ୍ଲୀ କ୍ଷମତା ଅଳିନ୍ଦରେ ପ୍ରାଧାନ୍ୟ ଦିଆଯାଉଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ନେହରୁବାଦୀ-ବାମପନ୍ଥୀ- ମଦ୍ରାସା ପନ୍ଥୀଙ୍କ ଚିନ୍ତାଧାରାରେ ପ୍ରଭାବିତ ହୋଇ ଆମ ଦେଶର ଇତିହାସ ଏବଂ ସଂସ୍କୃତି ସଂପୂର୍ଣ୍ଣ ରୂପେ ଠିକ୍ ଉପସ୍ଥାପିତ ନ ହୋଇ ଏକପାଖିଆ ଭାବେ ପ୍ରତିଫଳିତ ହୋଇଛି ବୋଲି ଏକ ମତ ପଦାକୁ ଉଗ୍ରଭାବରେ ଆସୁଛି । ଫଳସ୍ୱରୂପ ଇତିହାସ ପୁନର୍ଲିଖନ କରିବାର ବର୍ତ୍ତମାନ ସମୟ ଆସିଛି ବୋଲି ଉପରୋକ୍ତ ମତାବଲମ୍ବୀମାନେ ଦୃଢ଼ ମତ ପ୍ରକାଶ କରୁଛନ୍ତି । ଜାତୀୟ ଦୃଶ୍ୟପଟ୍ଟରେ ଦେଖାଦେଇଥିବା ଇତିହାସକୁ ନେଇ ଦ୍ୱନ୍ଦ୍ୱ ଏବଂ ଏହାର ପୁନର୍ଲିଖନର ଆବଶ୍ୟକତା ସମ୍ପର୍କରେ ବିଭିନ୍ନ ଦିଗର ଆଲୋଚନା ଦେଶର ବୃହତ୍ତର ସ୍ୱାର୍ଥ ପାଇଁ ଅତି ଜରୁରୀ ହୋଇପଡ଼ିଛି । ଇତିହାସ ପାଠର ବିଶ୍ୱସନୀୟତା ଏବଂ ଜନାଦୃତତା ପାଇଁ ମଧ୍ୟ ପୁନର୍ଲିଖନର ଆଲୋଚନା ସମୟର ଆହ୍ୱାନ ।

ଇତିହାସ ଲେଖିବା ସହଜ ନୁହେଁ । ଏହା ମନଗଢ଼ା କାହାଣୀ ନୁହେଁ । କବିର କାବ୍ୟିକ ପରିକଳ୍ପନା ନୁହେଁ । କ୍ଷମତା ଶିଡ଼ିରେ ଚଢ଼ିବା ନିଶୁଣୀ ବି ନୁହେଁ । ଅତୀତ ଘଟଣାବଳୀର ବୈଜ୍ଞାନିକ ପଦ୍ଧତିରେ ଅନୁସନ୍ଧାନ କରି ସତ୍ୟର ଉନ୍ମୋଚନ କରିବା ଏବଂ ବସ୍ତୁନିଷ୍ଠ ଭାବେ ତାହାକୁ ପରିପ୍ରକାଶ କରିବା ହିଁ ଇତିହାସ । ଇତିହାସ ସେହି ଦୃଷ୍ଟିରୁ ବିଚାର କଲେ କଳା କମ୍ ବିଜ୍ଞାନ ବେଶି । ଇତିହାସ ବସ୍ତୁନିଷ୍ଠ ହେବା ବାଞ୍ଛନୀୟ ଏବଂ ଆଦର୍ଶ । ବସ୍ତୁନିଷ୍ଠତା ବାସ୍ତବ ପକ୍ଷେ ପ୍ରତିଫଳିତ କରିବା ଇତିହାସର ଲେଖାରେ ଏକ ଦୁରୂହ ବ୍ୟାପାର । ଏଥିପାଇଁ ଏକ ସନ୍ୟାସୀର ମାନସିକତା ଆବଶ୍ୟକ । ଇତିହାସ ଲେଖେ ମଣିଷଟିଏ । ସେ ସମାଜ ଭିତରେ ବସବାସ କରେ । ତା'ର ଶୈକ୍ଷିକ ପାରଦର୍ଶିତା ସହ ବ୍ୟକ୍ତିଗତ ଚିନ୍ତାଧାରା, ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ରହିଛି । ଇତିହାସ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ଲେଖାଯାଏ ନାହିଁ

ବୋଲି ଆମେ କହିପାରିବା ନାହିଁ । ଐତିହାସିକ ନିଜ ମତାଦର୍ଶର ଆଇନାରେ ଇତିହାସ ଉପାଦାନଗୁଡ଼ିକୁ ଆଲୋଚନା କରି ବିଭିନ୍ନ ଚରିତ୍ର ଏବଂ ଘଟଣାବଳୀର ସମୀକ୍ଷା କରେ ଏବଂ ବ୍ୟାଖ୍ୟା କରେ । ତାହା ନୁହେଁ ଯେ ଇତିହାସରେ ସତ୍ୟନିଷ୍ଠ ଉପସ୍ଥାପନା କରିବାର ଐତିହାସିକ ନାହାଁନ୍ତି । ଇତିହାସ ଘଟଣାବଳୀର ବସ୍ତୁନିଷ୍ଠ ଆଲୋଚନା ଏକ ଲକ୍ଷ୍ୟ ହୋଇପାରେ । ବାସ୍ତବ ପକ୍ଷେ ଏହା ଏକ କଷ୍ଟକର ବ୍ୟାପାର । ବସ୍ତୁନିଷ୍ଠ ଆଲୋଚନା ପାଇଁ ଯେତେ ଆବଶ୍ୟକ ନିରପେକ୍ଷ ଆଲୋଚକର, ତାହାଠାରୁ ଅଧିକ ଆବଶ୍ୟକ ଏକ ସହନଶୀଳ ସମାଜର ଏବଂ ଗଣତାନ୍ତ୍ରିକ ଚେତନାର । ଇତିହାସର ପ୍ରସଙ୍ଗକୁ ନେଇ ବିଭିନ୍ନ ମତ ଦେଖାଦିଏ । ବିବାଦ ବି ପରିଦୃଷ୍ଟ ହୁଏ । ବିବାଦ ଇତିହାସର ଶତ୍ରୁ ନୁହେଁ ବରଂ ସମ୍ପ□ । ଏହା ବିଷୟବସ୍ତୁକୁ ଋଦ୍ଧିମନ୍ତ କରେ ।

-୨-

ଇତିହାସ ଇଲାକାରେ ଅଣଐତିହାସିକମାନେ, ବିଶେଷକରି ଶାସକବର୍ଗ କାହିଁକି ଆଗ୍ରହ ଦେଖାନ୍ତି ? କାରଣ, ଇତିହାସ ଯେହେତୁ ଜନମାନସକୁ ଏବଂ ବିଶେଷ କରି ପିଲାମାନଙ୍କୁ ପ୍ରଭାବିତ କରେ, ସେଇଥିପାଇଁ ଇତିହାସକୁ କରାୟ□ କରିବା ପାଇଁ ଉଦ୍ୟମ ହୁଏ । ଏହି ଉଦ୍ୟମ ଆବାହମାନ କାଳରୁ । ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ସବଳ ଶକ୍ତି ନିଜର ସ୍ଥିତିକୁ ସୁଦୃଢ଼ୀକରଣ କରିବା ପାଇଁ ଇତିହାସର ପୃଷ୍ଠାକୁ ନିଜର ରଂଗରେ ରଙ୍ଗାୟିତ କରନ୍ତି । ଆଧିପତ୍ୟର ବିଶ୍ୱସୀ ବ୍ୟକ୍ତିମାନେ ଭାବନ୍ତି ଇତିହାସକୁ ସାହାରା କରି ଯଶ ବା ଅପଯଶ କିଣା ଯାଇପାରେ । ତାହାକୁ ପାଥେୟ କରି ଦେଶ-ଦେଶ, ଜାତି-ଜାତି, ସମ୍ପ୍ରଦାୟ-ସମ୍ପ୍ରଦାୟ ଭିତରେ ବିଭେଦ, ଦ୍ୱନ୍ଦ୍ୱ, ବୈଷ୍ୟମକୁ ଇତିହାସର ସତ୍ୟକୁ ଅସତ୍ୟରେ ଘାଂଟି ନିଜର ସ୍ଥିତିକୁ ଟାଣ କରାଯାଇପାରେ । ମହାତ୍ମାଗାନ୍ଧୀ ଯଥାର୍ଥରେ କହିଥିଲେ ଯେପର୍ଯ୍ୟନ୍ତ ସ୍କୁଲ ଏବଂ କଲେଜରେ ଇତିହାସର ବିକୃତ ବର୍ଣ୍ଣନା ବନ୍ଦ ନ ହୋଇଛି, ସେ ପର୍ଯ୍ୟନ୍ତ ସାମ୍ପ୍ରଦାୟିକ ସଦ୍‌ଭାବ ସମ୍ପୂର୍ଣ୍ଣ ରୂପେ ଆସି ପାରିବନାହିଁ ।

-୩-

ଇତିହାସର ଚରିତ୍ର, ସଂଜ୍ଞା, ଐତିହାସିକର ମାନସିକତା ସମ୍ପର୍କରେ କିଂଚିତ ଆଲୋଚନା କଲେ ମନରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ବ□ମାନ ଇତିହାସର ପୁନର୍ଲିଖନର ସ୍ୱର ଏକ ଶୈକ୍ଷିକ ଆବଶ୍ୟକତା ନା ଉଦ୍ଦେଶ୍ୟ ପ୍ରଣୋଦିତ ? ପୁନର୍ଲିଖନକୁ ନେଇ ଏ ବିଷୟଟି କାହିଁକି ଛଟପଟ ହେଉଛି ? ଇତିହାସ ଅତୀତ ଘଟଣାବଳୀର ବୈଜ୍ଞାନିକ ପରିପ୍ରକାଶ । ଇତିହାସ ରଚନା ବିଭିନ୍ନ ଉପାଦାନ ବା ତଥ୍ୟଭି□କ । ସ୍ୱାଭାବିକ ଭାବେ ନୂଆ ତଥ୍ୟ ସାମନାକୁ ଆସିଲେ ଇତିହାସର ସିଦ୍ଧାନ୍ତ ପରିବ□ନ ହେବା ଏକ ଶୈକ୍ଷିକ କସରତ । ଇତିହାସର ନିର୍ଯ୍ୟାସ ସବୁଦିନ ପାଇଁ ବେଦର ଗାର ହୋଇ ନପାରେ । ଇତିହାସର ପୁନର୍ଲିଖନ ଏକ ଗତାନୁଗତିକ ନିରବଚ୍ଛିନ୍ନ ଗବେଷଣାର କାହାଣୀ । ଇତିହାସ ଏକ ପଙ୍ଗୁ ବିଷୟବସ୍ତୁ ନୁହେଁ । ସମୟର ଆବଶ୍ୟକତା ଅନୁଯାୟୀ ଗବେଷଣାର ବିଷୟବସ୍ତୁ ମଧ୍ୟ ପରିବ□ିତ ହୁଏ । ଦିନ ଥିଲା, ଗବେଷଣା ରାଜନୈତିକ ଇତିହାସକୁ ନେଇ ସୀମିତ ଥିଲା । ବ□ମାନ ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଗବେଷଣାକୁ ପ୍ରାଧାନ୍ୟ ଦିଆଯାଉଛି । ପ୍ରାମାଣିକ ଐତିହାସିକ ଗବେଷଣାକୁ ଆଧାର କରି ଇତିହାସ ପୁସ୍ତକର ସମୀକ୍ଷାର ଆବଶ୍ୟକତା ରହିଛି ।

-୪-

ମନରେ ବହୁ ପ୍ରଶ୍ନ ଉଠେ । ଇତିହାସ ପୁନର୍ଲିଖନ ଯଦି ଏକ ଶୈକ୍ଷିକ କସରତ ଏବଂ ଏହା ବିଷୟଟିକୁ ସ୍ୱୟଂସମ୍ପୂର୍ଣ୍ଣ ତଥା ଋଦ୍ଧିମନ୍ତ କରେ, ତାକୁ ନେଇ ଆମ ଭାରତରେ ଏ ଝଡ଼ କାହିଁକି ? ଭାରତର ଇତିହାସର ସୁଦୀର୍ଘ ଯାତ୍ରାରେ ସଂଘର୍ଷ, ରକ୍ତପାତ ସହ ସଂହତିର ମନ୍ଦାକିନୀ ଧାରା ମଧ୍ୟ ପ୍ରବାହିତ । ଆଧିପତ୍ୟର କଷଣ ଏବଂ ଶୋଷଣ ସହ ଶୋଷିତର ପ୍ରତିବାଦରେ ମଧ୍ୟ ଆମ ଇତିହାସ ପରିପୁଷ୍ଟ । ରକ୍ତପାତକୁ ବେଶି ପ୍ରଦର୍ଶିତ କରିବା ନା ସଂହତିର ରଜ୍ଜୁକୁ ପ୍ରାଧାନ୍ୟ ଦେବା, ଏହା ହିଁ ଆଜି ଇତିହାସର ତର୍କ । ଇତିହାସକୁ ବିଭିନ୍ନ ରୂପ ଦେବା ପାଇଁ ଏବଂ ସତ୍ୟଠାରୁ ଏହାକୁ ଦୂରେଇ ନେବା ପାଇଁ ବହୁ ଐତିହାସିକ, ଦୂରଦୃଷ୍ଟିହୀନ ଲେଖକ ପ୍ରଚେଷ୍ଟା କରି ଆସିଛନ୍ତି । କାରଣ ନିଜର ବ୍ୟକ୍ତିଗତ ବୌଦ୍ଧିକ ଚେତନା ଅନୁସାରେ ଯେକୌଣସି କଥାବସ୍ତୁକୁ ରୂପ ଦେବା ପାଇଁ କୌଣସି ବୌଦ୍ଧିକ ମାପକାଠିର ଆବଶ୍ୟକତା ନ ଥାଏ ବା ନିଜର ଜାତୀୟ ଅଙ୍ଗୀକାର ନିମନ୍ତେ କୌଣସି ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ନ ଥାଏ । ସାମ୍ପ୍ରତିକ ଭାରତରେ ଇତିହାସ ଚର୍ଚ୍ଚା, ଗବେଷଣା ଏବଂ ପଢ଼ାରେ ଗୁରୁତର ସଙ୍କଟ ଦେଖା ଦେଇଛି । ବଜାର ଅର୍ଥନୀତି ଏବଂ ମୌଳବାଦୀ ତ□୍ୱ ଇତିହାସର ବିଶ୍ୱସନୀୟତାରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି । ଏବେ ଦେଖା ଯାଉଛି ଯେ, ଇତିହାସରେ ଅସତ୍ୟର ପ୍ରଲେପ ବୋଲି ଏହି ଅସତ୍ୟକୁ ଇତିହାସ ବୋଲି ଚଳେଇ ନେବାର ପ୍ରଚେଷ୍ଟା ଅହରହ ଚାଲିଛି । ତଥ୍ୟ ନଥିଲେ ତଥ୍ୟ ଉଦ୍ଭାବନ କରି ସତ୍ୟକୁ ଅସତ୍ୟରେ ଘାଂଟିବା ଏବଂ ନିଜ ଆଦର୍ଶରେ ଲେଖିବା ମୁଖ୍ୟ ହୋଇଛି । ଏହା ଯଦି ଇତିହାସ ପୁନର୍ଲିଖନର ଉଦ୍ଦେଶ୍ୟ ହୁଏ, ତାହାହେଲେ ଏହା ଉପରେ ବ୍ୟାପକ ବିଚାର ବିମର୍ଶର ଆବଶ୍ୟକତା ରହିଛି । ବାମପନ୍ଥୀ-ନେହରୁବାଦୀମାନେ ଯଦି ଇତିହାସକୁ ଅତିରଂଜିତ କରିଛନ୍ତି ବା ତଥ୍ୟଭି□କ ଉପସ୍ଥାପନାରେ ତ୍ରୁଟି କରିଛନ୍ତି, ତାହାର ସଂଶୋଧନ ଯେ ଆବଶ୍ୟକ ଏଥିରେ ଦ୍ୱିମତ ନାହିଁ । ଆଦର୍ଶବାଦ ଦୃଷ୍ଟିରୁ ବାମପନ୍ଥୀ ବା ନେହରୁବାଦୀମାନଙ୍କୁ ସମାଲୋଚନା କଲେ

ଇତିହାସ ରୁଦ୍ଧିମନ୍ତ ହେବନାହିଁ । ଆଜିର ଚିନ୍ତା କରିବାର ବିଷୟ ହୋଇଛି, ଉଦ୍ଦେଶ୍ୟମୂଳକ ଇତିହାସ ପୁନର୍ଲିଖନ ବା ତଥ୍ୟ ସମ୍ବଳିତ ଇତିହାସର ପୁନର୍ଲିଖନ, କେଉଁଟି ଆବଶ୍ୟକ ? ମୋ ମତରେ ଇତିହାସ ଭାବପ୍ରବଣତା ତଥା ଅବେଗକୁ ସ୍ବର୍ଦ୍ଧିତ ନ କରୁ । ସାମ୍ପ୍ରତିକ ସଂକଟରୁ ଦେଶକୁ ରକ୍ଷା କରିବା ଏବଂ ଏହାର ସଂହତି, ବିବିଧତା, ଗଣତାନ୍ତ୍ରିକ ସାମ୍ବିଧାନିକ ଆଦର୍ଶର ସୁଦୃଢ଼ିକରଣର ମହାନ ଉଦ୍ଦେଶ୍ୟକୁ ସୁରକ୍ଷିତ କରି ଇତିହାସ ପୁନର୍ଲିଖନ ପ୍ରଶ୍ନକୁ ବିଚାର କରାଯିବା ଉଚିତ । ନୂତନ ପିଢ଼ିର ଇତିହାସ ଗବେଷଣା ଦ୍ୱାରା ବଦଳି ଯାଉଛି ଇତିହାସର ଚିତ୍ର । ଇତିହାସ ଆଉ ଏକ ଅପରିବ□ନୀୟ ଓ ସ୍ଥାଣୁ ବିଷୟ ହୋଇ ରହିନାହିଁ । ଏହା ହେଉଛି ଗତିଶୀଳ ଏବଂ ପରିବ□ନୀୟ । ଇତିହାସ ଆଦର୍ଶ ପ୍ରଚାରର ପୁସ୍ତିକା ନ ହେଉ । କ୍ଷମତା ମଦରେ ମ□ ହୋଇ ଇତିହାସକୁ ଯେଉଁମାନେ ପଦାନତ କରିବାର ପ୍ରୟାସ କରୁଛନ୍ତି, ସେମାନେ ସଚେତନ ହୁଅନ୍ତୁ । ଇତିହାସଠାରୁ ଊର୍ଦ୍ଧ୍ୱରେ ଦେଶ । ଇତିହାସ ଦେଶକୁ ସୁଦୃଢ଼ କରିବାରେ ବୌଦ୍ଧିକ ପରିବେଶ ସୃଷ୍ଟି କରୁ । ଇତିହାସ ପୁନର୍ଲିଖନ ଦେଶରକ୍ଷା ପାଇଁ ପ୍ରାୟୋଜିତ ହେଉ ।

❑❑❑

ଡକ୍ଟର ଅମିୟ କୁମାର ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋ□ର ଇତିହାସ ବିଭାଗର ପୁରାତନ ଛାତ୍ର । ସେ ଇତିହାସ ପାଠ ଏବଂ ଗବେଷଣାରେ ରଚି ରଖିଥିବା ଏବଂ ଦୀର୍ଘ ଚାଳିଶବର୍ଷ ଧରି ପାଠ୍ୟଦାନ ଏବଂ ଗବେଷଣାରେ ରତ ଅଧ୍ୟାପକ । ଉତ୍କଳାୟନ ସମ୍ପାଦକମଣ୍ଡଳୀର ସେ ଅନ୍ୟତମ ସଦସ୍ୟ ।

# ଆମ ଯୁବ ସମାଜର ଗତି କେଉଁଆଡ଼େ

**ଅନସୂୟା ପଣ୍ଡା**



ଭାରତର ସ୍ୱର୍ଣ୍ଣିମ ଇତିହାସରେ ଯୁବଶକ୍ତିର ଅବଦାନ କେବଳ ବିଶେଷ ଭାବରେ ପ୍ରତିଟି ମଣିଷର ମାନସପଟରେ ଖୋଦିତ ହୋଇ ରହିନାହିଁ, ବରଂ ଯୁବ ସମାଜ ଦେଶର ଏକ ମୂଲ୍ୟବାନ ସମ୍ପ□ ଭାବେ ଏକ ସଂଘର୍ଷମୟ ଜାତିକୁ ଆଜିଯାଏ ଭରସା ଦେଇ ସେ ବିଶ୍ୱାସ ବଜାୟ ରଖିଛି ।

ଯୁବ ଅବସ୍ଥା କେବଳ ପ୍ରଚୁର ଶାରୀରିକ ନୁହେଁ, ଅମାପ ମାନସିକ ଶକ୍ତିକୁ ମଧ୍ୟ ନିଜ ଦେହ ମନରେ କେନ୍ଦ୍ରିଭୁତ କରି ଲକ୍ଷ୍ୟସ୍ଥଳ ଆଡ଼କୁ ଏକ ମନ, ଦୃଢ଼ ବିଶ୍ୱାସ ଓ ହୃଦୟରେ ଅସୀମ ପ୍ରେମ ନେଇ ଆଗେଇ ଥାଏ । ସେମାନଙ୍କ ଇଚ୍ଛା ଶକ୍ତି ଆଗରେ ଦୁର୍ଗମ ହିମାଳୟ, ଗଭୀର ମହାସାଗର ବି ହାର ମାନିଯାଏ । ଯୁବଶକ୍ତିର ସେ ଦୃଢ଼ ମନୋବଳ କେବଳ ସେମାନଙ୍କୁ ଉତ୍ସାହିତ କରି ସଫଳତାର ତାଜ ପିନ୍ଧାଇ ନଥାଏ ବରଂ ସମଗ୍ର ଦେଶବାସୀଙ୍କୁ ଅନୁପ୍ରାଣିତ କରି ସେବା, ତ୍ୟାଗ, ଦୟା, କ୍ଷମା, ଭଲ ପାଇବା ଆଦି ମହନୀୟ ଗୁଣରେ ଉଦବୁଦ୍ଧ କରିଥାଏ । ଯଦି ସେଇ ଯୁବ ପ୍ରାଣର ଧମନୀରେ ଉତ୍ସହ, ଉଦ୍ଦିପନାର ରକ୍ତ ବୋହି ନଥାନ୍ତା, ତେବେ ଆଜି ଆମେ ପରାଧୀନତାର ଶୃଙ୍ଖଳରେ ପୂର୍ବଭଳି ବାନ୍ଧି ହୋଇ ରହିଥାନ୍ତେ । ଦେଶ ସ୍ୱାଧୀନ ହେବାର ମୁଖ୍ୟ ପୁରୋଧା କେବେ ଜାଲିଆନାୱାଲାବାଗର ବର୍ଷଣମୁଖୀ ଗୁଳିକୁ ପିଠି କରି ନିଜ ଜାତିର ସମ୍ମାନକୁ ବ□ାଏ ତ କେବେ କାଳିଆ ଘୋଡ଼ାରେ ଚଢ଼ି ନିଜ ଜାତି, ନିଜ ଭାଷାର ଗୌରବ ଗାନ କରି ଟେକ ରଖେ, ପୁଣି କେବେ ଖଣ୍ଡା ଧରି ବିଦେଶୀଙ୍କୁ ଲହୁ ଲୁହାଣ କରିଥିବା ଅବଗୁଣ୍ଠନବତୀ ନାରୀଟି ସ୍ଥାଣୁତାର ଖୋଳପାରୁ ବାହାରି ସେଇ ଅସୀମ ଯୁବ ଶକ୍ତିର କବିତା ଗାଇଥିଲା, ଗାଉଅଛି, ଗାଇବ ନିଶ୍ଚେ ।

ଜନଗଣନା ଅନୁସାରେ ଭାରତର ଯୁବବର୍ଗର ସଂଖ୍ୟା ବିଶ୍ୱରେ ପ□ମ ସ୍ଥାନରେ ରହିଛି । ଭାରତର ଲୋକ ସଂଖ୍ୟାର ପଚାଶ ପ୍ରତିଶତ, ୨୫ ବର୍ଷ ବୟସରୁ କମ ଏବଂ ପ□ଷଠି ପ୍ରତିଶତ, ୩୫ ବୟସରୁ କମ । ତେଣୁ ଭାରତ ବିଶ୍ୱର ଏମିତି ଏକ ଦେଶ, ଯାହାର ଜନସଂଖ୍ୟାର ୫୪%ରୁ ଅଧିକଙ୍କ ହାରାହାରି ବୟସ ୨୯ ବର୍ଷ; ଯେଉଁଠିକି ଅନ୍ୟ ବିକଶିତ ଦେଶ ଯଥା ଆମେରିକାରେ ୪୦ ବର୍ଷ, ୟୁରୋପରେ ୪୬ ବର୍ଷ, ଜାପାନରେ ୪୮, ଆଉ ଚାଇନାରେ ୩୭ ବର୍ଷ ରହିଛି । ତେଣୁ ଯୁବଶକ୍ତି ହିଁ ଭାରତର ପ୍ରଧାନ ତଥା ପ୍ରଗତିଶୀଳ ଶକ୍ତି ।

ଆଜିର ଯୁବକ ଆସନ୍ତା କାଲିର ଭବିଷ୍ୟତ । ଆଜି ଆମେ ତାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ନୈତିକତାକୁ ଯତ୍ନ ନେଲେ, କାଲି ସେମାନେ ଏ ଦେଶକୁ ନିଜ ବୁଦ୍ଧି ବଳରେ ସମୃଦ୍ଧ କରି ତିଆରି କରିବେ । ତେଣୁ ଏହା ବିଶ୍ୱାସ ନୁହେଁ, ପ୍ରମାଣିତ ଯେ ବିକାଶଶୀଳ ଦେଶଗୁଡ଼ିକ,

ବହୁଳ ଯୁବ ବର୍ଗଙ୍କୁ ନେଇ ଉନ୍ନତି କରେ । କିନ୍ତୁ ସୁଷମ ଖାଦ୍ୟ, ଉପଯୁକ୍ତ ଶିକ୍ଷା, ବୈଷୟିକ, ଧନ୍ଦାମୂଳକ ଶିକ୍ଷା, ବିଶେଷ କରି ସେମାନେ ନିଜକୁ ଉପସ୍ଥାପନା କରିବାକୁ ସୁଯୋଗ ତିଆରି କରିବା ନିହାତି ଦରକାର ।

ଯୁବକଙ୍କ ଉଷୁମ ଲହୁ, ଅସୀମ ଧୈର୍ଯ୍ୟ ଓ ସହନ ଶକ୍ତି ବଳରେ ସେ ଦୁର୍ଗମ ପାହାଡ଼ ଚଢ଼ିପାରେ ତ, ଦୁର୍ଲଙ୍ଘ୍ୟ ସାଗର ଲଘିଁ ପାରେ । ହେଲେ ଆଜିର ଯୁବଗୋଷ୍ଠୀ ଶାନ୍ତ ହେବା ପରିବ□ ଅଶାନ୍ତ, ଅନ୍ତର୍ମୁଖୀ ହେବା ପରିବ□ ବହିର୍ମୁଖୀ ହୋଇପଡୁଛନ୍ତି । ଫଳରେ ସମାଜରୁ ଦୁର୍ନୀତି, ଦାରିଦ୍ର୍ୟ, ହିଂସା, ବେକାରୀ, ଅପୁଷ୍ଟିକର ଖାଦ୍ୟଜନିତ ରୋଗ କଷ୍ଟ ଆଦି ଦୂର କରି ଦେଶକୁ ପୂର୍ଣ୍ଣ ପ୍ରାଣରେ ଉନ୍ନତି ପଥରେ ଆଗକୁ ବଢ଼ାଇବା ପରିବ□ ନିଜେ ବିପଥଗାମୀ ହୋଇ ଭାଙ୍ଗି ପଡୁଛନ୍ତି । ଏହା ଦେଶରେ ରାଜନୈତିକ, ଅର୍ଥନୈତିକ ଅସମାନତା ସୃଷ୍ଟି କରି ଦୁର୍ନୀତି, ପକ୍ଷପାତିତାର ବୀଜ ବୁଣୁଛି ।

କ□ା ମାଟି ପରି ଯୁବ ମସ୍ତିଷ୍କ ଖୁବ ସତେଜ, ସମୃଦ୍ଧ । ଯାହା ନୂଆ ଓ ନିଃସ୍ୱାର୍ଥପର ଚିନ୍ତାଧାରା ସୃଷ୍ଟି କରି ଦେଶର ରାଜନୈତିକ, ଶୈକ୍ଷିକ, ଦୁର୍ନୀତି, ବେକାରୀ, କୁସଂସ୍କାର, ଯୌତୁକ, ବଳାତ୍କାର ଆଦି ସମସ୍ୟାର ମୂଳୋତ୍ପାଟନ କରିପାରନ୍ତା । ନିଜର ତୀକ୍ଷ୍ଣ ବୁଦ୍ଧି ପ୍ରୟୋଗ କରି ଜୀବନର ଯେକୌଣସି ସମସ୍ୟାକୁ ଅନାୟାସରେ ସାମ୍ନା କରି ସମାଧାନ କରିବାର ଏକ ଯୁକ୍ତିଯୁକ୍ତ ବାତାବରଣ ସୃଷ୍ଟି କରିବା ପରିବ□ ନିଜେ ସମାଜରେ ସମସ୍ୟାର ଜଡ଼ ହୋଇ ଠିଆ ହେଉଛନ୍ତି ଆଜିର ଯୁବପ୍ରାଣ । ଭାରତର ଯୁବବର୍ଗ ଆମ ଦେଶ ଓ ଜାତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହି ଆସିଥିଲେ ବି ପ୍ରଶ୍ନ ଉଠେ, ଅଧୁନା ଯୁବପିଢ଼ି ଠିକ ବାଟରେ ପରିଚାଳିତ ତ ?

ଗୋଟିଏ ଜାତିର ଉନ୍ନତି ଓ ଅବନତି ଯୁବସମାଜ ଉପରେ ନିର୍ଭର କରେ । ଏଲ୍ ହାଉସମ୍ୟାନଙ୍କ 'ଦ ନିୟୁ ହ୍ୟାଙ୍ଗମ୍ୟାନ' ଗଳ୍ପ ମନେପଡ଼େ । ନୂଆ ନିଯୁକ୍ତି ପାଇଥିବା ଘାତକଟି ଫାଶୀ ଦେବା ପାଇଁ ନୁହେଁ, ବରଂ ଜଣେ କଏଦୀକୁ ଫାଶୀରୁ ରକ୍ଷା କରିବାକୁ ସେ ମଣିଷ ତିଆରି ଆଇନକୁ ବଦଳାଇବା ଉଦ୍ୟମରେ ନା ସେ ନିଜ ଚାକିରି ହରାଇବାର ଭୟ କରିଛି ନା ଗଭର୍ଣ୍ଣରଙ୍କ ଧମକକୁ ଡରିଛି ନା ନିଜର ମୃତ୍ୟୁଦଣ୍ଡର ଧମକରେ ଅସ୍ଥିର ହୋଇଛି । ତା' ମନରେ ଏକ ଅସମାହିତ ଝଡ଼ ଉଠିଛି । ଘାତକ ପରି ଏକ ହତ୍ୟାକାରୀକୁ ନା କେଉଁ ବାପା ଝିଅ ଦେବ ବାହା ହେବାପାଇଁ, ନା ତା'ର ସମାଜରେ କିଛି ସମ୍ମାନ ରହିଯାଏ । ଶେଷରେ ଫାଶୀ ଦଣ୍ଡକୁ ସ୍ଥଗିତ କରି ନୂଆ ଇତିହାସ ରଚନା କରିଥିବା ଘାତକଟି ଗର୍ବର ସହ ସଫଳ ନାୟକଟିଏ ପରି ଜେଲ ବାହାରକୁ ବାହାରିଲା ବେଳେ ସମ୍ବର୍ଦ୍ଧନାର ଶହଶହ ଫୁଲତୋଡ଼ା ଧରି ଜେଲ ବାହାରେ ତା'ର ପ୍ରଶଂସକମାନେ ତାକୁ ସ୍ୱାଗତ କରୁଥିଲେ । ଆଉ ନିଜ ଅଜାଣତରେ ଘାତକଟି ଖୁବ ଜନପ୍ରିୟ ହୋଇଯାଇଥିଲା ।

ଏବେ ଆମ ଆଗରେ ଏକ ମୁଖ୍ୟ ପ୍ରଶ୍ନ, ଆଜି ଆମ ଯୁବସମାଜ କିଛି ନୂଆ କରୁଛି କି ? ନା ସେଇ ଚିରାଚରିତ ଶଗଡ଼ ଗୁଳାରେ ଦଉଡ଼ି ଶିକ୍ଷା ଗ୍ରହଣ ପରେ ଚାକିରି ପଛରେ ଗୋଡ଼ାଇ, କୌଣସି ମତେ ଚାକିରିଟି ପାଇଗଲେ, ଟଙ୍କା ପଛରେ ଦଉଡ଼ି, ନିଜକୁ ମୁଠାମୁଠା ଟଙ୍କା ଭିତରେ ବାନ୍ଧି ରଖି ସ୍ୱାର୍ଥ, ପରଶ୍ରୀକାତରତା, ପ୍ରିୟାପ୍ରୀତି ତୋଷଣ, ଦୁର୍ନୀତିକୁ ପଗଡ଼ି କରି ମୁଣ୍ଡରେ ବାନ୍ଧି ଦେଇଛନ୍ତି ! ଖୁବ ସର୍ଟକର୍ଟର ଲିଫ୍ଟ ଚଢ଼ି କେମିତି ସଫଳ ହେବେ ସେ ଚିନ୍ତା ଘାରିଛି ସମସ୍ତଙ୍କୁ । ଗୋଟେ ବଡ଼ ଚାକିରି ପାଇ, ମୁଠାମୁଠା ଟଙ୍କା ଓ ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ରହିବାଟା ସଫଳତାର ଗୋଟେ ମାନଦଣ୍ଡ ହୋଇଯାଇଛି । ମାଦକ ଦ୍ରବ୍ୟର ନିଶା, ଅଶ୍ଳୀଳତା, ଇ□ରନେଟର ନିଶା ମୋହାନ୍ଧ କରି ରଖିଛି ସେମାନଙ୍କୁ । ନା ସେମାନେ ନିରପେକ୍ଷ ନା ସମାଜ ପ୍ରତି ସଚେତନ ! ଚରୈବତି, ଚରୈବତି ସ୍ଲୋଗାନ ଆଜି ତାଙ୍କ କାନର ବାହାରେ ବାଜି ଫେରି ଆସୁଛି । ନିଜ ଦୋଷ ତ୍ରୁଟିକୁ ନିଜେ ଦେଖିବାତ ଦୂରର କଥା, ଅନ୍ୟ କେହି କହିଲେ ସେମାନେ ଅଧିକ ବିଶୃଙ୍ଖଳିତ ହୋଇ ଉଠୁଛନ୍ତି । ପରିଶ୍ରମ ପରେ ଲକ୍ଷ୍ୟପ୍ରାପ୍ତି ନକରିପାରି, ହତାଶାର ଅନ୍ଧକାର ଗଳିରେ ଆଲୋକର ଦିଗ ଅନେକ ଦୂର ଯାଏ ନପାଇ ଭାଙ୍ଗିପଡୁଛନ୍ତି । କିଏ ତ ଆତ୍ମହତ୍ୟା କରିବାକୁ ଠିକ କରେ । ଅସଫଳତା ଯେ ସଫଳତାର ପ୍ରଥମ ପାହାଚ, ଏକ ପରିପୂର୍ଣ୍ଣ ଜୀବନର ସୌନ୍ଦର୍ଯ୍ୟ ପାଇଁ ପଛକୁ ନୁହେଁ ଆଗକୁ ଚାହଁ, ଅନ୍ୟକୁ ନୁହେଁ ନିଜକୁ ଦେଖ, ଆଗକୁ ମାଡ଼ିଚାଲ, ଏ ଲଢ଼େଇ ତୁମର-ଏସବୁ ସେ ଭୁଲିଯାଏ ।

ଯୁବପ୍ରାଣ ଆଜି ପଥଭ୍ରଷ୍ଟ । ସ୍ୱାମୀ ବିବେକାନନ୍ଦଙ୍କର କାଳଜୟୀ ବା□ୀ ଆଜି ସେମାନଙ୍କ ଧମନୀରେ ବିଦ୍ୟୁତ ତରଙ୍ଗର ତଡ଼ିତ ପ୍ରବାହିତ କରୁନି । ସେମାନଙ୍କ ମନରୁ ନିରପେକ୍ଷତା, ସମ୍ବେଦନଶୀଳତା, ଦରଦ, ଉତ୍ସାହ ପରି ଦେବ ଗୁଣର ବିଶେଷ ଭାବେ ଅଧୋପତନ ହୋଇଛି । ନିଜକୁ ନିଜେ ଖୋଜିବାର ପ୍ରୟାସ, ଜାଣିବାର ଇଚ୍ଛା ସେମାନଙ୍କ ଭିତରୁ ଲୋପ ପାଇଗଲାଣି । କୌଣସିମତେ ଟଙ୍କା ଗଛଟିକୁ ହାତେଇଲେ ରାଜକୀୟ ଜୀବନ ଯାପନର ରାସ୍ତା ସୁଗମ ହେବ, ଏଇ ପ୍ରୟାସରେ ଲାଗିଛନ୍ତି ସେମାନେ । ତାଙ୍କ ଭିତରେ ଅନେକ ଅସ୍ଥିରତା, ଯାହାର ପରିଣାମ ଆଜି ସେମାନଙ୍କ ପରିବାର, ସମାଜ, ଦେଶ ଓ ଜାତି ଭୋଗୁଛି ।

*ବଳବାନପି ନିସ୍ତେଜାଃ କସ୍ୟ ନାଭିଯିବାସ୍ପଦମ୍,*

*ନିଃଶଙ୍କ ଦୀୟତେ ଲୋକୈହ ପଶ୍ୟ ଭସ୍ମଚୟେ ପଦମ୍ ।*

ବୁଝାଇ କହିଲେ, ବଳବାନ୍ ହୋଇଥିଲେ ମଧ୍ୟ ନିସ୍ତେଜ ଲୋକ ଅନାଦରର ପାତ୍ର ହୋଇଥାଏ । ପାଉଁଶ ନିସ୍ତେଜ ହୋଇଥିବାରୁ ଲୋକେ ନିର୍ଭୟରେ ତା' ଉପରେ ପାଦ ଦେଇଥାନ୍ତି । ତେଣୁ ଏବେ ଜଣେ ଜଣଙ୍କୁ ଦୋଷାରୋପ କରିବା ପରିବ□ର୍ତ୍ତେ ଅନ୍ତର୍ମୁଖୀ ହୋଇ ନିଜେ ନିଜର ଦୋଷ ସ୍ୱୀକାର କରି ନିଜକୁ ପରିବ□ର୍ତ୍ତନ କରିବାର ବେଳ ଆସିଛି ।

"ହେ ମୋର ଜାତିର ମୁକ୍ତି ପଥର ପରମ ତରୁଣ ଦଳ, ସଂଗ୍ରାମ କର ଆଜି ଧରଣୀର ଅତିଥି ଚରଣ ତଳ" ।

କବି ଅନନ୍ତ ପଟ୍ଟନାୟକ ଯଥାର୍ଥରେ ନିଜର ଅଭିବ୍ୟକ୍ତି ପୋଷଣ କରିଛନ୍ତି ।

ସତରେ କ'ଣ ଏବର ତରୁଣ ଦଳ ମୁକ୍ତି ପଥର ଯାତ୍ରୀ ହୋଇଛନ୍ତି ? ନା । ଏକଥା ଆଉ ଠିକ ନୁହେଁ । ତେବେ କଣ ଦ୍ରୁତ ଭାବରେ ବର୍ଦ୍ଧିତ ହେଉଥିବା ଭାରତର ଅର୍ଥନୀତିର ମଙ୍ଗ ଧରିବାକୁ ଯୁବ ଗୋଷ୍ଠୀଙ୍କର ଉଚିତ ତାଲିମ, ପ୍ରଶିକ୍ଷଣ, ଦିଗଦର୍ଶନ ଓ ସୁମନ୍ତ୍ରଣାର ଅବଶ୍ୟକତା ରହିଛି ? ନା ଶିକ୍ଷା ପ୍ରଣାଳୀରେ ପରିବ□ର୍ତ୍ତନ ଆଣି ସେମାନଙ୍କୁ ନୈତିକ ଶିକ୍ଷାର ମୂଲ୍ୟବୋଧ ବିଷୟରେ ଅବଗତ କରାଇଲେ ଅବକ୍ଷୟମାଣ ସମାଜରେ ସୁଧାର ଆଣିହୁଅନ୍ତା ! ଧର୍ଷଣ, ଲୁଣ୍ଠନ, ଚୋରି, ସାଇବର କ୍ରାଇମ ଆଦି ଅନାର୍ଯ୍ୟ ପ୍ରବୃ□ିରୁ ଯୁବ ସମାଜ କି□ିତ ମୁକ୍ତ ହୋଇ ପାରନ୍ତେ ?

ଥରେ ବେଦାନ୍ତ ଉପରେ କହିବାକୁ ବୁଦ୍ଧିଜୀବୀ ଜଣକ ଲେକଚର ହଲ୍‌ରେ ପହ□ି ଉପସ୍ଥିତ ଶ୍ରୋତାଙ୍କୁ ପଚାରିଲେ, ମୁଁ ଆଜି କେଉଁ ବିଷୟରେ କହିବି ଜାଣ ? ସମସ୍ତେ ଏକ ସ୍ୱରରେ ମନା କଲେ । ବକ୍ତା ହଲ୍ ଛାଡ଼ି ଚାଲିଗଲେ । କିଛି ତ ଜାଣନି, ଶୁଣିବ କଣ ! ଅନେକ ଅନୁରୋଧ ପରେ ଆଉ ଦିନେ ସଭା ଆରମ୍ଭ ହେଲା । ବକ୍ତାଙ୍କର ସେଇ ଏକା ପ୍ରଶ୍ନ । ଏଥର ଆୟୋଜକଙ୍କ କହିବା ଅନୁସାରେ ଅଧା ଶ୍ରୋତା ହଁ କଲେ, ଅଧା ନା କଲେ । ସେଥର ବି ବକ୍ତା ଜଣଙ୍କ କ୍ରୋଧିତ ହୋଇ "ଯେଉଁମାନେ ଜାଣନ୍ତି ସେମାନେ ନଜାଣିଥିବା ଲୋକମାନଙ୍କୁ ବୁଝେଇ ଦିଅନ୍ତୁ" ବୋଲି କହି ସଭାଗୃହ ଛାଡ଼ିଲେ । ବହୁ ଅନୁରୋଧ ପରେ ଶେଷ ଥର ବକ୍ତା ଯେତେବେଳେ ସେଇ ବିଷୟ ଉପରେ ଭାଷଣ ଦେବାକୁ ଆସିଛନ୍ତି, ଶ୍ରୋତାମାନେ ସେ ପ୍ରଶ୍ନର ଉ□ର ନ ଦେଇ ନିରବ ରହିଲେ । ସେଇ ନୀରବତାରୁ ସେମାନେ ଯେ ଗ୍ରହଣ କରିବାକୁ ଯୋଗ୍ୟ, ସେ ବିଷୟ ଆକଳନ କରି ବକ୍ତା ବେଦାନ୍ତର ଗୁଢ଼ତ□ ଶୁଣାଇଥିଲେ ।

ଆମ ଦେଶର ଯୁବକମାନେ ଏତେବି ପଙ୍ଗୁ ନୁହଁନ୍ତି ଯେ ଅନ୍ୟ ଦେଶ ପରି ପଚାଶ ହଜାର ଯୁବ ଶକ୍ତିଙ୍କୁ ରୁଲର ତଳେ ଚଢ଼ାଇଦେଲେ ଅନ୍ୟମାନେ ନିରବରେ ପାଟିରେ କନା ପୂରାଇ ବସି ରହିବେ । ନିଶ୍ଚେ ଅନ୍ୟାୟ ବିରୁଦ୍ଧରେ ତାଙ୍କ ଗରମ ଲହୁ ତାତି ଉଠିବ । ତେଣୁ ଏବେ ସମୟ ଆସିଛି, ଛୋଟ ଛୋଟ ସ୍ୱାର୍ଥର ଅଳିନ୍ଦ ଭିତରୁ ବାହାରି ଆସି ନିଜ ଭିତରୁ ଶୋଇ ରହିଥିବା ପରିଚୟକୁ ଉଜ୍ଜୀବିତ କରି ନିଜର, ନିଜ ପରିବାରର ଓ ନିଜ ଦେଶ, ଜାତିର ଉନ୍ନତି ପାଇଁ ଚେଷ୍ଟା କରିବା ଉଚିତ ।

**କାର୍ଡଗୁଡ଼ି, ବାଙ୍ଗାଲୋର,**

**ମୋ : ୯୮୪୦୭୦୬୧୪୦**

❑❑❑

**ଅନସୂୟା ପଣ୍ଡା ବାଣୀବିହାର ସ୍ନାତକୋ□ର କମ୍ପ୍ୟୁଟର ବିଜ୍ଞାନ ବିଭାଗର ୧୯୯୫-୯୭ ବ୍ୟାଚ ଛାତ୍ରୀ । କବିତା, ଗଳ୍ପ ଓ ପ୍ରବନ୍ଧ ଲେଖୁଥିବା ଶ୍ରୀମତୀ ପଣ୍ଡାଙ୍କର ଗୋଟିଏ ଗଳ୍ପ ସଂକଳନ ପ୍ରକାଶ ପାଇଛି ।**

# ପଥର ଦେହରେ ଫୁଟେ କବିତାର ଫୁଲ

**ଦେବାଶିଷ ପାତ୍ର**



ଓଡ଼ିଶାର ଜନଜାତିଙ୍କର ରହିଛି ନିଜସ୍ୱ ବିଶ୍ୱ । ତାଙ୍କ ଅସ୍ତିତ୍ୱ ଓ ଅସ୍ମିତାର ପ୍ରଭାବ ଓଡ଼ିଆ ସାହିତ୍ୟକୁ ଦେଇଛି ସ୍ୱତନ୍ତ୍ର ପରିଚୟ । କେବଳ କଥା ସାହିତ୍ୟ ନୁହେଁ, ଓଡ଼ିଆ କବିତା ବି ଜନଜାତି ଜୀବନ ଦ୍ୱାରା ଅନେକ ଭାବେ ପ୍ରଭାବିତ, ଯେଉଁଠି କଳାତ୍ମକତା ସହିତ ନୂତନ ଭାବାବେଗର ଐକ୍ୟତାନ ମୁଖରିତ । ସେମାନେ ଜୀଉଁଥିବା ଜୀବନ, ସେମାନଙ୍କ ସାଂସ୍କୃତିକ ମହାର୍ଘ ଓ ଜଗତୀକରଣର କ୍ରିୟାପ୍ରତିକ୍ରିୟା ଓଡ଼ିଆ କବିତାରେ ସଂଚିତ ହୋଇ ରହିଛି । ସେହି କବିତାର ତନ୍ମୟ ମୁଦ୍ରା ଜନଜାତିର ମୁଗ୍ଧ ଦୃଷ୍ଟି ଓ ବ୍ୟାକୁଳତାକୁ ପରଷିବା ସହିତ କାବ୍ୟମୋଦୀ ପାଠକଙ୍କୁ ବାନ୍ଧି ରଖିବାରେ ଯେ ସମର୍ଥ ଏହା ନିଃସନ୍ଦେହ ।

"ସେ ମୋର ଡଙ୍ଗର କ୍ଷେତ
ଯାହା ଉପରେ ପଡ଼ିଛି ମୋ ଲଙ୍ଗଳର ଗାର
ମୁଁ ବର୍ଷିଯାଏ ବର୍ଷାପରି,
ଶସ୍ୟ ହୁଏ ଦେହଛାଇ ତା'ର ।"

ଯେଉଁଠି ସ୍ୱପ୍ନ ଓ ଆନନ୍ଦର ଯାତ୍ରା, ଯେଉଁଠି ପ୍ରତିଟି ସ□ା ଭିତରେ ଜୀବନୀ ଶକ୍ତିର ଆରୋପ, ଯେଉଁଠି ଦୁଃଖ-ସୁଖ ଗହଗହ ହୋଇ ବୋହିଯିବାର ପ୍ରବଣତା; ସେଇଠି କବିତା ଫୁଲ ହୋଇ ଫୁଟିବା ଅନିବାର୍ଯ୍ୟ । ପୁଣି ସେହି କବିତାରେ ଯଦି ଜନଜାତିର ନିରୀହତା ଅଛି, ଦୂରନ୍ତ ଦୁଃଖର ଯନ୍ତ୍ରଣା ଅଛି, ଡଙ୍ଗର ସଂସ୍କୃତିର ଗୁଣୁଗୁଣୁ ସ୍ଥାପତ୍ୟ ଅଛି, ହଳଦୀ ଗୁରୁଗୁରୁ କ୍ଷେତର ଲହଡ଼ି ଅଛି, ତେବେ ସେ କବିତା ହୋଇଯିବ ସଂପ୍ରୀତି ଓ ସଂବେଦନାର ନୀଳ ରାଗିଣୀ ।

ପ୍ରୀତିପ୍ରଣବ ଗାଇ ଗାଇ ଅଂଧାର ଆସୁଥିଲା ତ' ଢେଉ ଢେଉକା ପାହାଡ଼ ଭରି ହେଉଥିଲା ସବୁଜିମାରେ, ପାଳଭୂତ ଦେଖୁଥିଲା ଜୀବନପରି ମିଠାଗୀତର ସ୍ୱପ୍ନ । ଗାଁ ମୁଣ୍ଡରେ ଠିଆ ହେଇଥିବା ଫୁଲଶାଢ଼ୀ ବନ୍ଧା ଶାଳ-ଶାଗୁଆନ ଗଛର ନୀରବତା ଭିତରୁ ଉତୁରି ଆସୁଥିଲା କବିତାର ଶବ୍ଦ । କୁନିକୁନି କାକର ବିନ୍ଦୁ ପରି ଝରିପଡୁଥିଲା ମହୁଲଗଛର ଫୁଲ । ଛଳଛଳ ଆବେଗରେ, ପରସ୍ତ ପରସ୍ତ ପଥର ଦେହରେ କେହି ଲେଖିଦେଉଥିଲା ବଢ଼ିଆଲୀ ଦେହର ଗୀତ ।

ଜୀବନର ମଧୁପାର୍ବଣ ଭିତରୁ ଝରଣାର ଛଳନାହୀନତା ପରି ଶବ୍ଦ ସବୁ ଚହଲିଯାଏ । ପାହାଡ଼, ଜଙ୍ଗଲ, ଝରଣା ସବୁ ମନେହୁଏ ମତୁଆଲା ପରି । ମନେହୁଏ ଡଙ୍ଗର ମଣିଷର ଜୀବନ ଭିତରୁ ଶବ୍ଦସବୁ ଧାଡ଼ି ବାନ୍ଧି ପୁଲକିତ ହେଉଛନ୍ତି ଆଉ ନୀରବିତ କୋଳାହଳରେ ଭରିଯାଉଛି କବିତାର ଅସରନ୍ତି ଦୃଶ୍ୟପଟ । ସାର୍‌ହୁଲର ଜହ୍ନ ଦେଖି ବଉଳିଆ ନିଶାରେ ବାଟବଣା ହେଉଛି ମହୁମାଛି । କବିତା ଖାଲି କବିତା ପରି ଭାବ ପ୍ରବୋଧକ ହେଉନାହିଁ

ବରଂ ଅଶେଷ ସ୍ୱପ୍ନ ଓ ଅସୁମାରୀ ସମ୍ଭାବନାର ଉ□ରଣ ନେଇ ଅମରତ୍ୱର ସରସପଣ ଝରୁଛି । ଯେମିତି କହୁଛି, ଏ କବିତା ଭିଜା ଭିଜା ଓ ମିଠାମିଠା ।

ଓଡ଼ିଶାରେ ଥିବା ବାଷଠି ଜନଜାତିଙ୍କର ରହିଛି ନିଜସ୍ୱ ମୌଖିକ ସାହିତ୍ୟ । ସେହିପରି ଓଡ଼ିଆ ସାହିତ୍ୟ ବି ଜନଜାତିର ଜୀବନଚର୍ଯ୍ୟା ଦ୍ୱାରା ପ୍ରଭାବିତ । ଜଳନ୍ଧର ଦେବ, ଗୋପାଳବଲ୍ଲଭଙ୍କ ଆଦ୍ୟ ଉପକ୍ରମଣିକା, ଗୋପୀନାଥ, ସୀତାକାନ୍ତ ଓ ପ୍ରତିଭାଙ୍କ ବାଟ ଦେଇ ପହ□ିଛି ଯୁବପିଢ଼ିଙ୍କ ପାଖରେ । ଯଦିଓ ଓଡ଼ିଆ କବିତାରେ ଜନଜାତିର ଅସ୍ତିତ୍ୱ ଓ ଅସ୍ମିତାର ଚିତ୍ର କଥାସାହିତ୍ୟ ପରି ବିପୁଳ ନୁହେଁ, ତଥାପି ତାହା ଯେ ଗୁଣାତ୍ମକ ଦୃଷ୍ଟିରୁ ଅପାଂକ୍ତେୟ ନୁହେଁ ତାହା ଗ୍ରହଣଯୋଗ୍ୟ । ଅତଏବ ଆମେ ସେହି କବିତାର କଥା କହିବା, ଯାହା ଜନଜାତିର ଜୀବନ ଶୈଳୀ, ଫୁଲଫୁଟା ମୁହୂ□, ଆଲୋକିତ ଅନ୍ଧକାର ଓ ଶାଳବଣର ସବୁଜ ଉପତ୍ୟକାରେ ମୁଖରିତ ଏକ ଲ୍ୟାଣ୍ଡସ୍କେପ୍ ଯେଉଁଠି 'ପଥର ଦେହରେ ଫୁଟେ କବିତାର ଫୁଲ' ।

ଜନଜାତି ଜୀବନଚର୍ଯ୍ୟାର କବିତା ଆସିଲେ ଆମେ ହୃଦୟବେଦନାସିକ୍ତ ମଧୁର ଗନ୍ଧରେ ଭରପୁର 'ଗାନ୍ଧର୍ବିକା ଶତଦଳ'କୁ ସାମ୍ନା କରୁ । ଲକ୍ଷ୍ମୀନାରାୟଣ ସାହୁ ଜନଜାତି ଜୀବନ ଧାରାରୁ ଯେ ଓଡ଼ିଆ କବିତା ଅଲଗା ନୁହେଁ ତାହା ଏଥିରେ ପ୍ରମାଣ କରିଦେଇଗଲେ । ଅବଶ୍ୟ ଏହାର ଅଧିକାଂଶ କବିତା ଜନଜାତି ଲୋକଗୀତିର ଓଡ଼ିଆ ଅନୁବାଦ, ଯେଉଁଥିରେ ରହିଛି କନ୍ଧ, କୋୟା, ପରଜା ପରି ପନ୍ଦର ଜନଜାତିର ମାର୍ମିକ ଆବେଦନ । ଜନଜାତିର ଅସ୍ତିତ୍ୱକୁ ଓଡ଼ିଆ ପାଠକଙ୍କ ପାଖରେ ପରଷିବା ଓ ଆଦ୍ୟ ପ୍ରୟାସ ପାଇଁ ସେ ଆମର ନମସ୍ୟ । ଜନଜାତିର ସ୍ୱଜାତି ମାନସିକତା, ମହୁଲବଣ, ଚଢ଼େଇ ଗୀତ ଓ ଲୋକବିଶ୍ୱାସ ସେ କବିତାରେ ଫୁଟିଉଠିଛି–

"ହଳଦୀ ବସନ୍ତ ଏଠି ସେଠି ଉଡ଼ିବସେ
କିଏ ଆମର ସ୍ନେହି ଆସିଲେ କି ?
ମାମୁର ଝିଅ ଆସିଥିବ ପରା ।"
(ଗାନ୍ଧର୍ବିକା ଶତଦଳ)

ତେବେ ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ କବି ସୀତାକାନ୍ତ ମହାପାତ୍ରଙ୍କ ଆଦିବାସୀ କବିତା ଗୁଚ୍ଛ ଓଡ଼ିଆ କବିତା ପାଇଁ ନେଇଆସେ ଅନେକ ସ୍ୱପ୍ନ ଓ ସମ୍ଭାବନା । ୧୯୭୭ରେ କବି ସୀତାକାନ୍ତଙ୍କ ଦ୍ୱାରା ମୁଣ୍ଡା ଏବଂ ଓରାଓଁମାନଙ୍କର ଗୀତର ଓଡ଼ିଆ ଅନୁସୃଜନ ପ୍ରକାଶ ପାଏ 'ସାର୍‌ହୁଲ୍‌ର ଜହ୍ନ' ନାମରେ; ଯେଉଁଠି ଜନଜାତିର ଜୀବନଶୈଳୀ, ଫୁଲଫୁଟା ମୁହୂ□, ପ୍ରାଣ ଛଳଛଳ କଥା ଗୀତିମୟତାରେ ପ୍ରବାହିତ । ଜନଜାତିର ଜୀବନ ଯେ ଅତୁଲ୍ୟ, ପୁଣି ବିଷାଦ ଓ ଦୁଃଖରେ ତାହା ଅଧିକତର ଆଶାନ୍ୱିତ ହେବାର ସମ୍ଭାବନାରେ ଭରିଯାଏ ତାହା ଉପଲବ୍ଧି କରିହୁଏ ସୀତାକାନ୍ତଙ୍କ କବିତାରେ ।

"ମନୁଷ୍ୟ ଜନ୍ମ ଦି' ଦିନ ପାଇଁ
ସେଥିପାଇଁ ଆମେ ହସି ଖେଳି ଭଲପାଇ ବ□ିବା
ହେ ପ୍ରିୟ, ଏ ଜୀବନ
ଆଉ ତ ମିଳିବ ନାହିଁ ॥
କୁମ୍ଭାର ହାଣ୍ଡି ଭାଙ୍ଗିଗଲା ପରେ
ତା' ପାଖକୁ ଆଉ ଲେଉଟି ଆସେନି
ହେ, ପ୍ରିୟ ଏ ଜୀବନ
ଆଉ ତ ଲେଉଟି ଆସିବନି ॥"
(ସାରହୁଲ୍‌ର ଜହ୍ନ)

ପ୍ରକୃତରେ ଏହି କବିତାର ଅନ୍ତଃସ୍ୱର ବିଶ୍ୱର ଯେ କୌଣସି ଜନଜାତିର ଜୀବନାନୁଭବର ସଂକେତ । ପୁନଶ୍ଚ ଜନଜାତି ଜୀବନଧାରାର ଏହି କବିତାରେ ରହିଛି ସକଳ ଉପାଦାନ । ସେଠି ଦୃଶ୍ୟମାନ ହୁଏ ଏକ ନିଟୋଳ ଜୀବନ ତ' ପୁଣି ଝରିପଡୁଥାଏ ଧାଂଡ଼ା–ଧାଂଡ଼ୀର ଗୋପନ ପ୍ରେମର ଲଳିତପଣ । ଜହ୍ନରାତିରେ କାଜୋଡ଼ି ଓ ବାଗ୍‌ଲାମାନେ ଅକୁଳାଣ ସମୟକୁ ବାନ୍ଧିରଖିବାର ପ୍ରୟାସ କରନ୍ତି । ଅଥଚ ମନଲୋଭା ଦୁଃଖ ଭିତରେ ପ୍ରୀତିପଣିଆର ଅଭିଷେକ ହୁଏ–

"ପୋଡ଼ାମକା ଆଉ ସିଝା ମକାକୁ
ଶବ୍‌ଦରେ ଯୋଡ଼ି
ତୋ ପାଇଁ ମୁଁ ଏଇ ଗୀତ ଫାନ୍ଦିଛି ।
ଆଲୋ ମୋ ଧାଙ୍ଗଡ଼ି
ତୋ ନାକର ସୁନା ଫାଶି କି ସୁନ୍ଦର
ତୋରି ମୁହଁକୁ ଝୁରିଝୁରି
ମୋ ଡୁଙ୍ଗ୍‌ଡୁଙ୍ଗାର ତାର କାନ୍ଦୁଛି ।"

ଗ୍ରାମାନ୍ତିକ ମହୁଲଜଙ୍ଗଲ ଭିତରେ ଫୁଲ ସାଉଁଟୁଥିବା କେହି ନୀଳମେଘୀ ଦାରିଦ୍ର୍ୟର ଟାଣପଣ ଭାଙ୍ଗି ଧାଂଡ଼ା ଆଖିରେ ଉତୁରେଇ ଆଣିଛି ପ୍ରୀତିପଣର ସିଂଫୋନୀ । ଜହ୍ନ ଆଲୁଅରେ ପୃଥିବୀକୁ ନିଆରା ଭାବେ ଦେଖୁଥିବା ପରଜାର ପ୍ରେମଜୀବନ ଉତୁରି ଆସିଛି ସୀତାକାଂତଙ୍କ 'ଶାଳଗଛ ଫୁଲରେ ନଇଁଛି' କବିତା ଗୁଚ୍ଛରେ । ଅସରନ୍ତି ଦୁଃଖ ଭିତରେ ଜାନି ମନେପକାଏ ପବିତ୍ର 'ଡୁମା'କୁ; ଯାହାକୁ ସନ୍ତୁଷ୍ଟ କଲେ କ୍ଷେତରେ ଭଲ ଫସଲ ହେବ, ପରିବାର ବଢ଼ିବ, ଭଲ ଶିକାର ମିଳିବ । କେବେ ପୁଣି ନିଶାଣି ମୁଣ୍ଡାଠାରେ ଦିସାରୀ ଗାଁର ଶୁଭ ମନାସେ । ଚଇତି ପରବର ବେ□ ଶିକାର ବେଳେ କୋୟା ଯୁବକମାନେ ଗୋପନ ଶକ୍ତିକୁ ସ୍ମରଣ କରନ୍ତି । କବିଟିଏ ଅନୁଭବ କରେ ସେମାନଙ୍କ ସମର୍ପଣକୁ ଆଉ କହେ–

"ହେ ପାହାଡ଼ ଦେବତା, ଚଗଲାଲି
କୁତ୍ରା ପଲଙ୍କୁ ଆମ ସାମ୍ନାକୁ
ଆଣିଦିଅ ।
ହେ ପାହାଡ଼ ଦେବତା
ହରିଣ ପଲଙ୍କୁ ଆମ ସାମ୍ନାକୁ
ଆଣିଦିଅ ।"

(ଶାଳଗଛ ଫୁଲରେ ନଇଁଛି)

ସେହିପରି ସୁବାସ ଚନ୍ଦ୍ର ମିଶ୍ରଙ୍କ 'ଚୈତ୍ରଗାନ' ଜନଜାତି ଜୀବନର ଅନ୍ତର୍ଜଗତକୁ ଉଦ୍‌ଭାସିତ କରିଛି । ଚଇତିପରବର ଗୀତକୁଡ଼ିଆ ଓ ଗୀତ୍‌କୁଡ଼ିଆଣିର ହାସ-ପରିହାସ । ଧାଂଡ଼ା-ଧାଂଡ଼ୀର ପ୍ରେମ, ଡଙ୍ଗର ଜୀବନ ଅତ୍ୟନ୍ତ ମୁଖରିତ । ଓଡ଼ିଆ ଭାଷା ସହିତ ଆଦିବାସୀ ଓ ଦେଶିଆ ଭାଷାର ମିଶ୍ରଣରେ ସୃଷ୍ଟ ଏହି କବିତାଗୁଚ୍ଛ ଭାବ ଓ ପ୍ରେମର ମୃଗମଦ ଗନ୍ଧରେ ଭରା-

"ଏ ଧାନ ଜମିରେ ଧନ
ତୋତେ ଦେଖି ମନ
ହେଲା ଛନ ଛନ,
ଯେତେ ସବୁ ଗଛବୃଛ
ବରଷାରେ ଭିଜୁଥିଲେ
ସର୍ଜିଥିଲା ମୋ, ମନରେ ଶ୍ରାବଣ ଦହନ ।"
(ଚୈତ୍ରଗାନ, ଗୀତ-୫୯)

ଜନଜାତି ଜୀବନ ଭି□କ କବିତାରେ ରୂପ ପାଏ ସେମାନଙ୍କ ମହାର୍ଘ ଜୀବନର ପ୍ରତିଟି ଘଟଣାବଳୀ । ତରଳ ରୂପାର ଜହ୍ନ, କାଠ ହଣା ଚଢ଼େଇର ଗୀତ, ଚଇତି ବେ□, ଡଙ୍ଗର ହାଟ, ଧୁଙ୍ଗିଆ କ୍ଷେତ, ନିଛାଟିଆ ଝୋଲାକୂଳ, ଧାଂଡ଼ୀର ଫାଳିକିଆ ଖୋସା ଓ ଡଙ୍ଗରିଆର ପ୍ରଣୟ ପର୍ବ, ଦିଅଁ-ଦେବତା । ଏ ସବୁ ଭିତରେ ହଳଦୀ ବର୍ଣ୍ଣର ଦୁଃଖ ଜମାଟବାନ୍ଧେ । ଅନ୍ଧବିଶ୍ୱାସ, ଦିଶାରୀ, ଦୁର୍ବଳ ଅର୍ଥନୀତି, ସାହୁକାର, ଗୋତିପ୍ରଥା ଧସେଇ ପଶେ କବି ଲେଖନୀରେ ସେ ଦେଖେ ଡଙ୍ଗରର ଭୋକ, ଖଦି- ଖାଦିର ସମସ୍ୟା । କନ୍ଦ, କରଡ଼ି, ମହୁଲ, କାନ୍ଦୁଲ, ଆମ୍ବ କୋଇଲି, ବାସି ପେଜରେ କେହି ଯେମିତି କହିଦିଏ ଏଇତ ଜୀବନ, ଡଙ୍ଗର ଜୀବନ-

"ତୋ ମଣିଷ ତା'ହାଟରେ
ଜାଣେନି ତା' ଦରବର ମୂଲ
ଶୁଣ୍ଡି ସାହୁକାର ହାତେ
ଶୋଷଣ କଷଣ ସହି ହୁଏ କଲବଲ
ସଉଦା ବୋଇଲେ ତାରି ଖାଦିପଟା
ବୋତଲରେ କିଛି ମାଟିତେଲ
ଜଙ୍ଗଲୀ ମଣିଷ ସିଏ
ମାଟିରେ ସରଗ ତା'ର ବଣ ଓ ଜଙ୍ଗଲ ।"
(କୁରେଇ ଫୁଲର ଖୋସା)

ଧନଞ୍ଜୟ ସ୍ୱାଇଁଙ୍କ 'କୁରେଇ ଫୁଲର ଖୋସା'ରେ ଏହିପରି ଅନେକ ଚିତ୍ର ନିଟୋଳ ଭାବେ ପ୍ରତିଫଳିତ । ସେହିପରି 'କାଜୋଡ଼ିର ପ୍ରୀତିଗୀତ'ରେ କବି ସୁବାସ ଚନ୍ଦ୍ର ମିଶ୍ର ପରଷିଛନ୍ତି ଜନଜାତିର ଭାବଭୂମି ଉପରେ ଛିଡ଼ା ହୋଇଥିବା ପ୍ରେମର ତନ୍ମୟମୁଦ୍ରା ଓ ବ□ିବାର ମୁଗ୍ଧ ଅନୁଭବକୁ । ଜଣେ ଧାଂଡ଼ୀର ପ୍ରଥମ ଅନୁରାଗ, ପ୍ରାପ୍ତି-ଅପ୍ରାପ୍ତିର ସୁଖ-ଦୁଃଖର ଗୀତିମୟତାକୁ କାଜୋଡ଼ି ମାଧ୍ୟମରେ ଜଣାଇଛନ୍ତି । ଧାଂଡ଼ୀବସାରେ ଥିବା କାଜୋଡ଼ି ଧାଂଡ଼ାବସାରୁ ଶୁଣେ ପ୍ରୀତିଗୀତ । ଶାଳବଣର ସବୁଜିମା, ସୋଡ଼ାମାଳି ପରବତର କଥା, ଝୋଲା ଆଉ ଝରଣାର କୁଳୁକୁଳୁ କେବଳ ଜୀବନର ସୁଆଦ ଗୁଣୁ ଗୁଣଉଥାଏ ।

ଜନଜାତିର ଜୀବନରେ ଯେ କେବଳ ଆଜିର ମୂଲ୍ୟଅଛି । କାଲିକି ଆମ୍ବଟାକୁଆର ଜାଉ, ପୋଡ଼ାମାଛର ସୁଆଦ, ସିନ୍ଧିକଡ଼ା, କାଇଭଜା ମିଳିବ କି ନାହିଁ, ସେଥିରେ ଦୁଃଖ ନାହିଁ । ବରଂ ଦୁଃଖ ଭୁଲି ଏଇ ସାନ ଜୀବନକୁ ଜୀବନ ପରି ମିଠାଗୀତର ସ୍ୱରରେ ଭରିଦେବା ସେମାନଙ୍କ ଜୀବନର ଲକ୍ଷ୍ୟ । ତେଣୁ ତ' କାଜୋଡ଼ି, ଗୁରୁପ୍ରିୟା, ଫୁଲମତୀମାନେ ଗାଇ ଚାଲନ୍ତି-

"ଏଣୁ ଏଇ ସାନ ଜୀବନରେ
ଦୁଃଖ ସତ ଦର୍ମୁପରି
ବସୁମାତା ପରି
* * * *
ଖୁସି କର, ଗୀତଗାଅ, ନାଚ କର
ଏ ଜୀବନ ଅଳ୍ପଦିନ
ଧୂଆଁଶୁଖା ଜିଆଦ ମାଉଁସ
ସରିଯିବା ପରି, ଦିନେ ସରିଯିବ ।"
(ଗୀତ-୨୭, କାଜୋଡ଼ିର ପ୍ରୀତିଗୀତ)

କବି କେବଳ ଡଙ୍ଗର ଭୂଇଁରେ କୁରେଇ ଫୁଲର ମହକ ଅନୁଭବ କରେନାହିଁ । ସେ ଦେଖେ କେଉଁଠି ଡଙ୍ଗରର ମାଟିହାଣି ଧାଂଡ଼ା ବୁଣି ଦେଉଛି ଦୁଃଖର ମଂଜି । ଝୋଲାଟଙ୍କାର ବୋଝ, ଜଙ୍ଗଲ ଜମାନର ଅଦଉତି, ଗୋତି, ଦାଦନ, ବିସ୍ଥାପନ କଳାମେଘରର ଶକ୍ତ ପ୍ରହାର ପରି ଅଜାଡ଼ି ହୋଇପଡ଼େ ମୁଣ୍ଡିଆ ପାହାଡ଼ ଉପରେ । କାଠହଣା ଚଢ଼େଇର ଗୀତ, ମୁଣ୍ଡ ଉପରେ ଥିବା ଶିଆଳୀ ତଲାରୀ, ଧାଂଡ଼ୀର ନୀଳ ଆମଂତ୍ରଣରୁ ସେ ଆଖି ଫେରାଇ ନିଏ । ଟାଙ୍ଗିଣିଗୁଡ଼ାରୁ ଖାଣ୍ଡିପଦର, ଇରାଳଗୁଣ୍ଡିରୁ ସର୍ଷୁପଦର, ଶିମିଳିପାଳରୁ ସଲଗମ୍‌ପୁଟ କବି ଦେଖେ ଓ ଶୁଣେ-

"ଲୁଟ୍ ହୋଇ ଚାଲିଛି ତା' ଫସଲ
ତା' କ୍ଷେତ ତା' ଡଙ୍ଗର
ତା' ଗଛ ବୃଛ
ଝୋଲା ଓ ନଦୀର ପାଣି
ମାଟି ତଳର ପାକନା
ଲୁଟି ନିଆଯାଉଛି ତା' ମହୁଲିର ମାଦକତା
ସଲପର ଆମେଜ୍
ଢୁଙ୍ଗଢୁଙ୍ଗା ଓ ଢେମ୍‌ସାର ଡିମ୍‌ଡିମ୍
ନାଟର ତାଳ
ଧାଙ୍ଗଡ଼ୀଙ୍କ ଖିଲିଖିଲି ହସ
ବଣଫୁଲର ମହକ ।"

(କୋରାପୁଟ-୨; ବସୁନ୍ଧରାମାଟି, ବିଜୟ ଉପାଧ୍ୟାୟ)

କବି ବିଜୟ ଉପାଧ୍ୟାୟଙ୍କ 'ବସୁନ୍ଧରା ମାଟି' ଜନଜାତିଙ୍କ ସମସ୍ୟାରେ ମୁଖରିତ ହେଉଥିଲାବେଳେ ସମରେନ୍ଦ୍ର ନାୟକଙ୍କ 'ଲାଲପତ୍ର ଓ ନୂତନ ପୃଥିବୀ'ର ପ୍ରତିଟି କବିତା ଜମି, ଜଳ, ଜଙ୍ଗଲ, ଦାଦନ ଓ ବିସ୍ଥାପନର କଥା କହେ, ଯାହା କବିଙ୍କ ଦୃଷ୍ଟିରେ ସଂଘାତ ପୀଡ଼ିତ ଜନଜାତିର ଆକୁଳତା ଓ ବ୍ୟାକୁଳତା ।

"କାଲିକି ସେ ବଣ୍ଡା ପର୍ବତ ଆଉ ଡିଡେଇ ଘାଟି
ଚୂର୍ମାର କରି ଦେଇପାରେ ତା'ର ପଦାଘାତରେ
କନ୍ଧ କୋୟା-ଦୁରୁଆ
କମାର-ହାଲବା-ଗଣ୍ଡିଆ
ରଣା-ଦୋରା-ପରଜା
ଆଦିବାସୀର ଗାଁ ସବୁ ହଜିଯାଇପାରେ
ତା'ର ପରମାଣୁର ଆଁ ଭିତରେ ।"

(ଲାଲପତ୍ର ଓ ନୂତନ ପୃଥିବୀ)

ଡଙ୍ଗର ମଣିଷ ତଥାପି ସ୍ୱପ୍ନ ଦେଖେ ନଦୀବନ୍ଧ ଯୋଜନାରେ କ୍ଷେତକୁ ପାଣି ମାଡ଼ିବ, ଘର ଉଜିଆ (ଆଲୁଅ) ହେବ, ଶୋଷଣର ପଞ୍ଝାରୁ ମୁକ୍ତି ମିଳିବ; ଯେଉଁଠି ନନ୍ଦୁ କବାସୀ, ଘାସି ମୁଦୁଲି, ସାନନ୍ଦ ମୁର୍ମୁ ଓ ଘନ କିର୍ସାନୀମାନେ କଙ୍କରିଳ କୁଟିକମର ଜୀବନ ଭିତରୁ ମୁହଁ ଦେଖାନ୍ତି । କିନ୍ତୁ କିଏ କୌଶଳ କରି ସେମାନଙ୍କୁ ବାରୁଦର ଗନ୍ଧ ଓ ରକ୍ତର ଛିଟା ଭିତରେ ଜୀଇଁବାକୁ ବାଧକରେ । ଅନେକ ବିସଙ୍ଗତି, କାତର୍ଯ୍ୟପଣ, ଶୂନ୍ୟତା ଦୁଃଖର ଅତୁଟ ଲୟ ଭିତରୁ ମାନବିକତାର ମୂର୍ଚ୍ଛନା ନେଇ କବିକୁ ଚହଲାଇ ଦିଏ । ଦେବାଶିଷ ପାତ୍ରଙ୍କ 'ଶବ୍ଦସଂଗମ'ର ଅଧିକାଂଶ କବିତା ମୁଖରିତ ହୁଏ ଜନଜାତିର ଜୀବନାନୁଭବକୁ ନେଇ-

(୧) କିଏ ଧାଂଡ଼ା ହାତରୁ ଛଡ଼େଇ ନେଇଛି ଢୋଲ
ଧରେଇ ଦେଇଛି ବନ୍ଧୁକ ଓ ମୃତ୍ୟୁର ପରୱାନା,
ଧାଂଡ଼ୀ ଫିଙ୍ଗିଦେଇଛି ପାଦରୁ ପାଉଁଜି,
ଖୋସାରୁ କୁରେଇ ଫୁଲ
ଏବେ ଚୈତ୍ରଗୀତ ନୁହେଁ
ମୃତ୍ୟୁଗୀତ ଗାଇ ଚାଲିଛି ମାଦଳ ସଂଜ ।

(ଜଙ୍ଗଲଗୀତ, ଶବ୍ଦ ସଂଗମ)

(୨) ପାହାଡ଼ର ଝରପାଣି ଅଟକିଛି
କେଉଁ ନଦୀବନ୍ଧ ଯୋଜନାରେ
କ୍ଷେତରେ ନାହିଁ ସୁଆଁ, ମାଣ୍ଡିଆ
ଭାଙ୍ଗି ଯାଇଛି ମକାକ୍ଷେତର ପାଳଭୂତ ।

(ଆଦିବାସୀ, ଶବ୍ଦ ସଂଗମ)

ଜନଜାତିର ଭୂମି ଦୋହଲିଯାଏ । ଅବହେଳିତ ପ୍ରସଙ୍ଗ ବହ୍ନିମାନ ହୁଅନ୍ତି । ସେ ଅଧିକାର ଖୋଜେ, ଭୋକର ଭୂଇଁରେ, ସାମାଜିକ ବୈଷମ୍ୟରେ, ଅବହେଳାର ଆତ୍ମାପମାନରେ । ଦାରିଦ୍ର୍ୟ, ଶୋଷଣ ଓ ଜୀଇଁବାର ଅଧିକାର ଓ ଭିଟାମାଟିର ଭଗ୍ନ ଭୂଖଣ୍ଡକୁ ନେଇ ମାନବବାଦୀ ଭାବ ନେଇ କବି କହେ-

"ଏଥର କଳାହାଣ୍ଡିକୁ ଭୁଲିଯାଅ
ପର୍ଯ୍ୟଟନ ମାନଚିତ୍ରରେ
ଏ ବର୍ଷର ତୀର୍ଥ ହେଉଛି କାଶୀପୁର ।"

(କାଶୀପୁର, ଜଗନ୍ନାଥ ପ୍ରସାଦ ଦାସ)

ଯଦିଓ ଜନଜାତି ଜୀବନ ଭି□କ କଥା ସାହିତ୍ୟ ପରି କବିତାର କ୍ଷେତ୍ର ବ୍ୟାପକ ନୁହେଁ । ତଥାପି ଅନୁଭବ କରିହୁଏ ଡଙ୍ଗର ଜୀବନ ଭିତରେ ଅଛି ବଗିଚା ଭ□ ସଂଗୀତ । କବିଟିଏ ପାର୍ଥିବ, ଅପାର୍ଥିବ ସଂସ୍କୃତି ସହିତ ସେମାନଙ୍କ ଚଳଣି, ସାମାଜିକ ଜୀବନଧାରା ଓ ସମସ୍ୟାକୁ ଚିତ୍ରାୟିତ କରିବାର ପ୍ରୟାସ କରିଛି । ଟୋକେଇ ଭ□ ଦୁଃଖକୁ ଆନନ୍ଦରେ ବଦଳାଇବାର ପ୍ରୟାସ କରିଛି । ଆଲୋଚିତ କବିମାନଙ୍କ ବ୍ୟତୀତ ଆଦିବାସୀର ଜୀବନଚର୍ଯ୍ୟାକୁ ନେଇ କବିତାର ଇଲାକାରେ ପଶିଛନ୍ତି ବାସୁଦେବ ସୁନାନୀ, ଭାରତ ମାଝୀ, ରବି ଶତପଥୀ, ଜଳଧର ସ୍ୱାଇଁ, ଚକ୍ରପାଣି ପରିଛା, ପ୍ରଦୀପ ମିଶ୍ର ପ୍ରମୁଖ ।

କବିତା ପାଠକକୁ ଅଜଣା ଇଲାକାକୁ ନେଇଯାଏ ଆଉ ଜୀବନର ଶୁଦ୍ଧିକରଣ କରେ- ଏହି ଉକ୍ତି ଯଦି କବିତା ପାଇଁ ପ୍ରଯୁଜ୍ୟ; ତେବେ ଏହିସବୁ କବିଙ୍କ କବିତାରେ ରହିଛି ସେହି ସତ୍ୟତାର ଉପଲବ୍ଧି । ପରିବ□ନର ଯୁଗରୁଚି, ତୀକ୍ଷ୍ଣ ନିରୀକ୍ଷଣ, ତନ୍ନ ତନ୍ନ ଅନୁଶୀଳନ, ବିମ୍ବର ବିସ୍ମୟ ପ୍ରକୃତରେ ଜନଜାତି ଜୀବନ ଭି□କ କବିତାକୁ ପ୍ରଦାନ କରିଛି ନୂତନ ସ୍ଥାପତ୍ୟ ।

ଆପଣ ଯଦି କେବେ ଜନଜାତିର ଆଦିଭୂମିରେ ପାଦ ଥାପିବେ, ତେବେ ଦେଖିବେ ଶବ୍ଦ ଓ ଭାବ ମିଶି ଡେଣା ମେଲୁଛି ଡଙ୍ଗର । ପୁଣି ଦେଖିବେ ମାଘ ଓ ଫଗୁଣର ସନ୍ଧିକ୍ଷଣରେ ଝରି ପଡୁଛି ଶୀତ, ପତ୍ର ଫାଙ୍କରୁ ମୁହଁ ଦେଖାଉଛି ସାରହୁଲ୍‌ର ଜହ୍ନ, ଅଦେଖା ମେଘର ବାମ୍ଫ ଢାଙ୍କି ଦେଉଛି ଆପଣଙ୍କ ମନ ଇଲାକାକୁ । ପାହାଡ଼ ଯାକ ସୁଆଁ, ମାଣ୍ଡିଆର କୁନି କୁନି ଗଛ ଚେକାମାଡ଼ି ବସିଛି । ଡୁଙ୍ଗ୍ ଡୁଙ୍ଗାର ସ୍ୱର ଲହରେଇ ଲହରେଇ ପବନରେ ଭାସି ଆସୁଛି । ଜୀବନ ମରଣର ଗୀତ ଭିତରୁ ଜୀବନର ଗୀତ ବିଜୟ ଲଭିଛି । ଅନ୍ଧାର କଟିଛି, ଫର୍ଚ୍ଚା ଆଲୁଅର ଅଣୁ ବିସ୍ତାରି ଯାଉଛି ଡଙ୍ଗରରୁ ଡଙ୍ଗରକୁ । ଦୂରରୁ କେହି ଜଣେ କବିତାରେ ସୁର ଦେଇ ଗାଇ ଉଠୁଛି-

"ମୋର ବରଷାର ଗୀତ<br>
ଡେଙ୍ଗ ଉପରେ ମଲ୍ଲୀଫୁଲ ପରି ସୁନ୍ଦର ଯେ<br>
କାଳିଆ ବେଣୀରେ ଝିଲିଝିଲି ଜାଇଫୁଲ<br>
ଫୁଲ ବେଶ ହୋଇ ବେଣୀ ଦୋହଲାଇ ଆସିବ,<br>
ଆସିବ ମୁଁ ଜାଣେ ।"

ଜନଜାତି ଜୀବନଭି□କ କବିତାରୁ ଛିରିକି ପଡୁଛି ଜୀବନର ରଂଗ, ଗହୀର ଜଙ୍ଗଲର ନେଳି-କଳା ତରଙ୍ଗ ଭିତରକୁ ଆକର୍ଷିତ ହେଇ ଆଶା ଓ ବିଶ୍ୱାସ ପାଦ ବଢ଼ାଇଛନ୍ତି । ସେ ଚାଲିବା ସରିବାର ନୁହେଁ, ଜୀବନ ବୋଧର ନିସ□ ସମର୍ପଣ ଓ ଗୋପନ ସ୍ନେହର ଅଦ୍ଭୁତ ରଙ୍ଗ ନସରିବା ଯାଏଁ ।


ସହାୟକ ଗ୍ରନ୍ଥସୂଚୀ:

୧. ମହାପାତ୍ର, ସୀତାକାନ୍ତ : ସାରହୁଲ୍‌ର ଜହ୍ନ, ୧ମ ସଂସ୍କରଣ, ୧୯୭୭

୨. ମହାପାତ୍ର, ସୀତାକାନ୍ତ : ଶାଳଗଛ ଫୁଲରେ ନଇଁଛି, ଆଦ୍ୟା ପ୍ରକାଶନୀ, ୨୦୦୧

୩. ମିଶ୍ର, ସୁବାସ ଚନ୍ଦ୍ର : ଚୈତ୍ରଗାନ, ଲିପିକା, ୨୦୧୧

୪. ସ୍ୱାଇଁ, ଧନଞ୍ଜୟ : କୁରେଇ ଫୁଲର ଖୋସା, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ୨୦୦୧

୫. ଉପାଧ୍ୟାୟ, ବିଜୟ : ବସୁନ୍ଧରା ମାଟି, ପ୍ରଜ୍ଞାଧାରା, ୨୦୦୩

୬. ରକୁଡେକ୍ରୋ : ଲାଲପତ୍ର ନୂତନ ପୃଥିବୀ, ଚିତ୍ରୋତ୍ପଳା ପବ୍ଲିକେଶନ, ୨୦୦୨

୭. ମିଶ୍ର, ସୁବାସଚନ୍ଦ୍ର : କାଜୋଡ଼ିର ପ୍ରୀତିଗୀତ, ଲିପିକା, ୨୦୧୧

୮. ପାତ୍ର, ଦେବାଶିଷ : ଶବ୍ଦ ସଂଗମ, ଲେଖାଲେଖି, ୨୦୧୩

୯. ପାତ୍ର, ଦେବାଶିଷ : ଦକ୍ଷିଣା□ଳ ଓଡ଼ିଆ ଜନଜାତି ସଂସ୍କୃତି ଓ ସାହିତ୍ୟ, ଓଡ଼ିଆ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୨୦୧୫

୧୦. ପାତ୍ର, ଦେବାଶିଷ : ମୁଦୁଲିପଡ଼ାର ଲୋକେ, ସଂଶ୍ରିତା ପ୍ରକାଶନୀ, ୨୦୧୦


❑❑❑


**ଡକ୍ଟର ଦେବାଶିଷ ପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋ□ର ଓଡ଼ିଆ ବିଭାଗର ୧୯୯୨-୯୪ ବ୍ୟାଚ୍ ଛାତ୍ର । ଏବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋ□ର ଭାଷା ଓ ସାହିତ୍ୟ ବିଭାଗରେ ସହଯୋଗୀ ପ୍ରଫେସର ଭାବେ କାର୍ଯ୍ୟରତ ଡକ୍ଟର ପାତ୍ର ଗଳ୍ପ, କବିତା ଓ ପ୍ରବନ୍ଧ ଲେଖନ୍ତି । ସେ ବହୁ ପୁସ୍ତକର ସ୍ରଷ୍ଟା ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ମାନିତ ।**

# Unseasonal Pineapple

**Bijay Prasad Mahapatra***



Bijay Prasad Mahapatra



K K Mohapatra

